
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩/୨୦୨୬ (୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 3/2026 Page 12 ₹ 7.00 | RAYAGADA

୫୨ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 52 ISSUE 41 ମୂଲ୍ୟ ₹୭/-

**୨୪ ଗୁଣା ବଢ଼ିଲା ପାରିଶ୍ରମିକ**

ସପୋର୍ଟିଂ ଅଭିନେତ୍ରୀରୁ ନାୟିକା ସାଜିଥିବା ତୃପ୍ତି ଡିମ୍ରୀଙ୍କ ପାରିଶ୍ରମିକ ଏବେ ୨୪ ଗୁଣ ବଢ଼ିଛି। 'ସ୍ପିରିଟ୍' ଫିଲ୍ମ ପାଇଁ ସେ ୪ରୁ ୬ କୋଟି ଟଙ୍କା ପାଇବେ।

୦୨

୧୨

**ମାରିଜନେ ମହିଳା ହକି ମୁଖ୍ୟ କୋଚ୍**

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି ନେଦରଲାଣ୍ଡ୍ସର ଜୋର୍ଡ ମାରିଜନେ।





ପୁରୀରେ ଶୁକ୍ରବାର ସକାଳେ ସିରିଜ ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତ୍ୟକ୍ତଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଟାୟାର ଜାଳିବା ସହ ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି) (ରିପୋର୍ଟ: ପୃଷ୍ଠା-୩)

# ଇରାନ୍‌ରେ ଖାମନେଇ ବିରୋଧୀ ବିକ୍ଷୋଭ: ୭ ମୃତ

ହମାସ ସମର୍ଥନରେ ବାହାରି ଗତବର୍ଷ ଜୁନ୍‌ରେ ଇସ୍ରାଏଲ ସହ ୧୨ ଦିନ ଯୁଦ୍ଧ କରିଥିବା ଇରାନ୍ ଏବେ ନିଜ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତିକୁ ସାମ୍ନା କରିଛି। ଦରଦାମ ବୃଦ୍ଧି, ଆମେରିକୀୟ ଡଲାର ତୁଳନାରେ ରିଆଲର ଅବମୂଲ୍ୟାୟନ, ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ବିରୋଧ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଆର୍ଥିକ କଟକଣା ଲଗାଇବା ଓ ଗଲା ଡିସେମ୍ବରରେ ମୁଦ୍ରାସ୍ଫୀତି ୪୨.୫%ରେ ପହଞ୍ଚିଥିବା ବେଳେ ତେହରାନ୍ ଅର୍ଥନୀତି ସ୍ଥାଣୁ ପାଲଟିଥିବାରୁ ନାଗରିକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମନେଇଙ୍କୁ ହଟାଇବା ପାଇଁ ବିକ୍ଷୋଭ ଜୋରଦାର ହୋଇଛି। ପୋଲିସ ଗୁଳିରେ ଇତିମଧ୍ୟରେ ୭ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ଘଟିଲାଣି। ବିକ୍ଷୋଭକାରୀଙ୍କୁ ଗୁଳି କଲେ ଆମେରିକା ହସ୍ତକ୍ଷେପ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେବା ପରେ ଭୂରାଜନୈତିକ ସ୍ଥିତି ଭିନ୍ନ ମୋଡ଼ ନେଉଛି।

## ଆନ୍ଦୋଳନକାରୀଙ୍କୁ ଗୁଳି କଲେ ହସ୍ତକ୍ଷେପ କରିବୁ: ଟ୍ରମ୍ପ



ଡୋନାଲ୍ଡ ଟ୍ରମ୍ପ



ଆୟାତୋଲା ଅଲି ଖାମନେଇ

ତେହରାନ/ୱାଶିଂଟନ,୨୧ୖ

ଇରାନ୍‌ରେ ଦରଦାମ୍ ବୃଦ୍ଧି ସାଙ୍ଗକୁ ସ୍ଥାନୀୟ ମୁଦ୍ରା ରିଆଲର ଅବମୂଲ୍ୟାୟନ ଯୋଗୁ ଦେଶରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଏଥିରେ ବ୍ୟଥିତ ଦେଶବାସୀ ଇରାନ ସୁପ୍ରିମ ଲିଡର ଆୟାତୋଲା ଅଲି ଖାମନେଇଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଇସ୍‌ଲାମିକ୍ ରିପବ୍ଲିକ୍‌ର ଗ୍ରାମାଞ୍ଚଳ ପ୍ରଦେଶରେ ସୁରକ୍ଷା କର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟି ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ହୋଇଛି। ଖାମନେଇଙ୍କ ନେତୃତ୍ୱାଧୀନ ଇରାନର ଇସ୍‌ଲାମୀୟ ଶାସନ ବିରୋଧରେ ବିକ୍ଷୋଭକୁ ଦମନ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାରୁ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ତେହରାନ୍‌ରେ ଇରାନ କର୍ତ୍ତୃପକ୍ଷ ଗୁରୁବାର ରାତିରେ ୩୦ ଜଣଙ୍କୁ ଆଇନ ଶୃଙ୍ଖଳା ବ୍ୟାହତ କରିବା ଅଭିଯୋଗରେ ଗିରଫ କରିଛନ୍ତି। ମୁଲ୍ଲା ଇରାନ ଛାଡ଼ନ୍ତୁ ବୋଲି ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା କେତେକ ଭିଡିଓରେ ☞ପୃଷ୍ଠା-୪

# ୧୦ରୁ ଟେଷ୍ଟିଂ ସେଣ୍ଟର, ଆର୍‌ଟିଓରେ ମିଳିବ ଗ୍ରୀନ୍ ଷ୍ଟିକର

ଭୁବନେଶ୍ୱର,୨୧ୖ(ସୁନିତ୍ ମିଶ୍ର)

ରାଜ୍ୟରେ ବର୍ତ୍ତମାନ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ସାଧାରଣ ଲୋକମାନଙ୍କ ଭିତରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ଯେଉଁମାନେ ବୈଧ ପିୟୁସିସି ପାଇସାରିଛନ୍ତି, ସେମାନଙ୍କୁ ଗ୍ରୀନ୍ ଷ୍ଟିକର ଲଗାଇବା ପାଇଁ ସରକାର ନୂଆ କରି 'ଗ୍ରୀନ୍ ଷ୍ଟିକର' ବ୍ୟବସ୍ଥା କରିଛନ୍ତି। ତେବେ ଗ୍ରୀନ୍ ଷ୍ଟିକର କେବେ ଏବଂ କେଉଁଠାରେ ମିଳିବ ତାକୁ ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ରହିଥିଲା। ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ☞ପୃଷ୍ଠା-୪

# ଶିକ୍ଷିତ ଲୋକେ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସାମିଲ ହେବା ବିପଜ୍ଜନକ: ରାଜନାଥ

ଉଦୟପୁର,୨୧ୖ(ପି.ଟି.)

ଉଚ୍ଚଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ ଏବଂ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର କହିଛନ୍ତି। ସେମାନଙ୍କ ପାଇଁ ଦେଶରେ ହ୍ୱାଇଟ୍ କଲାର ଆତଙ୍କବାଦ ମୁଣ୍ଡ ଟେକିଛି। ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ କାରବୋମା ବିସ୍ଫୋରଣ ଘଟଣାରେ ଡାକ୍ତରମାନେ ସମ୍ପୃକ୍ତ ଥିଲେ। ଉଚ୍ଚଶିକ୍ଷିତମାନେ ସମାଜ ଏବଂ ଦେଶ ବିରୋଧରେ କାର୍ଯ୍ୟ କରୁଥିବା ରାଜନାଥ ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ୍ସ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ଯେଉଁମାନେ ପ୍ରେସ୍କ୍ରିପ୍‌ଶନ ଉପରେ ଆର୍‌ଏକ୍ସ ଲେଖିଥାନ୍ତି, ଏବେ ସେମାନଙ୍କ ହାତରେ ଆର୍‌ଡିଏକ୍ସ। ତେଣୁ ଜ୍ଞାନ ସହିତ ମୂଲ୍ୟବୋଧ ଏବଂ ଚରିତ୍ରର ଆବଶ୍ୟକତା ☞ପୃଷ୍ଠା-୪

# ଆଜି ଦେଖାଯିବ ବର୍ଷର ପ୍ରଥମ ସୁପରମୁନ୍

ଭୁବନେଶ୍ୱର,୨୧ୖ(ସୁଚିସ୍ମିତା ସାହୁ)

ପ୍ରତ୍ୟେକ ବର୍ଷ ଆକାଶରେ ୨ରୁ ୪ଥର ସୁପରମୁନ୍ ବା ସବୁଠୁ ବଡ଼ ଓ ଉଜ୍ଜ୍ୱଳ ଚନ୍ଦ୍ର ଦେଖିବାର ସୁଯୋଗ ମିଳିଥାଏ। ୨୦୨୬ ଆରମ୍ଭରୁ ଅର୍ଥାତ ଶନିବାର ପୌଷ ପୂର୍ଣ୍ଣମୀରେ ଚଳିତବର୍ଷର ପ୍ରଥମ ସୁପରମୁନ ଦୃଶ୍ୟମାନ ହେବ। ଏହି ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପୃଥିବୀର ପ୍ରାୟ ୩ ଲକ୍ଷ ୬୨ ହଜାର କି.ମି. ନିକଟରେ ରହିବ। ସାଧାରଣ ଦିନର ପୂର୍ଣ୍ଣ ଚନ୍ଦ୍ରଠାରୁ ପ୍ରାୟ ୧୪% ବଡ ସହ ୩୦% ଉଜ୍ଜ୍ୱଳ ଦେଖାଯିବ। ସେହିପରି ଦ୍ୱିତୀୟ ସୁପରମୁନ ନଭେମ୍ବର ୨୪ ଏବଂ ଶେଷ ସୁପରମୁନ ଡିସେମ୍ବର ୨୩ରେ ଦେଖିବାକୁ ମିଳିବ। ସେହିଭଳି ୨୦୨୬ ମସିହାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଚାପର ପରୀକ୍ଷା**


DSPL - 454

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଆମ ରାଜ୍ୟରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ଏହି ମେଳା ଜାନୁଆରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ଗୋପାଳକ, ପ୍ରାଣିପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନେ ପ୍ରାଣିପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର ଜରିଆରେ ସେମାନଙ୍କର ଆୟବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହେଉଛି । ଏହି ମେଳା ମାଧ୍ୟମରେ ରାଜ୍ୟର ତୃଣମୂଳ ସ୍ତରରେ ଥିବା ପ୍ରାଣିପାଳକ ଓ ମତ୍ସ୍ୟଚାଷୀ ବିଭିନ୍ନ ସରକାରୀ ଯୋଜନାର ସୁଫଳ ବିଷୟରେ ସଚେତନ ହୋଇପାରିବେ ।

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏହି ମେଳା ଦୁଇଦିନବ୍ୟାପୀ ଆୟୋଜିତ ହେଉଛି । ଆପଣମାନେ ଜିଲ୍ଲାସ୍ତରୀୟ ମେଳାରେ ସାମିଲ ହୁଅନ୍ତୁ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ଅନେକ ନୂତନ ଯୋଜନା ଆମ ସରକାର ଆପଣଙ୍କ ହିତ ପାଇଁ ଆରମ୍ଭ କରିଛନ୍ତି । ସେ ବିଷୟରେ ଜାଣି ନିଜ ରୋଜଗାରରେ ଉନ୍ନତି ଆଣିବା ସହ ରାଜ୍ୟର ବିକାଶରେ ସହାୟକ ହେବା ପାଇଁ ଏ କ୍ଷେତ୍ରରେ କାମ କରୁଥିବା ସମସ୍ତ ଭାଇଭଉଣୀ ମାନଙ୍କୁ ମୋର ଅନୁରୋଧ ।

ଏହି ଅବସରରେ ମୁଁ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ମୋହନ ଚରଣ ମାଝୀ


OIPR-06014/13/0080/2526






ୟୁକ୍ରେନ୍‌ର ଖରକିଭ୍‌ରେ ଶୁକ୍ରବାର ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ଜଳୁଥିବା ଏକ ଗାଡ଼ିକୁ ଜରୁରୀ ସେବା କର୍ମଚାରୀମାନେ ଲିଭାଉଛନ୍ତି।

# ୧ ଡଲାର= ୯୦.୨୦ ଟଙ୍କା




ମୁମ୍ବାଇ,୨।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଶୁକ୍ରବାର ୯୦ ତଳକୁ ଖସିଛି। ଟଙ୍କା ୨୨ ପଇସା ହ୍ରାସ ପାଇ ୧ ଡଲାର ମୂଲ୍ୟ ୯୦.୨୦ ଟଙ୍କା ହୋଇଛି। ମାକ୍ରୋ ଅର୍ଥନୀତି ତଥ୍ୟକୁ ନେଇ ଅସନ୍ତୋଷ ଏବଂ ବିଦେଶ ବଜାରରେ ଆମେରିକୀୟ ମୁଦ୍ରା ସୁଦୃଢ଼ ହେଉଥିବାରୁ ଟଙ୍କାର ଅବମୂଲ୍ୟାୟନ ଦେଖାଦେଇଛି। ଫରେକ୍ସ ଟ୍ରେଡରମାନଙ୍କ କହିବା ଅନୁଯାୟୀ, ଭାରତୀୟ ଷ୍ଟକ୍ ବଜାରରୁ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର ଜାରି ରଖିଥିବାବେଳେ ଆମଦାନିକାରୀଙ୍କଠାରୁ ଡଲାର ଚାହିଦା ବଢୁଥିବାରୁ ନିବେଶକମାନଙ୍କ ମନୋଭାବ ଅଧିକ ଦୁର୍ବଳ ହୋଇଛି। ଅଶୋଧିତ ତୈଳ ମୂଲ୍ୟ ହ୍ରାସ ସହ ଦେଶର ଶେୟାର ବଜାରରେ ନିମ୍ନ ଗତି ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ହସ୍ତକ୍ଷେପ କଲେ ଟଙ୍କା ମୂଲ୍ୟ ଅଧିକ କମିବାରୁ ରୋକାଯାଇପାରିବ ବୋଲି କୁହାଯାଉଛି।

ଇଣ୍ଟରବ୍ୟାଙ୍କ୍ ଫରେନ୍ ଏକ୍ସଚେଞ୍ଜରେ ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୫ରୁ ଆରମ୍ଭ ହୋଇ ଇଣ୍ଟ୍ରାଡେ'ରେ ସର୍ବନିମ୍ନ ୯୦.୨୫ରେ ପହଞ୍ଚିଥିଲା। ଦିବସ ମଧ୍ୟରେ ଟଙ୍କାର ସର୍ବାଧିକ ମୂଲ୍ୟ ୮୯.୯୨ ରହିଥିଲା। ତେବେ କାରବାର ଶେଷରେ ଟଙ୍କା ମୂଲ୍ୟ ପୂର୍ବଦିନର କ୍ଲୋଜିଂ ସମୟ ମୂଲ୍ୟଠାରୁ ୨୨ ପଇସା ହ୍ରାସ ପାଇ ୯୦.୨୦ରେ ବନ୍ଦ ରହିଥିଲା। ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୮ ଥିଲା।


# ଇନ୍ଦୋର ପାଣିରେ ବ୍ୟାକ୍ଟେରିଆ

## ମୃତ୍ୟୁ ସଂଖ୍ୟା ୧୦ କୁ ବୃଦ୍ଧି

ନୂଆଦିଲ୍ଲୀ,୨।୧

ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ଭଗୀରଥପୁରା ଅଞ୍ଚଳରେ ଦୂଷିତ ପାଣିରୁ ଡାଇରିଆ ବ୍ୟାପି ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୪୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଭଗୀରଥପୁରାରେ ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ସ୍ଥାନୀୟ ସୂଚନା ଅନୁଯାୟୀ ମୃତ୍ୟୁସଂଖ୍ୟା ୧୦ ବୋଲି ଇନ୍ଦୋର ମେୟର ପୁଷ୍ୟାମିତ୍ର ଭାର୍ଗବ କହିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ସହ ଇନ୍ଦୋର ଅତିରିକ୍ତ କମିଶନର ଏବଂ ଡ୍ୟୁଟିରେ ଥିବା ଭାରପ୍ରାପ୍ତ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଭଗୀରଥପୁରା ଫାଣ୍ଡି ନିକଟରେ ଥିବା ପାନୀୟ ଜଳ ଯୋଗାଣର ମୁଖ୍ୟ ପାଇପ୍ ଲାଇନ୍ ଏପରି ସ୍ଥାନରେ ଛିଦ୍ର ହୋଇଛି, ଯେଉଁଠି ଏକ ପାଇଖାନା ନିର୍ମାଣ ହୋଇଛି। ଏହି ଲିକ୍ ଯୋଗୁ ପାନୀୟ ଜଳ ଦୂଷିତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ୬ ମାସର ଶିଶୁ ଅସୁସ୍ଥ ହେବା ସହ ପ୍ରାଣ ହରାଇଛି। ସହରର ବିଭିନ୍ନ ହସ୍ପିଟାଲରେ ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ରୋଗୀ ଭର୍ତ୍ତି ହୋଇଛନ୍ତି। ଦୂଷିତ ଜଳ ଯୋଗୁ ଡାଇରିଆ ବ୍ୟାପିଥିବା ଲାବରେଟୋରି ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଇନ୍ଦୋର ମେଡିକାଲ କଲେଜ ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ, ଭଗୀରଥପୁରାରୁ ସଂଗୃହୀତ ପାନୀୟ ଜଳ ଦୂଷିତ ହୋଇଛି ଓ ଏଥିରେ ବ୍ୟାକ୍ଟେରିଆ ରହିଥିବା ଇନ୍ଦୋର ମୁଖ୍ୟ ମେଡିକାଲ ଅଫିସର ଡ. ମାଧବ ପ୍ରସାଦ ହାସନି କହିଛନ୍ତି।



ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ପାଣି ଦୂଷିତ ହେଉଛି।

## ବିଶୁଦ୍ଧ ଜଳ, ସ୍ୱଚ୍ଛ ବାୟୁ ଯୋଗାଇବାରେ କେନ୍ଦ୍ର ଅକ୍ଷମ: କଂଗ୍ରେସ

ଇନ୍ଦୋରରେ ଦୂଷିତ ପାଣି ପିଇ ୧୦ ଜଣଙ୍କ ଜୀବନ ଯିବା ଘଟଣାରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳଜୀବନ ମିଶନର ପ୍ରଚାର ଚଳାଇଥିବାବେଳେ ଦୂଷିତ ଜଳଜନିତ ମୃତ୍ୟୁକୁ ନେଇ ନୀରବ ରହିଛନ୍ତି। ମୋଦି ସରକାର ଏବଂ ଭାଜପା ଦେଶବାସୀଙ୍କୁ ସ୍ୱଚ୍ଛ ଜଳ କିମ୍ବା ସ୍ୱଚ୍ଛ ବାୟୁ ଯୋଗାଇବାରେ ବିଫଳ ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣରେ ଇନ୍ଦୋର କ୍ରମାଗତ ଭାବେ ଅଷ୍ଟମ ଥର ପାଇଁ ଦେଶର ସବୁଠୁ ସ୍ୱଚ୍ଛ ସହରର ମାନ୍ୟତା ପାଇଆସିଥିବାବେଳେ ସେଠାରେ ଦୂଷିତ ପାଣି ପିଇ ଲୋକଙ୍କ ମୃତ୍ୟୁ ଘଟିବା ଲଜ୍ଜାଜନକ। ଭାଜପାର ଅକ୍ଷମତା ଯୋଗୁ ଲୋକେ ବିଶୁଦ୍ଧ ଜଳରୁ ବଞ୍ଚିତ ହୋଇଥିବା ଖାର୍ଗେ Xରେ ଲେଖିଛନ୍ତି।

# ରାଜସ୍ଥାନରୁ ୧୫୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ

## ତଦନ୍ତରେ ସାମିଲ ହେଲା ଏନ୍‌ଆଇଏ

ଜୟପୁର,୨।୧

ରାଜସ୍ଥାନର ଟୋଙ୍କ ଜିଲାରୁ ବୁଧବାର ୧୫୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହେବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ତଦନ୍ତରେ ସାମିଲ ହୋଇଛି। ଏହି ଜବତ ପରେ ଟୋଙ୍କ ଏବଂ ଜୟପୁର ସମେତ ଦିଲ୍ଲୀରେ ସୁରକ୍ଷା ବାହିନୀକୁ ହାଇଆଲର୍ଟରେ ରଖାଯାଇଛି। ଏନ୍‌ଆଇଏ ଟିମ୍ ଟୋଙ୍କରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଜେରା କରିବା ସହ ସେମାନଙ୍କ ଆପରାଧିକ ପୃଷ୍ଠଭୂମି, ଆନ୍ତଃଜିଲା ବା ଆନ୍ତଃରାଜ୍ୟ ସମ୍ପୃକ୍ତି ନେଇ ଅନୁଧ୍ୟାନ କରୁଛି। ଏତେ ପରିମାଣରେ ଆମୋନିୟମ୍ ନାଇଟ୍ରେଟ୍ ପରିବହନ ପଛର ଉଦ୍ଦେଶ୍ୟ ଉପରେ ତଦନ୍ତକୁ ଜୋର୍ ଦିଆଯାଇଛି। ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ମଧ୍ୟ ଅଭିଯୁକ୍ତମାନଙ୍କୁ ଜେରା କରିଛି। ସେମାନେ ଅନ୍ୟ ସହର କିମ୍ବା ବ୍ୟକ୍ତିବିଶେଷଙ୍କୁ ପୂର୍ବରୁ ଆମୋନିୟମ୍ ନାଇଟ୍ରେଟ୍ ଯୋଗାଣ କରିଥିଲେ କି ନାହିଁ ଏବଂ ଟୋଙ୍କକୁ କାହିଁକି ଲକ୍ଷ୍ୟସ୍ଥଳ ବାଛିଲେ, ତାହାର ମଧ୍ୟ ତଦନ୍ତ ହେଉଛି।

# ବର୍ଷ ଶେଷ ସୁଦ୍ଧା ମାନବବିହୀନ ଗଗନୟାନ ମିଶନ

ନୂଆଦିଲ୍ଲୀ,୨।୧(ପି.ଟି.)

ନୂଆବର୍ଷରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) କେତେକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସଫଳ ଯାତ୍ରା ପରେ ଭାରତ ମହାକାଶକୁ ମାନବ ପଠାଇବା ଦିଗରେ ପ୍ରଥମ ପଦକ୍ଷେପ ନେବାକୁ ଯାଉଛି। ଚଳିତବର୍ଷ ଶେଷ ଭାଗରେ ମାନବବିହୀନ ଗଗନୟାନ ମହାକାଶକୁ ପ୍ରେରଣ କରାଯିବ। ଏଥିସହିତ ମହାକାଶ କ୍ଷେତ୍ରରେ ଘରୋଇ ସଂସ୍ଥା ସ୍କାଏରୁଟ୍ ଏରୋସ୍ପେସ୍ ଏବଂ ଅଗ୍ନିକୁଳ କସ୍‌ମସ୍ ସ୍ୱଦେଶୀ ନିର୍ମିତ ରକେଟ ବିକ୍ରମ-୧ ଏବଂ ଅଗ୍ନିବାଣ ସହାୟତାରେ ଚଳିତବର୍ଷ ସାଟେଲାଇଟ୍ ଲଞ୍ଚ୍ କରିବାକୁ ଯାଉଛନ୍ତି। ସେହିପରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ ଏବଂ ଲାର୍ସେନ ଆଣ୍ଡ ଟୁବ୍ରୋ ଦ୍ୱାରା ନିର୍ମିତ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ପିଏସ୍‌ଏଲ୍‌ଭି) ଚଳିତବର୍ଷ ଲଞ୍ଚ୍ ହେବ।

# ଯୌନ ନିର୍ଯାତନାରୁ କଲେଜ ଛାତ୍ରୀଙ୍କ ମୃତ୍ୟୁ

## ପ୍ରଫେସରଙ୍କ ସମେତ ୪ ଜଣଙ୍କ ନାମରେ ମାମଲା

ଧର୍ମଶାଳା,୨।୧

ହିମାଚଳପ୍ରଦେଶର ଧର୍ମଶାଳାରେ ଥିବା ଏକ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ର୍‌ୟାଗିଂ ଏବଂ ଯୌନ ନିର୍ଯାତନା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କଲେଜର ଜଣେ ପ୍ରଫେସର ଏବଂ ୩ ଜଣ ଛାତ୍ରୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଛାତ୍ରୀ ଜଣକ ମୃତ୍ୟୁ ପୂର୍ବରୁ ତାଙ୍କ ପ୍ରତି ହୋଇଥିବା ନିର୍ଯାତନାର କାହାଣୀକୁ ମୋବାଇଲ୍ ଭିଡିଓରେ ରେକର୍ଡ କରିଥିଲେ। ପ୍ରଫେସର ଜଣକ କିପରି ଅନୁଚିତ ଢଙ୍ଗରେ ତାଙ୍କୁ ସ୍ପର୍ଶ କରୁଥିଲେ ଏବଂ ମାନସିକ ଓ ଯୌନ ନିର୍ଯାତନା ଦେଉଥିଲେ, ତାହା ଉକ୍ତ ଭିଡିଓରେ ଉଲ୍ଲେଖ ରହିଛି। ଧର୍ମଶାଳା ସରକାରୀ ଡିଗ୍ରୀ କଲେଜର ଉକ୍ତ ଛାତ୍ରୀଙ୍କ ବାପା ଗତ ସେପ୍ଟେମ୍ବର ୧୮ରେ ପୋଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ହର୍ଷିତା, ଅକ୍ରିତି ଏବଂ କୋମୋଲିକା ନାମ୍ନୀ ୩ ଛାତ୍ରୀ ତାଙ୍କ ଝିଅଙ୍କୁ ମାଡ଼ ମାରିବା ସହ ନିଷ୍ଠୁର ର୍‌ୟାଗିଂ କରୁଥିଲେ। ତାଙ୍କୁ ନୀରବ ରହିବା ପାଇଁ ସେମାନେ ଧମକ ଦେଉଥିଲେ। ଉକ୍ତ ଅଭିଯୋଗରେ କଲେଜ ପ୍ରଫେସର ଅଶୋକ କୁମାରଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ପ୍ରଫେସରଙ୍କ ଅସଦାଚରଣ ଏବଂ ମାନସିକ ନିର୍ଯାତନା ଯୋଗୁ ଝିଅ ଅତ୍ୟଧିକ ଚାପରେ ରହୁଥିଲେ। ଏହି କାରଣରୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାକୁ ଲାଗିଥିଲା ବୋଲି ତାଙ୍କ ବାପା ଦର୍ଶାଇଥିଲେ। ଡିସେମ୍ବର ୨୬ରେ ମୃତ୍ୟୁ ଘଟିବା ପୂର୍ବରୁ ସେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଝିଅ ମୃତ୍ୟୁକୁ ନେଇ ସେମାନେ ଭାଙ୍ଗିପଡ଼ିଥିବାରୁ ଅଭିଯୋଗ ଦାଖଲ କରିପାରି ନ ଥିଲେ ବୋଲି କହିଛନ୍ତି। ଝିଅ ମୋବାଇଲ ଫୋନ୍‌ରୁ ଭିଡିଓ ମିଳିବା ପରେ ସେମାନେ ଥାନାରେ ଏତଲା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

# ବୈବାହିକ ବିବାଦରେ ସ୍ୱାମୀଙ୍କ ଆର୍ଥିକ ପ୍ରାଧାନ୍ୟ ନିଷ୍ଠୁରତା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧(ପି.ଟି.)

ବୈବାହିକ ସମ୍ପର୍କ ଖରାପ ହେବା ପରେ ଅଲଗା ରହୁଥିବା ସ୍ତ୍ରୀଙ୍କ ଠାରୁ ସ୍ୱାମୀଙ୍କ ଆର୍ଥିକ ପ୍ରାଧାନ୍ୟ ନିଷ୍ଠୁରତା ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବ୍ୟକ୍ତିଗତ ପ୍ରତିଶୋଧ ନେବା ପାଇଁ ଆପରାଧିକ ମାମଲା ପ୍ରବେଶ ଦ୍ୱାର ନୁହେଁ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ନିଷ୍ଠୁରତା ଏବଂ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ଅଲଗା ରହୁଥିବା ସ୍ତ୍ରୀ ସ୍ୱାମୀଙ୍କ ବିରୋଧରେ ଦାଏର କରିଥିବା ଆପରାଧିକ ମାମଲାକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

# ବିଚ୍ଛିନ୍ନତାବାଦୀଙ୍କ କ୍ୟାମ୍ପ୍‌ରେ ସାଉଦିର ଏୟାରଷ୍ଟ୍ରାଇକ୍: ୭ ମୃତ

ଦୁବାଇ,୨।୧

ପୂର୍ବ ୟେମେନ୍‌ରେ ଥିବା ବିଚ୍ଛିନ୍ନତାବାଦୀଙ୍କ ଶିବିର ଉପରେ ସାଉଦି ଆରବ ନେତୃତ୍ୱରେ ଶୁକ୍ରବାର ମିଳିତ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ସମର୍ଥିତ ବିଚ୍ଛିନ୍ନତାବାଦୀମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। ହାଡ୍ରାମାଉଟ୍ ପ୍ରଦେଶ ଅଲ୍-ଖାସାସ୍ ଅଞ୍ଚଳରେ ଥିବା ଏକ ଆତଙ୍କବାଦୀ କ୍ୟାମ୍ପ୍ ଉପରେ ବୋମାବାଡ଼ ହୋଇଥିବା ସଦର୍ନ ଟ୍ରାନ୍‌ଜିଶନାଲ କାଉନ୍‌ସିଲ୍ ମୁଖ୍ୟ ମହମ୍ମଦ ଅବଦୁଲ ମଲିକ କହିଛନ୍ତି। କିଛିଦିନ ହେଲା ସାଉଦି ଆରବ ଏବଂ ୟୁଏଇ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଏହି ଏୟାରଷ୍ଟ୍ରାଇକ୍



ହୋଇଛି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଦକ୍ଷିଣ ୟେମେନ୍‌ର ବନ୍ଦର ସହର ମୁକଲ୍ଲାରେ ସାଉଦି ବୋମାମାଡ଼ କରିଥିଲା। ୟୁଏଇର ଫୁଜାଇରାହରୁ ଅସ୍ତ୍ର ଭର୍ତ୍ତି ୨ଟି ଜାହାଜ ପହଞ୍ଚିବା ପରେ ଏହି ଆକ୍ରମଣ ହୋଇଥିଲା।

# ସୁସ୍ଥ ଯୁବ ଭାରତୀୟଙ୍କ ହଠାତ୍ ମୃତ୍ୟୁ ଚିନ୍ତାଜନକ

ନୂଆଦିଲ୍ଲୀ,୨।୧

ଭାରତରେ ସୁସ୍ଥ ଯୁବବର୍ଗଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଅଧିକାଂଶ ୩୦ ବର୍ଷ ବୟସ ବର୍ଗର ଯୁବତୀଯୁବକଙ୍କ ମୃତ୍ୟୁ ପଛରେ ହାର୍ଟ ବ୍ଲକେଜ୍ ଏବଂ ଗୁରୁତର ରୋଗ ଲକ୍ଷଣକୁ ଏଡ଼ାଇଯିବା ମୁଖ୍ୟ କାରଣ ବୋଲି ଏମ୍ସର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଯୁବବର୍ଗ ହଠାତ୍ ମୂର୍ଚ୍ଛାଯାଇ ପ୍ରାଣ ହରାଇବା ଭାରତର ଅନ୍ୟତମ ସବୁଠୁ ଚିନ୍ତାଜନକ ଚିକିତ୍ସା ବାସ୍ତବିକତା। ଏଭଳି ମୃତ୍ୟୁ କୌଣସି ପ୍ରାକ୍ ସୂଚନା, ନିଦାନ କିମ୍ବା ସ୍ପଷ୍ଟ ରୋଗ ନ ଥାଇ ଆସୁଛି। ବୟସ, ସୁସ୍ଥତା ଏବଂ ସାମାଜିକ, ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଏହା ଏକ ବଡ଼ ଜନସ୍ୱାସ୍ଥ୍ୟଜନିତ ଉଦ୍‌ବେଗ ବୋଲି ଡାକ୍ତରମାନେ କହିଛନ୍ତି। କୋଭିଡ୍ ମହାମାରୀ ନିୟନ୍ତ୍ରଣକୁ ଆସିବା ପରେ ଗତ ୨ ବର୍ଷରେ ଅନେକ ସମୟରେ ଲୋକେ ମୂର୍ଚ୍ଛାଯାଇ ହଠାତ୍ ପ୍ରାଣ ହରାଉଥିବା ଘଟଣାମାନ ସାମ୍ନାକୁ ଆସୁଛି। ସୋସିଆଲ ମିଡିଆରେ ଏଭଳି କେତେକ ଭିଡିଓ ଭାଇରାଲ ହୋଇଛି, କେଉଁଠି ବିବାହ ଉତ୍ସବରେ ନାଚୁଥିବା ବେଳେ, ବ୍ୟାଡମିଣ୍ଟନ କୋର୍ଟରେ ଖେଳୁଥବାବେଳେ, ବନ୍ଧୁଙ୍କ ସହ ଚାଲୁଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡ଼ିଯାଉଥିବା ଦେଖାଯାଉଛି। ଏଭଳି ଭିଡିଓଗୁଡ଼ିକ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ାଇଛି। ଏହି ସମସ୍ତ ବ୍ୟକ୍ତି ଯୁବକ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ହଠାତ୍ ମୃତ୍ୟୁ ମୁଖରେ ପଡ଼ିବା ପଛରେ ହୃଦ୍‌ଘାତ ମୁଖ୍ୟ କାରଣ ବୋଲି କୁହାଯାଉଛି।

ଦିଲ୍ଲୀ ଏମ୍ସର ଏକ ଅଧ୍ୟୟନ ଚଳିତ ମାସରେ ଇଣ୍ଡିଆନ୍ ଜର୍ନାଲ ଅଫ୍ ମେଡିକାଲ ରିସର୍ଚ୍ଚରେ ପ୍ରକାଶ ପାଇଛି, ଯେଉଁଥିରେ ଠିକ୍ ଏହି ଘଟଣାର ପରୀକ୍ଷା ପାଇଁ ଉଦ୍ୟମ ହୋଇଛି। ଇଣ୍ଡିଆନଖ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପ୍ରକଳ୍ପର ଅଂଶବିଶେଷ ଭାବେ ହଠାତ୍ ମୃତ୍ୟୁର କାରଣ ଖୋଜିବା ଏହି ଅଧ୍ୟୟନର ଲକ୍ଷ୍ୟ। ସମସ୍ତ ଶବ ବ୍ୟବଚ୍ଛେଦ ମଧ୍ୟରୁ ୧୮୦ଟି ମାମଲାରେ ହଠାତ୍ ମୃତ୍ୟୁ ହୋଇଥିବାର କଠୋର ମାନଦଣ୍ଡ ୮.୧% ପୂରଣ କରିଛି। ୧୦୩ଟି ମୃତ୍ୟୁ ମଧ୍ୟରୁ ୫୭.୨ ପ୍ରତିଶତ ୧୮ରୁ ୪୫ ବର୍ଷ ବୟସବର୍ଗର ଲୋକଙ୍କଠାରେ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାସ୍ଥ୍ୟବାନ୍। ଘରେ ଥିବାବେଳେ, ଚାଲୁଥିବାବେଳେ କିମ୍ବା ଶୋଇଥିବା ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି।



# ୨୪ ଗୁଣା ବଢ଼ିଲା ପାରିଶ୍ରମିକ

ମୁମ୍ବାଇ

ଆଜିକାଲିର ଯୁବପିଢ଼ିଙ୍କ ହୃଦୟ ଜିଣିଥିବା ଭର୍ସାଟାଇଲ ଅଭିନେତ୍ରୀଙ୍କ ମଧ୍ୟରୁ ତୃପ୍ତି ଡିମ୍‌ରୀ ଅନ୍ୟତମ। ଚଳଚ୍ଚିତ୍ର 'ଲୈଲା ମଜ୍‌ନୁ'ରୁ ଚର୍ଚ୍ଚାକୁ ଆସିଥିଲେ ସେ। ଅଭିନୟଜଗତରେ ତାଙ୍କର ସାତ ବର୍ଷ ବିତିଲାଣି। ଇତିମଧ୍ୟରେ ସେ ବିଭିନ୍ନ ଚରିତ୍ରରେ ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ସପୋର୍ଟିଂ ଅଭିନେତ୍ରୀରୁ ମୁଖ୍ୟ ନାୟିକା ହେବାର ଯାତ୍ରା ତାଙ୍କର ଅତ୍ୟନ୍ତ ପ୍ରେରଣାଦାୟକ।

ଆଗାମୀ ଦିନରେ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଚଳଚ୍ଚିତ୍ର 'ସ୍ପିରିଟ'ରେ ପ୍ରଭାସଙ୍କ ନାୟିକା ଭାବେ ନଜର ଆସିବେ ତୃପ୍ତି । ଏଥିଲାଗି ସେ ମୋଟା ଅଙ୍କର ପାରିଶ୍ରମିକ ନେଉଛନ୍ତି। କହିବାକୁ ଗଲେ ୭ ବର୍ଷରେ ତାଙ୍କର ପାରିଶ୍ରମିକ ୨୪ ଗୁଣା ବଢ଼ିଛି। ଚଳଚ୍ଚିତ୍ର 'ମମ୍'ରୁ କ୍ୟାରିୟର ଆରମ୍ଭ କରିଥିବା ତୃପ୍ତି 'ଲୈଲା ମଜନୁ' ପାଇଁ ପ୍ରାୟ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏହି ଫିଲ୍ମ ପରେ ତାଙ୍କୁ ବେଶ୍ ପ୍ରଶଂସା ମିଳିଥିଲା। ନିକଟରେ 'ସ୍ପିରିଟ୍'ର ଏକ ଆକର୍ଷଣୀୟ ପୋଷ୍ଟର୍ ରିଲିଜ ପରେ ଅଭିନେତ୍ରୀ ଏବଂ ଅଭିନେତାଙ୍କ ପାରିଶ୍ରମିକ ବିଷୟ ସାମ୍ନାକୁ ଆସିଛି। ତେବେ ତୃପ୍ତି ଏଥିପାଇଁ ୪ରୁ ୬ କୋଟି ପାରିଶ୍ରମିକ ନେଉଥିବା ସ୍ପଷ୍ଟ ହୋଇଛି। କହିବାକୁ ଗଲେ, 'ଆନିମଲ' ଚଳଚ୍ଚିତ୍ର ପରେ ତୃପ୍ତିଙ୍କ ଷ୍ଟାର୍ ଭାଲ୍ୟୁ ବୃଦ୍ଧି ପାଇଛି। ତୃପ୍ତିଙ୍କ ଏହି ଯାତ୍ରା ପ୍ରମାଣ କରୁଛି ଯେ କଠିନ ପରିଶ୍ରମ ଓ ପ୍ରତିଭା ସବୁ ବାଧା ଦୂର କରିଦିଏ। ଆଗକୁ ତାଙ୍କର ଅନେକ ବଡ଼ ପ୍ରୋଜେକ୍ଟ ରହିଛି, ଯାହା ତାଙ୍କୁ ଆହୁରି ଆଗକୁ ନେବ ବୋଲି ପ୍ରଶଂସକ ମହଲରେ ଚର୍ଚ୍ଚା ଚାଲିଛି।



ତୃପ୍ତି ଡିମ୍‌ରୀ




# ସଡ଼କ ଦୁର୍ଘଟଣା: ଅକାଳରେ ଚାଲିଗଲା ୫ ଜୀବନ

ବାରିପଦା/ରାଇରଙ୍ଗପୁର/ବଡ଼ଗାଁ,୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ମାନସ ମହାନ୍ତି/ଅଶୋକ ଷଡ଼ଙ୍ଗୀ)

ରାଜ୍ୟରେ ସଡ଼କ ସୁରକ୍ଷା ସଚେତନତା ମାସ ଚାଲିଥିବା ବେଳେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନଙ୍କ ବୟସ ୨୪ରୁ ୨୮ବର୍ଷ ମଧ୍ୟରେ। ବର୍ଷ ଆରମ୍ଭରୁ ସେମାନଙ୍କ ଏଭଳି ଅକାଳ ମୃତ୍ୟୁରେ ପରିବାର ଓ ସମ୍ପର୍କୀୟମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଭାଲୁବସା ନିକଟସ୍ଥ ରାଣୀବନ୍ଧ ଅଞ୍ଚଳ ୨୨୦ନଂ. ଜାତୀୟ ରାଜପଥରେ ଶୁକ୍ରବାର ଯାତ୍ରୀବାହୀ ବସ୍ ଧକ୍କାରେ ୩ ସାଙ୍ଗଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ତିରିଂ ଥାନା ଅଧୀନ ବଡ଼ଡାଲିମା ଅଞ୍ଚଳ ରତନସାହି ଗ୍ରାମର ବିକାଶ ବେହେରା(୨୬), ଝାଡ଼ଖଣ୍ଡ ରାଜ୍ୟ ଷଢ଼େଇକଳା ଥାନା ଅଧୀନ ଆଦିତ୍ୟପୁର ଅଞ୍ଚଳର ପ୍ରବୀର ଦେବବର୍ମା(୨୬) ଓ ତ୍ରିପୁରା ରାଜ୍ୟ ସିପାହିଜୋଲା ଜିଲା ବିଶାଳଗଡ଼ ଥାନା ଅଞ୍ଚଳର ବିକାଶ ଦେବବର୍ମା(୨୮)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିକାଶ ତାଙ୍କ ଦୁଇ ସାଙ୍ଗଙ୍କ ସହ ଅପରାହ୍ନ ୧ଟା୩୦ ସମୟରେ ବାଇକ୍ ଯୋଗେ ଆସୁଥିବାବେଳେ ରାଇରଙ୍ଗପୁରରୁ ଯଶୀପୁର ଯାଉଥିବା ଶ୍ରୀଦୁର୍ଗା ବସ୍ ରାଣୀବନ୍ଧ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ବସ୍‌ଟି ବାଇକ୍ ସମେତ ଆରୋହୀଙ୍କ ଉପରେ ମାଡ଼ିଯାଇ କିଛି ଦୂର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଘଟଣାସ୍ଥଳରେ ୩ ରାଜ୍ୟର ତିନି ସାଙ୍ଗଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୧/୨୬) ରୁଜୁ ହୋଇଥିବା ଥାନା ଅଧିକାରିଣୀ ସରସ୍ୱତୀ ଟୁଡ଼ୁ ସୂଚନା ଦେଇଛନ୍ତି।

ସେହିପରି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ନିକଟରେ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହାଜବାହାଲ ଗ୍ରାମର ଆଶିଷ ଗୁଡ଼ିଆ (୨୪) ଓ ବିରଙ୍ଗାପଡ଼ାର ଅରବିନ୍ଦ କିରୋ (୨୮)। ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଞ୍ଜନା ଗୁଡ଼ିଆ, ରୂପା ଟପ୍ପୋ, ପ୍ରବୀଣ କେରେକେଟ। ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ, ଏଏସ୍‌ଆଇ ବିଜୟ କୁମାର କର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ବଡ଼ଗାଁ ଥାନାରେ ଏକ ମାମଲା ନଂ.୨/୨୬ ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୁରୁତର ଆହତଙ୍କୁ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ) ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ବିଭାଗରେ ୨ ଲକ୍ଷରୁଅଧିକ ଛାତ୍ରଛାତ୍ରୀ ପ୍ରାକ୍ଟିକାଲ ପରୀକ୍ଷା ଦେଉଛନ୍ତି। ବିଜ୍ଞାନ ବିଭାଗରେ ସର୍ବାଧିକ ୧ଲକ୍ଷରୁ ଅଧିକ ଓ କଳା ବିଭାଗରେ ପ୍ରାୟ ୮୦ ହଜାର ପରୀକ୍ଷାର୍ଥୀ ରହିଛନ୍ତି। ଜାନୁଆରୀ ୧୫ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ କେନ୍ଦ୍ରରେ ପହଞ୍ଚିବେ। ପରୀକ୍ଷାର୍ଥୀମାନେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ ପର୍ଯ୍ୟନ୍ତ ପ୍ରବେଶ ପାଇଁ ସୁଯୋଗ ମିଳିବ। ଯଦି କୌଣସି ସମସ୍ୟା ଦେଖାଦିଏ ତେବେ ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କୁହାଯାଇଛି। ସିସିଟିଭି ନଜର ଭିତରେ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେଉଛି। କେବଳ ପରୀକ୍ଷା ନୁହେଁ, ମୂଲ୍ୟାୟନ, ମାର୍କ ଫଏଲରେ ମାର୍କ ଚଢ଼ାଇବା, ଉତ୍ତରଖାତା ସଂଗ୍ରହ, ପରୀକ୍ଷକଙ୍କ ରିପୋର୍ଟ, ଉତ୍ତରଖାତା ପ୍ୟାକେଟ ସିଲ୍ ପରି ବିଭିନ୍ନ କାର୍ଯ୍ୟକ୍ରମ ସିସିଟିଭି ନଜରରେ ରହିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁକ୍ତ ୨ ପ୍ରାକ୍ଟିକାଲ, ଇଣ୍ଟରନାଲ ମାର୍କ ସାମ୍ସରେ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ) ଯୁକ୍ତ ୨ର ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷା ମାର୍କ ସାମ୍ସ ପୋର୍ଟାଲରେ ଅପଲୋଡ୍ କରିବାକୁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଏବଂ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ସିଏଚ୍‌ଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଚିଠି ଲେଖିଛନ୍ତି। ପରିଷଦର ସୂଚନା ଅନୁସାରେ, ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ପରୀକ୍ଷା ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିବା ବେଳେ ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରୀ ୧୫ ମଧ୍ୟରେ ଶେଷ ହେବ। ଏହି ସମସ୍ତ ପରୀକ୍ଷାର ମାର୍କ ଜାନୁଆରୀ ୫ରୁ ୨୫ ତାରିଖ ଭିତରେ ଅପ୍‌ଲୋଡ୍ ପାଇଁ ଲିଙ୍କ ଉପଲବ୍ଧ ରହିବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମାର୍କ୍ସ ଅପଲୋଡ୍ କରିବାକୁ ପରିଷଦ ସମସ୍ତ ପ୍ରଧାନଶିକ୍ଷକ, କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନୁରୋଧ କରିଛନ୍ତି। ଏକକାଳୀନ ସମସ୍ତ ଛାତ୍ରଛାତ୍ରୀଙ୍କ ଇଣ୍ଟରନାଲ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ରେଜଲ୍ଟ ଅପଲୋଡ୍ କରିବା ଆବଶ୍ୟକ। ନ ହେଲେ ତ୍ରୁଟି ହେବାର ସମ୍ଭାବନା ରହିଛି ବୋଲି ପରିଷଦପକ୍ଷରୁ ସୂଚାଇ ଦିଆଯାଇଛି।

# ହାତୀ ଆକ୍ରମଣରେ ଜଣେ ଗୁରୁତର

ବଣ୍ଡାଁପାଳ,୨।୧(ସୁବାସ ସାହୁ) ଅନୁଗୋଳ ଜିଲା ବଣ୍ଡାଁପାଳ ଥାନା ତୁଳସୀପାଳ ଗ୍ରାମରେ ଶୁକ୍ରବାର ହାତୀ ଆକ୍ରମଣରେ ଗୋପବନ୍ଧୁ ନଗର ସାହିରଅଶୋକକୁମାରବିଶ୍ୱାଳ(୪୮) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଶୋକ ଭୋର୍ ସମୟରେ ସାଇକେଲରେ ଖେଣ୍ଟପଦର ଠାରେ ଥିବା ତା ଦୋକାନକୁ ଯାଉଥିଲେ। ଅତ୍ୟଧିକ କୁହୁଡ଼ି ଥିବାରୁ ହାତୀ ଆସୁଥିବା ଜାଣିପାରି ନ ଥିଲେ। ଫଳରେ ହାତୀ ଅଶୋକଙ୍କୁ ଶୁଣ୍ଢରେ ଟେକି ଦୂରକୁ ଫିଙ୍ଗି ଦେଇଥିଲା। ସେ ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ତାଙ୍କ ପରିବାର ଓ ବନ ବିଭାଗକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ବନ କର୍ମଚାରୀ ଓ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅଶୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।


ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅଶୋକ ବିଶ୍ୱାଳ।

# ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ଗୁରୁତର

ବନ୍ତଳା,୨।୧(ସୁଶାନ୍ତ ସାହୁ) ଅନୁଗୋଳ ଜିଲା ବନ୍ତଳା ବନାଞ୍ଚଳ କଞ୍ଜା ସେକ୍ସନ ହମାମୀରା ଗାଁ ସୀମାନ୍ତ ଅଞ୍ଚଳରେ ଗୁରୁବାର ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ବସନ୍ତ ଅଧିଆଗାରର ଦିଲୀପ କୁମାର ଗୋଲ୍ଲାୟତ (୪୮) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବନ୍ତଳା ବନ ବିଭାଗ ପାଟ୍ରୋଲିଂ ଟିମ୍ ହମାମୀରା-ହିନ୍ଦୋଳ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ପକାଇଥିବା ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ଦିଲୀପ ଗୁରୁତର ହୋଇଥିଲେ। ସହଯୋଗୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବନ ବିଭାଗ ଗାଡ଼ିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମସ୍‌କୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଗଜମିତ୍ରଙ୍କୁ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ରେଞ୍ଜର ପ୍ରସନ୍ନ କୁମାର ସାହୁ କହିଛନ୍ତି।


ଚିକିତ୍ସାଧୀନ ଗଜମିତ୍ର ଦିଲୀପ ଗୋଲ୍ଲାୟତ।

# ୨୦ ବର୍ଷର ରେକର୍ଡକୁ ପଛରେ ପକାଇଛି ଭିଜିଲାନ୍ସ: ମୁଖ୍ୟମନ୍ତ୍ରୀ

- ୨୦୨୫ରେ ୪୫୫ କେସ୍‌ରୁ ୧୭୩ ଫଇସଲା
- ୯ ମାସରେ ଭିଜିଲାନ୍ସକୁ ୧୨୫ କେସ୍‌ର ତଦନ୍ତ ନିର୍ଦ୍ଦେଶ



ଭୁବନେଶ୍ୱର,୨।୧(ସୁଜିତ୍ ମିଶ୍ର) ଓଡ଼ିଶା ଭିଜିଲାନ୍ସ ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଏକ ଉଦାହରଣ ସୃଷ୍ଟି କରିଛି। ସରକାରଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଯୋଗୁ ରାଜ୍ୟରେ ଭିଜିଲାନ୍ସ ବିଭାଗ ସକ୍ରିୟ ଭାବେ କାର୍ଯ୍ୟକରି ଦୁର୍ନୀତିଖୋରଙ୍କୁ ଧରିବାରେ ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଭିଜିଲାନ୍ସ ବିଭାଗର ଏକ ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି। ବୈଠକରେ ଆଲୋଚନା ଅନୁଯାୟୀ, ୨୦୨୫ ଏପ୍ରିଲରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ କେସ୍‌ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଏକ ରେକର୍ଡ। ପୂର୍ବରୁ ଏହି ୯ ମାସ ଅବଧି ମଧ୍ୟରେ ରାଜ୍ୟ ସରକାର କେବେହେଲେ ଏତେ ସଂଖ୍ୟକ କେସ୍ ତଦନ୍ତ କରିବା ପାଇଁ ଦେଇନାହାନ୍ତି। ୨୦୨୫ରେ ସମୁଦାୟ ୪୮୮ କେସ୍‌ର ଫଇସଲା ହୋଇଥିବାବେଳେ ସେଥିମଧ୍ୟରୁ ସର୍ବାଧିକ ୧୭୩ଟି ଆୟ ବହିର୍ଭୂତ ସମ୍ପତ୍ତିଜନିତ ମାମଲାର ଫଇସଲା ସରିଛି। ଏହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ ବୋଲି ଜଣାପଡ଼ିଛି।

ଦୁର୍ନୀତି ବିରୋଧରେ ଆକ୍ରମ ମୋଡ୍‌ରେ ସରକାର କାର୍ଯ୍ୟ କରୁଥିବାରୁ ଓଡ଼ିଶା ସାରା ଭାରତରେ ପ୍ରଶଂସିତ ହେଉଛି। ରାଜ୍ୟ ଭିଜିଲାନ୍ସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି। ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ୍ ମିଳିଛି। ଏହି ସାର୍ଟିଫିକେଟ୍ ଏକାଡେମୀକୁ ଆସନ୍ତା ୩ ବର୍ଷ ପାଇଁ ମିଳିଛି। ଉକ୍ତ ସାର୍ଟିଫିକେଟ୍ ପାଇଁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଛନ୍ତି। ୨୦୨୫ରେ ସମୁଦାୟ ୪୮୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ଆୟ ବହିର୍ଭୂତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସରକାରୀ କର୍ମଚାରୀଙ୍କ ୧,୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଛି। ୧୫୩ଟି ବିଲ୍ଡିଂ, ୧୮.୩ କିଗ୍ରା ସୁନା, ୪୧୭ ପ୍ଲଟ, ୧୨ଟି ଫାର୍ମ ହାଉସ୍ ଜବତ କରାଯାଇଛି। ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ଗଚ୍ଛିତ ନଗଦ ଟଙ୍କା ମଧ୍ୟ ଜବତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଓଡ଼ିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା ପାଇଁ ସମୟ ଆସିଯାଇଛି। ଏକ ଏପରି ଉଦାହରଣ ସୃଷ୍ଟି କରିବା, ଯାହାଫଳରେ ସରକାରୀ କର୍ମଚାରୀମାନେ ଦୁର୍ନୀତିର ରାସ୍ତାରୁ ନିବୃତ୍ତ ରହିବେ। ଭିଜିଲାନ୍ସ ବିଭାଗ ତା'ର ଅଭିଯାନ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଭିଜିଲାନ୍ସ ବିଭାଗର ବିଭିନ୍ନ ଆବଶ୍ୟକତା, ଯେପରି ଦକ୍ଷତା ବୃଦ୍ଧି, ନିଯୁକ୍ତି ଏବଂ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଛି। ଏ ବିଷୟରେ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନ୍ସ ଅସିତ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ: ଦୁର୍ଘଟଣାରେ ଶିଶୁମୃତ୍ୟୁ ନେଇ ତୁମୂଳକାଣ୍ଡ

## ୪ ଲକ୍ଷ ଟଙ୍କା ଅନୁକମ୍ପାରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପୁରୀ,୨।୧(ଅଜିତ୍ କୁମାର ମହାନ୍ତି) ବଡ଼ଦାଣ୍ଡର ବଳଗଣ୍ଡିଛକରେ ଶୁକ୍ରବାର ଘଟିଥିବା ସଡ଼କ ଦୁର୍ଘଟଣା ପଛରେ ବୋଲେରୋ ଧକ୍କାରେ ଜଣେ ନାବାଳକ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ବୋଲେରୋଟି ପ୍ରଥମେ ସାଇକେଲ ଆରୋହୀଙ୍କୁ ଧକ୍କା ଦେବାପରେ ସ୍କୁଟିକୁ ଧକ୍କା ଦେଇଥିଲା। ସ୍କୁଟିକୁ ସାଲବେଗ ଛକରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା ବୋଲେରୋ। ଫଳରେ ସ୍କୁଟରେ ଥିବା ନାବାଳକ ନରିର ମୃତ୍ୟୁ ଘଟିଥିବା ବେଳେ ଅନ୍ୟତମେ ନାବାଳକ ଓ ଜେଜେ ଗୁରୁତର ହୋଇଛନ୍ତି। ମୃତ ନାବାଳକଜଣକ ଚନ୍ଦନପୁର ଥାନା ଅନ୍ତର୍ଗତ କୁଟ୍ରି ସାହିର ନିଖିଳ ଦେବଙ୍କ ପୁଅ ଶ୍ରେୟାଂଶ ଦେ (୫), ଗୁରୁତର ହେଲେ ମୃତ ଶିଶୁର ଜେଜେ ନୀଳକଣ୍ଠ ଦେ (୭୨), ଅନ୍ୟଜଣେ ନାବାଳକ ରାଜା ସାହୁ (୧୨) ଓ ସାଇକେଲ ଆରୋହୀ ବଳଗଣ୍ଡି ଅଞ୍ଚଳର ନବକିଶୋର ମହାରଣା (୭୦)। ପରିବାରକୁ ନ୍ୟାୟ ଦାବିରେ ମୃତଦେହକୁ ରୋଡ୍ ଉପରେ ରଖି ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଲୋକମାନେ ମେଡ଼ିକାଲ ଛକ ମୁଖ୍ୟରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଏସ୍‌ପି, ତହସିଲଦାର ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ସହ ପୀଡ଼ିତ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାଯୋଗ୍ୟ, ନୀଳକଣ୍ଠ ଦେ ତାଙ୍କ ନାତି ଶ୍ରେୟାଂଶ ଓ ଅନ୍ୟ ଜଣେ ସମ୍ପର୍କୀୟ ନାବାଳକ ରାଜାକୁ ଶୁକ୍ରବାର ସ୍କୁଟିରେ ନେଇ ଜଳଖିଆ ଆଣିବା ପାଇଁ ଯାଉଥିଲେ। ଜଳଖିଆ ଖାଇ ଫେରୁଥିବା ବେଳେ ମେଡ଼ିକାଲ ଛକରୁ ଶ୍ରୀମନ୍ଦିର ଆଡ଼କୁ ଯାଉଥିବା (ଓଡ଼ି-୨୨-ଏସି-୩୦୪୮) ନମ୍ବର ବିଶିଷ୍ଟ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଫଳରେ ନୀଳକଣ୍ଠ ତଳେ ପଡ଼ିଯାଇଥିଲେ ଏବଂ ବୋଲେରୋ ସ୍କୁଟି ସହ ପିଲାଙ୍କୁ ଟାଣି ନେଇଥିଲା। ବୋଲେରୋ ଡ୍ରାଇଭର ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା କରି ଡାକ୍ତର ଶ୍ରେୟାଂଶଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟମାନଙ୍କର ଚିକିତ୍ସା ଜାରି ରହିଛି। ନାବାଳକର ମୃତ୍ୟୁକୁ ନେଇ ମେଡ଼ିକାଲରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ କୁମ୍ଭାରପଡ଼ା ପୋଲିସ ସହ ଟ୍ରାଫିକ୍ ଥାନା ଓ ଅନ୍ୟ ଥାନାର ଅଧିକାରୀମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋ ଓ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ଡ୍ରାଇଭର ଜଣକ ନିଶା ସେବନ କରି ଗାଡ଼ି ଚଳାଉଥିଲେ ବୋଲି ଅଭିଯୋଗ ହୋଇଛି। ମୃତ ଶିଶୁକୁ ଉପଯୁକ୍ତ ନ୍ୟାୟ ଦାବିକରି ମୃତଦେହ ଅନୁଗାମୀରେ ରଖି ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକ ପୁରୀର ପ୍ରମୁଖ ପ୍ରବେଶ ପଥ ମେଡ଼ିକାଲ ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ଯାତାୟାତରେ ସମସ୍ୟା ଦେଖାଯିବା ସହ ଆଇନ ଶୃଙ୍ଖଳା ପୁରାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। କୌଣସି ଅଘଟଣକୁ ଆଶଙ୍କା କରି ଘଟଣାସ୍ଥଳରେ ପୋଲିସ ମୁତୟନ କରାଯିବା ସହ ପୋଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଯାଇଥିଲା। ଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଅନେକ ସମୟ ଧରି ବୁଝାଶୁଝା କରିବା ସହ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ସେହିପରି ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ମୃତ ନାବାଳକ ପରିବାରକୁ ପ୍ରଦାନ କରାଯାଇଥିଲା। ନୂଆବର୍ଷ ପାଇଁ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଥିବା ବେଳେ ପୁରୀ ବଳଗଣ୍ଡି ଛକକୁ ବୋଲେରୋ ଗାଡ଼ି କିଭଳି ଆସିଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦାୟିତ୍ୱରେ ଅବହେଳା କରିଥିବା ବ୍ୟକ୍ତି ଓ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପୁରୀକୁ ନିଶାମୁକ୍ତ କରିବାକୁ ଦାବି କରାଯାଇଛି।

# ଫରେଷ୍ଟରଙ୍କୁ ବାନ୍ଧିଲା ଭିଜିଲାନ୍ସ

## ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

ଭବାନୀପାଟଣା,୨।୧ (ଉତ୍ତମ କୁମାର ଦାଶ) ୫୫ଲକ୍ଷ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଶୁକ୍ରବାର କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୁଲ ରାମପୁର ରେଞ୍ଜର ପୂର୍ବତନ ଫରେଷ୍ଟର ଜୟ କୁମାର ଜୁଆଡ଼ଙ୍କୁ ଭିଜିଲାନ୍ସ ଗିରଫ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଥୁଆମୁଲ ରାମପୁର ରେଞ୍ଜର ପୋଖରିଗୁଡ଼ା ନର୍ସ ପାହାଡ଼ରେ ୫୦ ହେକ୍ଟର, ଉପରଖପିରେ ୫୦ ହେକ୍ଟର ଓ କୁମକୋରରେ ୩୦ ହେକ୍ଟର ଜମିରେ ହୋଇଥିବା ବୃକ୍ଷରୋପଣ ସ୍ଥାନରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟ (କାମ୍ପା ଏବଂ ସିଏ/ସିପିଏ ଯୋଜନା)ରେ ମିଛ ମଷ୍ଟରରୋଲ ଓ ଜାଲିଆତି ପ୍ରସ୍ତୁତ କରି ଜୁଆଡ଼ ୫୫ ଲକ୍ଷ ୪ ହଜାର ୬୦୭ ଟଙ୍କା ଆତ୍ମସାତ୍ କରିଥିବା ଜଣାପଡ଼ିଛି। ସେହିପରି ସ୍ଥାନୀୟ ଅଞ୍ଚଳର ୩୧ଜଣ ହିତାଧିକାରୀଙ୍କ ନାମରେ ମିଥ୍ୟା ଆକାଉଣ୍ଟ ଖୋଲି ସରକାରୀ ଅର୍ଥ ବାଟମାରଣା ନୀତି ଆପଣାଇଥିଲେ। ଏହାକୁ ନେଇ ବିଭାଗ ପକ୍ଷରୁ ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ତେବେ ଏହା ପୂର୍ବରୁ ଭିଜିଲାନ୍ସ ତଦନ୍ତ କରି ଘଟଣାର ସତ୍ୟତା ସାବ୍ୟସ୍ତ ଆଣିଥିଲା। ଫରେଷ୍ଟର ଜୁଆଡ଼ଙ୍କୁ ଶୁକ୍ରବାର ଭିଜିଲାନ୍ସ ଟିମ୍ ତାଙ୍କ ସେକ୍ସନ ଅଫିସରୁ ଉଠାଇ ଆଣିଥିଲା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୧୫ତମ ରାଜ୍ୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସମାରୋହ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶତମ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଲିଲି, ମେଫେୟାର ଲାଗୁନ୍, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮, ଭୁବନେଶ୍ୱରର ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର,ୟୁନିଟ୍-୮, ସମୟ:ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାରର ଏକତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ଧର୍ମବିହାର, ଖଣ୍ଡଗିରି, ସମୟ: ଅପରାହ୍ନ ୪ଟା।
- ରଂଗମ୍ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ନାଟକ 'ଦ୍ରୋହ' ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୫।

## କଟକ
- ଆର୍ଯ୍ୟ ସମାଜ ତରଫରୁ ୩ ଦିନିଆ ବିଶଶାନ୍ତି ମହାଯଜ୍ଞ, ସ୍ଥାନ: ରାମେଶ୍ୱର ଦେବଙ୍କ ପୀଠ ନୂଆପାଟଣା, ତିଗିରିଆ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ଭୋଗରାଇ ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଥାନା ଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୫ଟା।
- ଉତ୍ସବ ଉତ୍ତର ଓଡ଼ିଶା ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସଦ୍‌ଭାବନା ସମିତି ଆନୁକୂଲ୍ୟରେ ମାସିକ ସନ୍ଥ ଦିବସ ପାଳନ,ସ୍ଥାନ: ଗୋପବନ୍ଧୁ ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ବିଇଡିଏ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ବିଇଡିଏ ସମ୍ମିଳନୀ କକ୍ଷ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ ଉଦଯାପନ, ସ୍ଥାନ: ବୁଗୁଡ଼ା କଲଟୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ
- ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ଢେଙ୍କାନାଳ, ସମୟ: ସକାଳ ୯ଟା।

## ଅନୁଗୋଳ
- ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଉପଲକ୍ଷେ ହାପ୍ ମାରାଥନ ପ୍ରତିଯୋଗିତା, ସ୍ଥାନ: ହନୁମାନ ମନ୍ଦିର ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧ ମହାପୁରୁଷ ମଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲା କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଜୟନ୍ତୀ ଦିବସ ପାଳନ, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ବାଦିପାଲା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ସ୍ମୃତି ସଭା, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍, ସମୟ: ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବ ଦଶମ ସନ୍ଧ୍ୟାରେ ସୋନା ମହାପାତ୍ରଙ୍କ ବଲିଉଡ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ, ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ଘୋଡଲାଗି ପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର,ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଶ୍ରୀରାମଚରିତ ମାନସର ଉଦ୍‌ଯାପନ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଶ୍ରୀନୀଳମାଧବଙ୍କ ଦେବାଭିଷେକ, ସୁନାବେଶ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନୀଳମାଧବ ପୂଜକ ସମାଜ ପକ୍ଷରୁ ଭଜନ ସମାରୋହ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଜିସିଡି ହାଇସ୍କୁଲ ପଡ଼ିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ପାପଡ଼ାହାଣ୍ଡି ଭବ୍ୟ ଶହୀଦ ମିନାର ନିର୍ମାଣ ପାଇଁ ସ୍ଥାନ ନିରୂପଣ ନେଇ ପଲ୍ଲୀ ସଭା, ସ୍ଥାନ: ପାପଡ଼ାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୁଷ ପୁନି ଉଦ୍‌ଘାଟନ ଉତ୍ସବ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ
- ଅଓଇପିଏଫପିଏ କୋରାପୁଟ ଜିଲା ଶାଖାର ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ପୌଷପୂର୍ଣ୍ଣିମା ଉପଲକ୍ଷେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଦମୟନ୍ତୀ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ପୁରୁଣା ତହସିଲ ପଡ଼ିଆ, କୋଟପାଡ଼, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ପିଠାପଣା ପ୍ରତିଯୋଗିତା, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୩ଟା।
- ଲୋକ ମହୋତ୍ସବ -୨୦୨୬ ସଂଯୋଜନା କମିଟିର ଅନ୍ତିମ ପ୍ରସ୍ତୁତି ବୈଠକ, ସ୍ଥାନ: ଅଇଠାପାଲି ସ୍ଥିତ ବିର୍ସା ମଇଦାନ ସ୍ଥିତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର କୃଷ୍ଣବରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପୁଷପୁନି ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଯୋଗୀସର୍ଡା, ଲୋଇସିଂହା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରସ୍ୱତୀ ପୁତ୍ର ଭାଗୀରଥି ନେପାକଙ୍କ ୨୦ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶାନ୍ତିପଡ଼ା, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ନାଟ୍ୟକ୍ରାନ୍ତିର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଲୋଇସିଂହା ପୌଷପୂର୍ଣ୍ଣିମା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୯ଟା।
- ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଅଭିରାମପାଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ ଶୃଙ୍ଗାର-୨୦୨୬ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ ସାହିତ୍ୟ ସଂସଦର ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଫ୍ରେଣ୍ଡ୍‌ସ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିଶ୍ୱବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲିସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀନିବାସ ଗୃହ ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ପର୍ଏଁରୀ ତିହାର-୨୦୨୬ର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଜିଲା ସଂସ୍କୃତି ପରିଷଦ ନୂଆପଡ଼ା ପକ୍ଷରୁ ମାସିକ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପାଠାଗାର ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଆହୁରି ୫ଦିନ ଘନ କୁହୁଡ଼ି

**ଭୁବନେଶ୍ୱର,୨।୧(ବନ୍ଦନା ସେଠୀ)**

ଘନ କୁହୁଡ଼ି ବଳୟରେ ଅସ୍ତବ୍ୟସ୍ତ ଜୀବନ। ଫଳରେ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେବେ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ଯୋଗୁ ଶୀତର ମାତ୍ରା କିଛି ପରିମାଣରେ ହ୍ରାସ ପାଇଥିଲେ ହେଁ କୁହୁଡି ପାଇଁ ଖରାର ପ୍ରକୋପ କମ୍ ରହୁଛି। ଆସନ୍ତା ୨ଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ରାତି ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାପରେ ପୁନର୍ବାର ରାତି ତାପମାତ୍ରା ୨ରୁ ୪ଡିଗ୍ରୀ ଖସିବ ଏବଂ ଥଣ୍ଡା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘନ କୁହୁଡି ନେଇ ଉଭୟ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଜିଲାକୁ ଅତି ଘନକୁହୁଡି ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, କନ୍ଧମାଳ, ଗଞ୍ଜାମ ଏବଂ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ରବିବାର ଯାଜପୁର, କଟକ, କେନ୍ଦ୍ରାପଡ଼ା, ପୁରୀ ଓ ଜଗତ୍‌ସିଂହପୁରକୁ ଅରେଞ୍ଜ ୱାର୍ନିଂ ଏବଂ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡିରେ ୭ଡିଗ୍ରୀ, ଫୁଲବାଣୀ ୭.୫ ଡିଗ୍ରୀ, କୋରାପୁଟ ୮.୧ ଡିଗ୍ରୀ, ଅନୁଗୋଳ ୮.୯ ଡିଗ୍ରୀ, ରାଉରକେଲା ୯.୬ ଡିଗ୍ରୀ, ଝାରସୁଗୁଡା ଏବଂ ବୌଦ୍ଧରେ ୯.୮ ଡିଗ୍ରୀ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲାଣି ନାରଦ ଋଷି**
**କଳି ଧୋଡ଼କିକି କାଖରେ ଜାକି ।**

ଦେବର୍ଷି ନାରଦ କଳହ ଲଗାଇବାରେ ସିଦ୍ଧହସ୍ତ ବୋଲି ଆମେ ପୁରାଣରୁ ଜାଣିବାକୁ ପାଇଥାଉ। ଅଭ୍ୟାସଗତ କଳହପ୍ରିୟ ଲୋକଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅତି ନିଉଚ୍ଛୁଣା ଅନ୍ଧାର ରାତି**
**ଅତି ନିଉଚ୍ଛୁଣା ଗୋଲାମ ଜାତି ।**

ଆଲୋକ ବିନା ଅନ୍ଧାର ରାତିରେ ଜଣକୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସେହିପରି ଅଧୀନତା ସ୍ୱୀକାର କରି ପର ଘରେ ମୁଣ୍ଡ ବିକିଥିବା ଲୋକ ଅଧିକାଂଶ ସମୟରେ ବାର ହୀନସ୍ତା ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଇରାନ୍‌ରେ ଖାମେନେଇ ...

ବିକ୍ଷୋଭକାରୀ ସ୍ଲୋଗାନ ଦେଉଥିବା ଶୁଣାଯାଇଛି। ମୁଲ୍ଲା ଥିବା ପର୍ଯ୍ୟନ୍ତ ଇରାନ ମୁକ୍ତ ହୋଇପାରିବ ନାହିଁ ବୋଲି ସେମାନେ କହିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଇରାନକୁ ଚେତାବନୀ ଦେଇ କହିଛନ୍ତି, ବିକ୍ଷୋଭକାରୀଙ୍କ ବିରୋଧରେ ବଳ ପ୍ରୟୋଗ କରାଗଲେ ଆମେରିକା ଅସ୍ତ୍ରଶସ୍ତ୍ର ସହ ପ୍ରସ୍ତୁତ ରହିଛି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀଙ୍କୁ ଗୁଳିକରି ହତ୍ୟା କରାଗଲେ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ଆମେରିକା ହସ୍ତକ୍ଷେପ କରିବ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ୩ ବର୍ଷ ମଧ୍ୟରେ ଇରାନ୍‌ରେ ଏହାକୁ ସବୁଠୁ ବଡ଼ ଆନ୍ଦୋଳନ ବୋଲି କୁହାଯାଉଛି। ବିଭିନ୍ନ ପ୍ରଦେଶକୁ ଆନ୍ଦୋଳନ ବ୍ୟାପିବା ସହ ଏହା ହିଂସାର ରୂପ ନେବା ପରେ ଟ୍ରମ୍ପ ଏଭଳି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଇରାନ ନେତା ଏହାର ଜବାବ ଦେଇଛନ୍ତି। ସୁପ୍ରିମ ଲିଡର ଖାମେନେଇଙ୍କ ବରିଷ୍ଠ ଉପଦେଷ୍ଟା ଅଲି ଲାରିଜାନି କହିଛନ୍ତି, ଇରାନୀୟଙ୍କ ବିକ୍ଷୋଭରେ ଆମେରିକାର ହସ୍ତକ୍ଷେପ ସମଗ୍ର ଅଞ୍ଚଳରେ ଅରାଜକତା ସୃଷ୍ଟି କରିବ। ଇରାନର ଜାତୀୟ ସୁରକ୍ଷା ଏକ ଲକ୍ଷ୍ମଣରେଖା। ଏହା ଦୁଃସାହସିକ ଟୁଇଟ୍‌ର ବିଷୟ ନୁହେଁ ବୋଲି ଲାରିଜାନି କହିଛନ୍ତି।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ବିରୋଧ କରି ପାଶ୍ଚାତ୍ୟ ଦେଶଗୁଡ଼ିକ ଏହା ଉପରେ ଆର୍ଥିକ କଟକଣା ଲଗାଇଛନ୍ତି। ଫଳରେ ତେହରାନ୍‌ର ଉଭୟ ଆମଦାନୀ ଓ ରପ୍ତାନି ପ୍ରଭାବିତ ହୋଇଛି ଏବଂ ଦେଶର ଅର୍ଥନୀତି ୪୦% କ୍ଷତିଗ୍ରସ୍ତ ହୋଇଛି। ଶର୍ଟଡାଉନ୍ ଯୋଗୁ ବାଣିଜ୍ୟିକ କାରବାର ବାଧାପ୍ରାପ୍ତ ହୋଇଥିବାବେଳେ ସାଧାରଣ ଲୋକେ ନିଜ ଦେଶରେ ଉତ୍ପାଦିତ ସାମଗ୍ରୀ ମଧ୍ୟ କିଣିପାରୁ ନାହାନ୍ତି। ଦୋକାନ ବଜାର, ୟୁନିଭର୍ସିଟିଗୁଡ଼ିକୁ ବନ୍ଦ କରାଯାଇଛି। ଡିସେମ୍ବରରେ ମୁଦ୍ରାସ୍ଫୀତି ୪୨.୫%ରେ ପହଞ୍ଚିଥିବାବେଳେ ଡଲାର ତୁଳନାରେ ରିଆଲର ମୂଲ୍ୟ ଏହାର ପ୍ରାୟ ଅଧା ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୨ରେ ଇରାନ ନିୟମ ବିରୋଧରେ ଯାଇ ମହସା ଅମିନି ହିଜାବ ନ ପିନ୍ଧିବାରୁ ତାଙ୍କୁ ଗିରଫ କରାଯାଇ ହାଜତରେ ରଖାଯାଇଥିଲା। ସେଠାରେ ଅମିନିଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ହୋଇଥିଲା। ଏହାର ୩ ବର୍ଷ ପରେ ବର୍ତ୍ତମାନ ଦରଦାମ୍ ବୃଦ୍ଧିକୁ ନେଇ କ୍ଷୁବ୍ଧ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି।

### ଆଜି ଦେଖାଯିବ..

ପୃଥିବୀଠାରୁ ଦୂରରେ ଥିବାବେଳେ ପୂର୍ଣ୍ଣମୀ ପଡୁଥିବାରୁ ମେ ୧, ମେ ୩୧ ଏବଂ ଜୁନ୍ ୨୯ରେ 'ମାଇକ୍ରୋମୁନ୍' ବା ଛୋଟ ଚନ୍ଦ୍ର ଦେଖାଯିବ ବୋଲି ଜନ ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଗୁଡିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ସୁପରମୁନ ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେନାହିଁ। ତେବେ ଆକାଶ ମେଘ ତଥା କୁହୁଡି ମୁକ୍ତ ରହିଲେ ଶନିବାର ସୁପରମୁନ୍‌କୁ ସୂର୍ଯ୍ୟାସ୍ତ ପରଠାରୁ ସାରାରାତି ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି ସେ କହିଛନ୍ତି। ସୁପରମୁନ୍ ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୁପରମୁନ୍ ଶବ୍ଦଟି ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡା କୃତି ପଥରେ ବୁଲିଥାଏ। ସବୁଠାରୁ ନିକଟରେ ଥିଲାବେଳ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେ ଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡିଥାଏ ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ। କାରଣ ସେହି ସମୟରେ ତାହା ଆମକୁ ବଡ ଓ ଉଜ୍ଜ୍ୱଳ ଦେଖାଯାଏ।

### ୧୦ରୁ ଟେଷ୍ଟିଂ ସେଣ୍ଟର,...

ବିଭୂତିଭୂଷଣ ଜେନା ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଥିଲେ, ଗ୍ରୀନ୍ ଷ୍ଟିକର ବାଧ୍ୟତାମୂଳକ ନୁହେଁ, କିନ୍ତୁ ଏହା ଆରଟିଓଗୁଡ଼ିକରେ ମିଳିବ। ଶୁକ୍ରବାର ଗ୍ରୀନ୍ ଷ୍ଟିକର ନେଇ ଏକ ନୂଆ ସୂଚନା ମିଳିଛି। ଆସନ୍ତା ୧୦ ତାରିଖରୁ ସବୁ ଆର୍‌ଟିଓ ଅଫିସ୍‌ରେ ଗ୍ରୀନ୍ ଷ୍ଟିକର ମିଳିବ ବୋଲି ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯେଉଁମାନେ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ପାଇସାରିଛନ୍ତି, ସେମାନେ ଆସନ୍ତା ୧୦ରୁ ନିକଟସ୍ଥ ଆର୍‌ଟିଓ ଅଫିସ ଯାଇ ଗ୍ରୀନ୍ ଷ୍ଟିକର ପାଇପାରିବେ। ପରିବହନ ବିଭାଗ ଘୋଷଣା କରିଛି, କେବଳ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର ରଖିଥିଲେ ହିଁ ଏହି ସବୁଜ ରଙ୍ଗର ପିୟୁସିସି ବୈଧତା ଷ୍ଟିକର ପାଇବେ।

ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଯେଉଁଯାନବାହନ ମାଲିକମାନେ ଗ୍ରୀନ୍ ଷ୍ଟିକର ନେବାକୁ ଚାହିଁବେ, ସେମାନେ ନିକଟସ୍ଥ ଆର୍‌ଟିଓ ଅଫିସ୍ ଗଲେ ସେଠାରେ ଖୋଲିଥିବା ସ୍ୱତନ୍ତ୍ର କାଉଣ୍ଟରରୁ ତାହା ପାଇଯିବେ। ଗ୍ରୀନ୍ ଷ୍ଟିକର ଦେବା ପୂର୍ବରୁ ଆର୍‌ଟିଓର ଅଧିକାରୀମାନେ ଯାନର ପ୍ରଦୂଷଣ ପ୍ରମାଣ ପତ୍ର, ପଞ୍ଜୀକରଣ ବିବରଣୀ ଏବଂ ବାହନ ଡାଟାବେସ୍‌ରେ ରହିଥିବା ରେକର୍ଡ ସବୁ ଯାଞ୍ଚ କରି ତାହା ପ୍ରଦାନ କରିବେ। ଏଥିପାଇଁ କୌଣସି ଶୁଳ୍କ ଲାଗିବ ନାହିଁ ବୋଲି କୁହାଯାଇଛି। ଏନେଇ ଅତିରିକ୍ତ ଏସ୍‌ଟିଏ କମିଶନର ଦୀପ୍ତି ରଞ୍ଜନ ପାତ୍ର କହିଛନ୍ତି, ବିନା ମୂଲ୍ୟରେ ଏହି ଷ୍ଟିକର ଲୋକମାନେ ପାଇବେ। ଆସନ୍ତା ୧୦ ତାରିଖଠାରୁ ଯେଉଁମାନେ ପଲ୍ୟୁଶନ୍ ଟେଷ୍ଟିଂ ସେଣ୍ଟର ଯିବେ, ସେଠାରୁ ଫର୍ମ ୫୯ ପାଇବେ। କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ପଲ୍ୟୁଶନ୍ ଟେଷ୍ଟିଂ ହୋଇସାରିବା ପରେ ଫର୍ମ ୫୯ ନେବା ବାଧ୍ୟତାମୂଳକ। ଏହା ଛଡ଼ା ଯଦି ଗାଡ଼ି ମାଲିକମାନେ ଚାହିଁବେ, ଟେଷ୍ଟିଂ ସେଣ୍ଟରରୁ ମାଗଣାରେ ଗ୍ରୀନ୍ ଷ୍ଟିକର ନେଇପାରିବେ। ସେହି ଷ୍ଟିକରରେ ଉଲ୍ଲେଖ ରହିବ, କେଉଁ ତାରିଖରୁ କେଉଁ ସମୟ ପର୍ଯ୍ୟନ୍ତ ଗାଡ଼ିର ପ୍ରଦୂଷଣ ମୁକ୍ତ ପତ୍ରର ଅବଧି ରହିଛି।

### ଶିକ୍ଷିତ ଲୋକେ ...

ଉପରେ ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଶିକ୍ଷାର ଉଦ୍ଦେଶ୍ୟ କେବଳ ପେସାଦାରୀ ସଫଳତା ନୁହେଁ ବରଂ ନୈତିକତା ଏବଂ ମାନବୀୟ ଚରିତ୍ରର ବିକାଶ କରିବା।

ସୂଚନାଯୋଗ୍ୟ, ନଭେମ୍ବର ୧୦ରେ ଲାଲକିଲ୍ଲା ନିକଟରେ ବିସ୍ଫୋରକ ଭର୍ତ୍ତି ଆଇ୨୦ କାର୍‌କୁ ବିସ୍ଫୋରଣ ଘଟାଇବାରୁ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ କାର୍‌କୁ ଡାକ୍ତର ଉମର-ଉନ୍ ନବୀ ଚଳାଉଥିଲେ। ଏହି ଆକ୍ରମଣ ପଛରେ ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଉକ୍ତ ମାମଲାରେ ୩ ଜଣ ଡାକ୍ତର ମୁଜାମିଲ୍ ଗନାଇ, ଆଦିଲ୍ ରାଠେର ଏବଂ ଶାହିନା ସଇଦ ଓ ଅନ୍ୟମାନେ ଗିରଫ ହୋଇଥିଲେ। ରାଜନାଥ କହିଛନ୍ତି, ଜ୍ଞାନରୁ ଦକ୍ଷତା ବଢ଼ିଥାଏ, ଯାହା ସମୃଦ୍ଧି ଆଣିଥାଏ ଏବଂ ଧର୍ମ ଦିଗରେ ନେଇଯାଇଥାଏ। ଏହା ହିଁ ପ୍ରକୃତ ସୁଖ। ଯେଉଁ ଶିକ୍ଷାବ୍ୟବସ୍ଥା ଉକ୍ତ ଲକ୍ଷ୍ୟକୁ ପୂରଣ କରିପାରେ ନାହିଁ, ତାହା ବିନମ୍ରତା ପ୍ରଦାନ କରି ନ ଥାଏ। ଜ୍ଞାନ ସହ ଏହା ନ ଥିଲେ ଶିକ୍ଷା ଅସମ୍ପୂର୍ଣ୍ଣ ବୋଲି ରାଜନାଥ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗୁରୁଚାନ୍ଦ୍ରୀ ଯୋଗରୁ ମନ ପ୍ରଫୁଲ୍ଲ ରହିବ। ନୂଆ ଯୋଜନାର ଶୁଭାରମ୍ଭ କରିପାରନ୍ତି। ବ୍ୟବସାୟିକ ସଫଳତା ମିଳିବ। ଆତ୍ମୀୟଙ୍କ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ବ୍ୟବସାୟିକ ସଫଳତା ପାଇବେ, ଆନୁଷ୍ଠାନିକ କାମରେ ନିୟୋଜିତ ହୋଇପାରନ୍ତି।

**ବୃଷ**
ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିବ। ଅଟକି ରହିଥିବା କାମଟିକୁ ପୁନଃ ଆରମ୍ଭ କରିପାରନ୍ତି। ବ୍ୟବସାୟ ଭଲରେ ଚାଲିବ, ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ବୁଧଙ୍କ ଯୋଗୁ ସାମ୍ବାଦିକତାରୁ ଗୌରବାନ୍ୱିତ ହେବେ। ଶେୟାର ବଜାରରୁ ଆଶାଜନକ ଫଳ ପାଇବେ। ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**
ଧନାଧିପ ରାଶିରେ ଆର୍ଥିକ ଅଭିବୃଦ୍ଧି ଘଟିବ। କେତୁ ପ୍ରଭାବରେ ଭୁଲ୍ ବୁଝାମଣାରୁ ପାରିବାରିକ କଳହ ଉପୁଜିବ। ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇବେ। ସାହିତ୍ୟକୃତି ଏବଂ ସଙ୍ଗୀତ ଆସରରେ ଯୋଗଦେଇ ପ୍ରଶଂସିତ ହେବେ। ସଙ୍ଗଠନ, ଭ୍ରମଣ ଏବଂ ସଭାସମିତିରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ**
କର୍ମାଧିପତି ଷଷ୍ଠଭାବରେ ଥିବା ଯୋଗୁ ନୂତନ କର୍ମସଂସ୍ଥାନର ସମ୍ଭାବନା ରହିଛି। ଚନ୍ଦ୍ରଙ୍କ ପ୍ରଭାବରେ ଭାବପ୍ରବଣତାଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଉଚ୍ଚଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ସୁଫଳ ପାଇବେ। ବାକ୍ ଅସଂଯମତା ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି।

**ସିଂହ**
ଚତୁର୍ଥଭାବରେ ରାଜଯୋଗ ସ୍ୱରୂପ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପାରିବାରିକ କ୍ଷେତ୍ର ଭଲ ରହିବ। ଗୃହାରମ୍ଭ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାର ସୁଯୋଗ ଲାଭ କରିବେ। ଶୁକ୍ରଙ୍କ ପ୍ରଭାବରୁ ଭୋଗବିଳାସ ପ୍ରତି ଆଗ୍ରହୀ ହୋଇପାରନ୍ତି। ଚାକ୍ଷୁଷ ପ୍ରମାଣ ବିହୀନ ଅଭିଯୋଗ ସକାଶେ ଅନ୍ତରଙ୍ଗ ବନ୍ଧୁଟି ଉପରେ ସନ୍ଦେହ ଘନୀଭୂତ ହୋଇପାରେ।

**କନ୍ୟା**
କେନ୍ଦ୍ରସ୍ଥ ରାଜଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି ଘଟିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ସରକାରୀ ସହାୟତା ମିଳିପାରେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ କାରିଗରି କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ଖରାପ ରହିଥିବା କାରଣରୁ ମନ ସ୍ଥିର ରହିବ ନାହିଁ।

**ତୁଳା**
ଭାଗ୍ୟସ୍ଥାନକୁ ଏକାଧିକଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ, ସଭାସମିତିରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଯାତ୍ରା ସମୟରେ ଅସୁବିଧା ଭୋଗିପାରନ୍ତି । ଶାରୀରିକ ଅସୁସ୍ଥତା କାରଣରୁ କେତେକ କାମ ଝୁଲନ୍ତା ଅବସ୍ଥାରେ ଅଟକି ରହିଯିବାର ଆଶଙ୍କା ରହିଛି।

**ବିଛା**
ପରସ୍ପର ସମ୍ବନ୍ଧାନ୍ୱିତ ସାତୋଟି ଗ୍ରହଜନିତ ଆଜି ସବୁ ଦିଗରୁ ଶୁଭଫଳ ପାଇବେ। ଯାହା ଇଚ୍ଛା କରିବେ ତାହା ପାଇବେ ଏବଂ ନିଜ ପରିବେଶରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ସ୍ୱାଧୀନ ମନୋବୃତ୍ତି ବାଧାପ୍ରାପ୍ତ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଅଫିସିଆଲି କାମରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ**
ଏକାଧିକ ରାଶିରେ ଅବସ୍ଥାନ କରି ମାନସିକସ୍ଥିତିକୁ ବିଭ୍ରାନ୍ତ କରାଇପାରନ୍ତି। ଦୂର ବନ୍ଧୁଙ୍କ ଦର୍ଶନରେ ମନ ଖୁସି ରହିବ। ସମ୍ପର୍କୀୟଙ୍କ ପ୍ରତାରଣାପୂର୍ଣ୍ଣ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତି, ଅଧ୍ୟୟନ ଓ ଅଧ୍ୟାପନା, କର୍ମାରମ୍ଭ, ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ।

**ମକର**
ଧନସ୍ଥାନରେ ରାହୁଙ୍କ ଯୋଗୁ ଅପବ୍ୟୟ ହେତୁ ମନସ୍ତାପ କରିପାରନ୍ତି। ଅଭିଳାଷ ପୂରଣ ନ ହେବାରୁ ଅସ୍ଥିରତା ଓ ଅନିଦ୍ରା ରହିପାରନ୍ତି। ବନ୍ଧୁଙ୍କ ଅନୁପସ୍ଥିତି, ଆଳସ୍ୟ ଓ ଅବହେଳାଜନିତ ପରିବାରରେ ମନାନ୍ତର ସୃଷ୍ଟି ହେବ। ଆରମ୍ଭ କରିବାକୁ ମନସ୍ଥ କରିଥିବା କାମଟି ଆଦୌ ଅଟକିବ ନାହିଁ। ବନ୍ଧୁମିଳନଜନିତ ଖୁସି ଅନୁଭବ କରିପାରନ୍ତି।

**କୁମ୍ଭ**
ଶୁଭଗ୍ରହ ପ୍ରଭାବରୁ ଉନ୍ନତ ଚିନ୍ତାଯୁକ୍ତ ହେବେ, କିନ୍ତୁ ରାହୁଙ୍କ କୁପ୍ରଭାବ ତାହା କାର୍ଯ୍ୟକାରୀ କରିବାକୁ ଦେବନାହିଁ। ପ୍ରତିଯୋଗିତାରେ ସଫଳ ହେବେ। ମାଲିମକଦ୍ଦମାର ସପକ୍ଷରେ ଯିବାର ସମ୍ଭାବନା ରହିଛି। ଦୈହିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ ବିଚଳିତ କରିପାରେ। ବ୍ୟୟସଂକୋଚ କରି ଆର୍ଥିକ ସ୍ଥିତିକୁ ନିୟନ୍ତ୍ରଣ କରିପାରନ୍ତି।

**ମୀନ**
ଗ୍ରହ ପ୍ରଭାବରୁ ଆଜିର ଦୈନିକଚର୍ଯ୍ୟା ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ଲାଭ କରି ଖୁସି ରହିବେ। ସହକର୍ମୀଙ୍କ ଅଭିସନ୍ଧିମୂଳକ କାର୍ଯ୍ୟ ପ୍ରତି ସଜାଗ ରହିବା ଭଲ। ରପ୍ତାନି ବାଣିଜ୍ୟ, ପ୍ଲଟିଂ କାରବାର, ଧାତୁ ଅଳଙ୍କାର, କୁଟୀରଶିଳ୍ପ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଅନୁକୂଳ।

ଆଜି ଜାନୁୟାରୀ ୩ ତାରିଖ, ପୌଷ ପୂର୍ଣ୍ଣିମା, ଶନିବାର, ଦେବାଭିଷେକ, ପୌଷ ବନ୍ଦାପନା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ, ପୁରୀ ଗୋବର୍ଦ୍ଧନ ପୀଠାଧିଶ ଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭।୫୨ ଗତେ ଘ.୦୯।୦୮ ମଧ୍ୟେ, ଘ.୧୨।୧୨ ଗତେ ଘ.୦୧।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୦୯।୦୮ ଗତେ ଘ.୧୦।୨୯ ମଧ୍ୟେ ରାହୁକାଳ।

# ଚିତାଳୋ କଲେଜର ପୂର୍ବତନ ଅଧ୍ୟକ୍ଷ, ସଭାପତି ଗିରଫ

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଅର୍ଥ ଆତ୍ମସାତ୍ ମାମଲା

ଯାଜପୁର/ ଯାଜପୁର ଟାଉନ୍ ୨।୧(ହର୍ଷବର୍ଦ୍ଧନ ବେହେରା/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ଦଶରଥପୁର ବ୍ଲକ ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ ଓ ପୂର୍ବତନ ସଭାପତି ବଦ୍ରିନାରାୟଣ ରାୟଙ୍କୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଗିରଫ କରାଯାଇଛି। ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପାଇଁ ଆସିଥିବା ୩୨ ଲକ୍ଷ ୭ ହଜାର ୬୨୦ ସରକାରୀ ଅର୍ଥକୁ ଆତ୍ମସାତ କରିଥିବାରୁ ଭିଜିଲାନ୍ସ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ



ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ

କରାଯାଇଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ନଂ. ୪୦/୩୧।୧୨।୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।



ପୂର୍ବତନ ସଭାପତି ବଦ୍ରିନାରାୟଣ ରାୟ

ରାଜ୍ୟ ଯୁବନୀତି ତଥା ଷ୍ଟେଟ୍ ୟୁଥ୍ ପଲିସି-୨୦୧୩ ନୀତି ଅନୁଯାୟୀ କଲେଜ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପ୍ରଣିତ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ତାଲିମ ପାଇଁ ୨୦୨୪-୨୫ ବର୍ଷରେ ରାଜ୍ୟର ୩୧୬ କଲେଜକୁ ଦିଆଯାଇଥିବା ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହୋଇପାରି ନ ଥିଲା। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରି ରମେଶ ଚନ୍ଦ୍ର ବେହେରା କଲେଜ ପ୍ରିନ୍ସିପାଲମାନଙ୍କୁ ଖର୍ଚ୍ଚ ହୋଇ ନ ଥିବା ସରକାରୀ ଅର୍ଥ ଫେରେଇଦେବାକୁ ୧୪।୮।୨୦୨୫ରେ ନିର୍ଦ୍ଦେଶ ଜାରି କରିଥିଲେ। କେତେକ କଲେଜ କର୍ତ୍ତୃପକ୍ଷ ୧୫।୪।୨୦୨୫ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରିପାରି ନ ଥିଲେ। ଏନେଇ ଚିତାଳୋ କଲେଜରେ ହୋଇଥିବା ଅନିୟମିତତା ଉପରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ପ୍ରମାଣ ମିଳିବା ପରେ ପୂର୍ବତନ ଅଧ୍ୟକ୍ଷ ଓ ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଶେୟାର ଟ୍ରେଡିଂ ଆଳରେ ୪୦ କୋଟି ଠକେଇ
# ପଶ୍ଚିମବଙ୍ଗରୁ ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୧(ସତ୍ୟଜିତ ରାଉତ)

ଶେୟାର ଟ୍ରେଡିଂ ଆଳରେ ୪୦ କୋଟି ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅମ୍ରିତପୁରରେ ରହୁଥିବା ବିଷ୍ଣୁପୁରର ଅମିତ ମଣ୍ଡଳ। ତାଙ୍କଠାରୁ ଏକ ଲାପଟପ୍ ଜବତ କରାଯାଇଛି। ସେଥିରେ ନିବେଶକାରୀଙ୍କ ତାଲିକା ଓ ଜମା ଟଙ୍କା ସମ୍ବନ୍ଧୀୟ ତଥ୍ୟ ରହିଛି। ବୁଧବାର ଗିରଫ ପରେ ଅମିତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶନିବାର କଟକସ୍ଥିତ ସ୍ୱତନ୍ତ୍ର ଇଓଡବ୍ଲ୍ୟୁ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅମିତଙ୍କ ସହଯୋଗୀଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଅମିତ ଓ ତାଙ୍କ ଏଜେଣ୍ଟମାନେ ସାଧାରଣ ଲୋକଙ୍କୁ ଶେୟାର ଟ୍ରେଡିଂ ଆଳରେ ଫସାଇଥିଲେ। ମାସିକ ୩.୫ ପ୍ରତିଶତରୁ ୭ ପ୍ରତିଶତ ରିଟର୍ନ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅମିତ ୨୦୨୦ରୁ ୨୦୨୪ ମଧ୍ୟରେ ଓଡ଼ିଶାର ୫୦୦ଜଣ ଏବଂ ପଶ୍ଚିବମଙ୍ଗର ୧୦୦ଜଣଙ୍କୁ ଫସାଇ ୧୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ।

# ୨ ବାଘଛାଲ, ୪ ଶମ୍ବର ଶିଙ୍ଗ ଜବତ: ୬ ଗିରଫ

ନୂଆପଡ଼ା,୨।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବନ ବିଭାଗ ଶୁକ୍ରବାର ପୃଥକ୍ ସ୍ଥାନରେ ଚଢାଉ କରି ୨ କଲରା ପତରିଆ ବାଘ ଛାଲ ଓ ୪ ଶମ୍ବର ଶିଙ୍ଗ ଜବତ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତ ପାତାଲଘୁଟକୁରି ଗାଁର ମହେଶ ସାହୁ(୬୨), ଗଜାନନ ସାହୁ (୨୬) ଓ ବୋଡେନ ଥାନା ଶରଧାପୁର ଗାଁର ଦିନେଶ ମାଝି (୬୨), ସୁକୁରାମ ଚିନ୍ଦା(୪୫), ପୂର୍ଣ୍ଣଚନ୍ଦ୍ର ମାଝି(୪୬) ଓ ମଧୁସୂଦନ ମାଝି(୫୫)। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଖଡିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍ଓ ଅଜିଜ ଖାନ୍ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଗୁରୁବାର ଖଡିଆଳ ବନ ବିଭାଗ କର୍ମଚାରୀ ବୋଡେନ ଶରଧାପୁର ଗାଁରେ କଲରା ପତରିଆ ବାଘଛାଲ ବିକ୍ରି ପାଇଁ ଡିଲ ଚାଲିଥିବା କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ସେହି ସମୟରେ ଗୋଟିଏ ବାଘ ଛାଲ ଓ ୨ ଶମ୍ବର ଶିଙ୍ଗ ଜବତ କରି ୪ ଜଣଙ୍କୁ ଗିରଫ କରିଥିଲେ। ହେଲେ ସମ୍ପୃକ୍ତ ୨ ଜଣ ଫେରାର ହୋଇଯାଇଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ ବାଘ ଛାଲ, ସମ୍ବର ଶିଙ୍ଗ।

ଗିରଫ ଅଭିଯୁକ୍ତମାନଙ୍କୁ ଖଡିଆଳ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା ସମୟରେ ଅନ୍ୟ ଏକ ସ୍ଥାନରେ କଲରା ପତରିଆ ବାଘ ଛାଲ ଓ ଶମ୍ବର ଶିଙ୍ଗ ରଖିଥିବା ସୂଚନା ପାଇଥିଲେ। ଏହାପରେ କର୍ମଚାରୀମାନେ ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତ ପାତାଲଘୁଟୁକୁରି ଗାଁରେ ଚଢାଉ କରି ମହେଶ ସାହୁଙ୍କ ଘରୁ ଗୋଟିଏ କଲରା ପତରିଆ ବାଘ ଛାଲ ଓ ୨ଟି ଶମ୍ବର ଶିଙ୍ଗ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିଏଫ୍ଓ ଖାନ୍ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସିଏଫ୍ ପ୍ରଶନଜିତ ନାଏକ, ମହମ୍ମଦ ମୁସ୍ତାଫା ସାହିଲ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବୃଦ୍ଧଙ୍କୁ ହତ୍ୟା ଘଟଣା, ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମର ସନିଆ ଗୌଡ଼(୮୫)ଙ୍କୁ ଗୁରୁବାର ସକାଳେ ଗାଁ ଦାଣ୍ଡରେ ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ ସିନ୍ଧବା ଗ୍ରାମର ଶିବଶଙ୍କର ଗୌଡ଼ ଓରଫ ଶିବା (୨୨) ଏବଂ ତାଙ୍କ ସମ୍ପର୍କୀୟ ଚିକୁନ ଗୌଡ଼(୨୫)ଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଥାନା ମାମଲା ନଂ.୧/୨୬ ଦଫା -୧୦୩(୧)/୩(୫) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

ସିନ୍ଧବା ଗ୍ରାମର ସନିଆଙ୍କ ନାତୁଣୀ(୧୬) ଗତ ମଙ୍ଗଳବାର ରାତି ପ୍ରାୟ ୯ ଟାରେ ତାଙ୍କ ଛେଳି ଗୁହାଳରେ କାମ କରୁଥିବା ବେଳେ ଶିବ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଗୁରୁବାର ସକାଳେ ଘର ସାମ୍ନାରେ ସନିଆ, ତାଙ୍କ ପୁଅ ବିଚିତ୍ର ଗୌଡ଼ ଏବଂ ଗ୍ରାମର ଶତ୍ରୁଘ୍ନ ଗୌଡ଼ ଉକ୍ତ ଘଟଣା ସମ୍ପର୍କରେ କଥା ହେଉଥିଲେ। ପଡୋଶୀ ଶିବ ଏହା ଶୁଣିବା ପରେ ସମ୍ପର୍କୀୟ ଚିକୁନ ସହ ସେଠାରେ ପହଞ୍ଚି ସନିଆଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିଲେ। ପ୍ରତିବାଦ କରିବାରୁ ଶିବ ସେଠାରେ ପଡ଼ିଥିବା ଠେସ କାଠରେ ସନିଆଙ୍କ ମୁଣ୍ଡକୁ ପିଟିଥିଲେ। ଚିକୁନ ମଧ୍ୟ ତାଙ୍କୁ ମୁଥ ମାରିଥିଲେ। ଏଥିରେ ଗୁରୁତର ସନିଆଙ୍କୁ ପରିବାର ଲୋକେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାର ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସନିଆଙ୍କ ପୁଅ ବିଚିତ୍ର ଏତଲା ଦେବାପରେ ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ମାଟି, ସନିଆଙ୍କ ଲୁଗା, ୨ ଅଭିଯୁକ୍ତଙ୍କ ପୋଷାକ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କାଠଖଣ୍ଡ ଜବତ କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କ ଘରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଧରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଉଭୟେ ନିଜ ଦୋଷ ସ୍ୱୀକାର କରିଥିବା ଆଇଆଇସି କହିଛନ୍ତି। ଅପରପକ୍ଷରେ ପୀଡ଼ିତା ଶୁକ୍ରବାର ଥାନାରେ ପହଞ୍ଚି ଶିବଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୨/୨୬ରେ ପୋକ୍‌ସୋ ଆଇନର ଧାରା - ୪ ଅନୁଯାୟୀ ମାମଲା ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ଟିକିଟି ଫାଣ୍ଡି ଏସ.ଆଇ. ଗୌତମ ସାହୁ ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ଶନିବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ଜଣାପଡିଛି।

## Business

# ୮ରୁ ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ



ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ଚତୁର୍ଥ ସଂସ୍କରଣ ଜାନୁଆରୀ ୮ରୁ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ୧୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ୨୫୦ ଜଣ ପ୍ରଦର୍ଶକ ଓ ପରିଦର୍ଶକ ଏକାଠି ହେବେ। ୧୦ରୁ ଅଧିକ ଦେଶର ୩୦୦ରୁ ଅଧିକ କମ୍ପାନୀ ଏଥିରେ ସାମିଲ ହେବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ସମ୍ମାନିତ ଅତିଥିଭାବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଶିଳ୍ପବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଖଣିକ୍ଷେତ୍ରରେ ସଫଳ ମହିଳାଙ୍କୁ ପୁରସ୍କାର ପ୍ରଦାନ କରିବେ। ତୃତୀୟଦିନରେ ଇସ୍ପାତ ଏବଂ ଖଣିମନ୍ତ୍ରୀ ବିଭୂତିଭୂଷଣ ଜେନା ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେବେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବେ।

ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏକ୍ସପୋ ଓଡ଼ିଶାକୁ ଏସିଆର ଖଣିଜ କ୍ଷେତ୍ରର ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରିବା ପାଇଁ ଉଦ୍ଦିଷ୍ଟ ବୋଲି ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଶୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ନାଲ୍‌କୋର ପୂର୍ବତନ ଅଧ୍ୟକ୍ଷ ଏବଂ ଏମ୍‌ଡି ତଥା ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ପ୍ରମୁଖ ବିସ୍ତୃତ ସୂଚନା ଦେଇଥିଲେ। ଏହି ଅବସରରେ ଲୁମିନସଇନଫୋର ପରିଚାଳନା ନିର୍ଦ୍ଦେଶକ ଜୟଶ୍ରୀ ମହାନ୍ତି, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଆସ୍ତା ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ, କୃପା ଚୌଧୁରୀ, ଲଘୁ ଉଦ୍ୟୋଗ ଭାରତୀର ଗୋପାଳ ଦାସ ଅଗ୍ରୱାଲ, ୱାଲେଟ୪ ୱେଲଥର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ଅବିନାଶ ପଟ୍ଟନାୟକ, ଆୟୋଜକ କମିଟିର ଉପାଧ୍ୟକ୍ଷ ସୁଦର୍ଶନ ଶେଖର ମହାନ୍ତି, ଇକ୍ୟୁପେଜ ଇନଫ୍ରାକୋର ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ନାୟକ, କେସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏସଆର ସାମଲ, ଫ୍ୟୁଚରଏକ୍ସର ନିର୍ଦ୍ଦେଶକ ନିଧି ଶର୍ମା, ଫ୍ୟୁଚରଏକ୍ସର ପ୍ରୋଜେକ୍ଟ ନିର୍ଦ୍ଦେଶକ ସୌମୋ ରୟ ପ୍ରମୁଖ ଉପସ୍ଥିତ ଥିଲେ।

# ଲାପ୍ସଡ ପଲିସିର ପୁନରୁଦ୍ଧାର କରିବ ଏଲ୍‌ଆଇସି

ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଲାପ୍ସଡ ହୋଇଥିବା ବ୍ୟକ୍ତିଗତ ପଲିସିଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଏକ ବିଶେଷ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ଅଧୀନରେ ନନ-ଲିଙ୍କ୍‌ଡ ଇନ୍‌ସ୍ୟୁରାନ୍ସ ଯୋଜନାଗୁଡ଼ିକ ପାଇଁ ଲେଟ ଫିସ୍ ଉପରେ ୩୦% ପର୍ଯ୍ୟନ୍ତ ଛାଡ଼ ପ୍ରଦାନ କରାଯାଉଛି, ଯାହାର ସର୍ବୋଚ୍ଚ ରାଶି ୫୦୦୦ ଟଙ୍କା ରହିଛି। ମୋଟ ଗ୍ରହଣୀୟ ପ୍ରିମିୟମ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେଲେ ସର୍ବୋଚ୍ଚ ୩୦୦୦ ଟଙ୍କା, ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ମଧ୍ୟରେ ହେଲେ ସର୍ବୋଚ୍ଚ ୪୦୦୦ ଟଙ୍କା ଏବଂ ୩ ଲକ୍ଷ ଟଙ୍କାରୁ ଅଧିକ ହେଲେ ସର୍ବୋଚ୍ଚ ୫୦୦୦ ଟଙ୍କା ଛାଡ଼ ମିଳିବ। ମାଇକ୍ରୋ ଇନ୍‌ସ୍ୟୁରାନ୍ସ ଯୋଜନାଗୁଡ଼ିକ ପାଇଁ ଲେଟ ଫିସ୍ ଶତପ୍ରତିଶତ ଛାଡ଼ କରାଯାଇଛି। ଏହି ବିଶେଷ ଅଭିଯାନ ଅଧୀନରେ

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA


ପ୍ରଥମ ଅନାଦେୟ ପ୍ରିମିୟମ ତାରିଖରୁ ୫ ବର୍ଷ ମଧ୍ୟରେ ପଲିସିଗୁଡ଼ିକୁ ପୁନରୁଦ୍ଧାର କରାଯାଇପାରିବ। ଏଥିପାଇଁ କିଛି ପଲିସି ସର୍ତ୍ତାବଳୀ ରହିଛି। ପ୍ରିମିୟମ ଦେବା ଅବଧି ମଧ୍ୟରେ ଲାପ୍ସଡ ହୋଇଥିବା ଏବଂ ପଲିସି ଅବଧି ସମ୍ପୂର୍ଣ୍ଣ ନ ହୋଇଥିବା ପଲିସିଗୁଡିକ ଏହି ଅଭିଯାନରେ ପୁନରୁଦ୍ଧାର ହୋଇପାରିବ। ଏହି ଅଭିଯାନ ସେହି ପଲିସିଧାରୀମାନଙ୍କ ଲାଭ ପାଇଁ ଆରମ୍ଭ କରାଯାଇଛି, ଯେଉଁମାନେ ଅପ୍ରୀତିକର ପରିସ୍ଥିତି ଯୋଗୁ ଠିକ୍ ସମୟରେ ପ୍ରିମିୟମ ଦେଇପାରି ନ ଥିଲେ। ପଲିସିକୁ ଚାଲୁ ରଖିବା ଦ୍ୱାରା ପୂରା ବୀମା ଲାଭ ମିଳିଥାଏ। ପୁରୁଣା ପଲିସିକୁ ପୁନରୁଦ୍ଧାର କରି ବୀମା କଭର ପୁନଃ ସ୍ଥାପନ କରିବା ଏଲଆଇସିର ଉଦ୍ଦେଶ୍ୟ ବୋଲି କୁହାଯାଇଛି।

# ଏପ୍ରିଲରେ ଭାରତ ଷ୍ଟିଲ୍ ୨୦୨୬ ସମ୍ମିଳନୀ

ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧୬ ଓ ୧୭ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରଦର୍ଶନୀ ଭାରତ ଷ୍ଟିଲ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏକ ପ୍ରମୁଖ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ ପରିକଳ୍ପିତ ଭାରତ ଷ୍ଟିଲ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ, ନିବେଶକ ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଭାରତ ଏବଂ ବିଶ୍ୱ ସ୍ତରରେ ଇସ୍ପାତ କ୍ଷେତ୍ରର ଭବିଷ୍ୟତ ଉପରେ ବିଚାର ବିମର୍ଶ କରିବା ପାଇଁ ଏକାଠି କରିବ। ଭାରତର ଇସ୍ପାତ ଦୃଷ୍ଟିକୋଣ, ନୀତି ନିର୍ଦ୍ଦେଶ ଏବଂ ନିବେଶ ସମ୍ଭାବନାକୁ ପ୍ରଦର୍ଶନ କରିବା, ଭାରତ ସରକାର ଏବଂ ବିଶ୍ୱସ୍ତରୀୟ ଇସ୍ପାତ-ପରିବେଶ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ପର୍କକୁ ସୁଗମ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ରହିଛି। ଭାରତ ସରକାରଙ୍କ ବରିଷ୍ଠ ନେତୃତ୍ୱ, ପ୍ରମୁଖ ମନ୍ତ୍ରଣାଳୟ, ରାଜ୍ୟ ସରକାର, ପ୍ରମୁଖ ଭାରତୀୟ ଏବଂ ଅନ୍ତର୍ଜାତୀୟ ଇସ୍ପାତ ଏବଂ ଖଣି-କମ୍ପାନୀଗୁଡ଼ିକର ସିଇଓ, ଆର୍ଥିକ ପ୍ରତିଷ୍ଠାନ, ବାଣିଜ୍ୟ ସଂସ୍ଥା ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କଠାରୁ ଉଚ୍ଚସ୍ତରୀୟ ଅଂଶଗ୍ରହଣ ଆଶା କରାଯାଉଛି।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ

-ଦେବାଭିଷେକ ପୂର୍ଣ୍ଣମା, ମାଘ ବ୍ରତାରମ୍ଭ, ମହୋଦଧି ଆଳତି



# ଚାପର ପରୀକ୍ଷା

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜଟିଳ ସ୍ଥିତି ଦେଇ ଗତି କରୁଥିବା ଭାରତ–ବାଂଲାଦେଶ ସମ୍ପର୍କକୁ ସୁଧାରିବା ଲାଗି ଚେଷ୍ଟା କରାଯାଉଛି। ଉଭୟ ପକ୍ଷର ସଂସ୍ଥା, ସୁରକ୍ଷା ଏଜେନ୍ସି ଏବଂ ଦାୟିତ୍ୱରେ ଥିବା ଅଭିଜ୍ଞ କୂଟନୀତିଜ୍ଞଙ୍କ ଯୋଗୁ ଅନେକ ବର୍ଷ ଧରି ଏହି ସମ୍ପର୍କ ରହିଆସିଥିଲା । ଏବେ ଉତ୍ତେଜନା ଏବଂ କଟୁ ସମାଲୋଚନା ବୃଦ୍ଧି ପାଉଥିବାବେଳେ ଏଭଳି ସ୍ଥିତିରେ ସେମାନଙ୍କ ଅଭିଜ୍ଞତା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ତେବେ ଭାରତରେ ଥିବା ଦକ୍ଷ ଓ ଦୃଢ଼ ବ୍ୟକ୍ତିମାନେ ବାଂଲାଦେଶକୁ ଭଲ ଭାବେ ବୁଝିପାରୁଛନ୍ତି। ଭାରତର ସଂସ୍ଥାଗତ ଅଭିଜ୍ଞତାର ଗଭୀରତା ଦେଖନ୍ତୁ। ପୂର୍ବତନ ଆର୍ ଆଣ୍ଡଏଡବ୍ଲ୍ୟୁ(ର) ଅଧିକାରୀ ଅମିତାଭ ମାଥୁର, ଅମର ଭୂଷଣ, ରବି (ସିକେ) ସିହ୍ନା, ଶଶିଭୂଷଣ ସିଂହ, ଆଲୋକ ତିୱାରୀ, ଆର୍. କୁମାର ଏବଂ ଶଶିଭୂଷଣ ସିଂହ ତୋମାରଙ୍କ ଭଳି ଅନ୍ୟ ଅଧିକାରୀମାନେ ଅନେକ ଦଶନ୍ଧି ଧରି ଏକ ଦୃଢ଼ ନେଟ୍‌ୱର୍କ ଗଢ଼ି ଭୁଲ୍ ତଥ୍ୟର ମୁକାବିଲା, ସଙ୍କଟ ନିୟନ୍ତ୍ରଣ ଏବଂ ଗୁପ୍ତ ତଥା ପରୋକ୍ଷ ଯୋଗାଯୋଗ ପଦ୍ଧତି ସୃଷ୍ଟି କରିଛନ୍ତି। ଏମାନଙ୍କ ସହିତ ଭାରତର ରଣନୈତିକ କ୍ଷେତ୍ରରେ ଆଲୋକ ଜୋଷୀ, ଅଶୋକ ସିହ୍ନା ଏବଂ ବିବେକ ଜୋହରିଙ୍କ ଭଳି ବିଜ୍ଞ ବ୍ୟକ୍ତିଙ୍କୁ ଦେଖନ୍ତୁ। ଏପରିକି ଇଣ୍ଟେଲିଜେନ୍ସ ବ୍ୟୁରୋରେ ଥିବା ଅଧିକାରୀ ଶୀଲ ବର୍ଦ୍ଧନ ସିଂହ, ବଲ୍‌ବୀର ସିଂହ, ସୁରେନ୍ଦ୍ର ସିଂହ, ରମାକାନ୍ତ ଏବଂ ସୁମିତ୍ ବାଂଲାଦେଶର ତୃଣମୂଳସ୍ତରର ବାସ୍ତବତାକୁ ଜାଣନ୍ତି। କୂଟନୈତିକ ସ୍ତରରେ ମଧ୍ୟ ପିନାକ ରଞ୍ଜନ ଚକ୍ରବର୍ତ୍ତୀଙ୍କ ପରି ବ୍ୟକ୍ତିମାନେ ବହୁ ଦିନ ଧରି ସତର୍କ କରିଆସିଛନ୍ତି ଯେ, ଆମ ବାଂଲାଦେଶ ନୀତି ଅହଂକାର କିମ୍ବା ନିର୍ବାଚନୀ ପ୍ରତିଫଳନ ଦ୍ୱାରା ସକ୍ରିୟ ଭାବେ ପରିଚାଳିତ ହୋଇପାରିବ ନାହିଁ। ଢାକାରେ ବଢ଼ୁଥିବା ରାଜନୈତିକ ଅସ୍ଥିରତା ଏବଂ ଜାତୀୟତାବାଦୀ ଚାପ କୂଟନୀତିକୁ ଅଧିକ ପ୍ରତିକ୍ରିୟାଶୀଳ କରିଦେଇଛି। ସମ୍ପର୍କ ଭାଙ୍ଗି ପଡୁନାହିଁ; ବରଂ ଏକ ଚାପର ପରୀକ୍ଷା ହେଉଛି। ଏକ ସ୍ଥାୟୀ ସମ୍ପର୍କ ପାଇଁ ଅଭିଜ୍ଞ ଅଧିକାରୀମାନେ ମାର୍ଗଦର୍ଶନ କରିବା ଉଚିତ।

### ଘନିଷ୍ଠତାକୁ ପ୍ରାଧାନ୍ୟ

ଦିଲ୍ଲୀରେ ସମୟ କାଟ ଆଉ ନିଜ କ୍ୟାଡରକୁ ଫେରିଯାଅ ଏବଂ ଆପଣ ପୂର୍ବାପେକ୍ଷା କ୍ଷମତାର ଆହୁରି ନିକଟତର ହୋଇପାରିବେ ବୋଲି ଭାରତୀୟ ଅମଲାତନ୍ତ୍ରରେ ଏକ କୌତୂହଳପ୍ରଦ ନିୟମ ଅଛି। ଗୁଜରାଟ ହେଉଛି ଏହାର ବଡ଼ ଉଦାହରଣ। କେନ୍ଦ୍ର ସରକାରରେ ବିଶେଷକରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଏହା ସହ ଜଡ଼ିତ ଥିବା ଯେକୌଣସି ମନ୍ତ୍ରଣାଳୟରେ କାର୍ଯ୍ୟ କରିଥିବା ଅଧିକାରୀମାନେ ରାଜ୍ୟର ସବୁଠାରୁ ପ୍ରଭାବଶାଳୀ ପଦବୀରେ ନିଯୁକ୍ତ ହେଉଛନ୍ତି। ଏକ ରାଜ୍ୟ ସରକାର ତାଙ୍କ ବ୍ୟବସ୍ଥାରେ ଜଣେ ପରିଚିତ ବ୍ୟକ୍ତିଙ୍କୁ ପସନ୍ଦ କରୁଛନ୍ତି। ବାସ୍ତବରେ, ଦିଲ୍ଲୀରୁ ଫେରିଥିବା ଅଧିକାରୀଙ୍କ ଗୁରୁତ୍ୱ ରହିଛି। ପିଏମ୍‌ଓ, ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଏବଂ ଜାତୀୟ ନୀତି ପ୍ରକ୍ରିୟାଗୁଡ଼ିକରେ ରହିବା ସେମାନଙ୍କ ଦକ୍ଷତାର ପରିଚୟଦିଏ। ଯେକୌଣସି ସରକାର ସେହି ବିଶେଷଜ୍ଞଙ୍କୁ ଚାହିଁବା ସ୍ୱାଭାବିକ। ହେଲେ ସମସ୍ୟା ହେଉଛି ସମାନ ଭାବେ ଯୋଗ୍ୟ ଅଧିକାରୀଙ୍କୁ ପଛରେ ରଖି ଏଭଳି ବ୍ୟବସ୍ଥା କରାଯାଉଛି । ଏ କ୍ଷେତ୍ରରେ କେନ୍ଦ୍ର ସହ ସମ୍ପର୍କକୁ ଯୋଗ୍ୟତା ଭାବେ ଦେଖାଯାଏ। ଯେତେବେଳେ ଶାସନ ଏକ ବିଶ୍ୱସ୍ତତା ପରିବେଶକୁ ଆଦରିନିଏ, ସେତେବେଳେ ସଂସ୍ଥାଗତ ସ୍ୱଚ୍ଛତା ପ୍ରଭାବିତ ହୁଏ। ଗୁଜରାଟ ଦକ୍ଷତା ଏବଂ ପ୍ରଶାସନିକ ଶୃଙ୍ଖଳାକୁ ନେଇ ଗର୍ବ କରେ। କିନ୍ତୁ ଦକ୍ଷତା କେବଳ ବିଶ୍ୱସ୍ତତା ଓ ସମ୍ପର୍କର ବିଷୟରେ ନୁହେଁ; ଏହା ବ୍ୟାପକ ପ୍ରତିଭା, ରାଜ୍ୟର ବାସ୍ତବ ସ୍ଥିତି ଉପରେ ଆଧାରିତ ଦକ୍ଷତାକୁ ସୂଚିତ କରେ। ଏହି ଧାରା ରାଜନୈତିକ ପରିଚାଳନାକୁ ସହଜ କରିପାରେ। କିନ୍ତୁ ଦେଖାଯାଏ ନିଯୁକ୍ତି ବେଳେ କାର୍ଯ୍ୟଦକ୍ଷତା ବଦଳରେ ଘନିଷ୍ଠତାକୁ ପ୍ରାଧାନ୍ୟ ଦିଆଯାଏ।

### ଅଧିକାରୀଙ୍କୁ ରିହାତି

ରାଜସ୍ଥାନ ହାଉସିଂ ବୋର୍ଡ (ଆର୍‌ଏଚ୍‌ବି) ଆର୍ଥିକ ଦୃଷ୍ଟିରୁ ଦୁର୍ବଳ, ନିମ୍ନ ତଥା ମଧ୍ୟମ ଆୟକାରୀ ବ୍ୟକ୍ତିମାନଙ୍କର ବାସଗୃହ ପାଇବା ସ୍ୱପ୍ନକୁ ସାକାର କରିବା ସକାଶେ ପ୍ରତିଷ୍ଠା କରାଯାଇଛି। ହେଲେ ବିଳାସପୂର୍ଣ୍ଣ ଫ୍ଲାଟ କ୍ରୟ କରୁଥିବା ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଧିକାରୀଙ୍କ ପାଇଁ ପ୍ରଶାସନିକ ଶୁଳ୍କ ହ୍ରାସ କରିବା ପାଇଁ ଏକ ନିୟାମକ କୌଶଳ ବ୍ୟବହାର କରାଯାଇଛି। ଏଥିରେ ପ୍ରତି ଫ୍ଲାଟରେ ବରିଷ୍ଠ ଅଧିକାରୀମାନେ ୮–୯ ଲକ୍ଷ ଟଙ୍କା ରିହାତି ପାଇଯାଉଛନ୍ତି। ଏହି ସମୟରେ, ଯେଉଁ ନାଗରିକମାନଙ୍କୁ ବୋର୍ଡ ସମର୍ଥନ କରିବା କଥା ଥିଲା, ସେମାନେ ଏପରି କୌଣସି ରିହାତି ପାଉନାହାନ୍ତି, ବରଂ ପୂରା ମୂଲ୍ୟ ଦେଇ ଫ୍ଲାଟ୍ କିଣୁଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଲାଭ ଦେବା ଲାଗି ନୀତି କରାଯାଉଛି, ଯାହା ଏକ ନିଆରା ଦୃଷ୍ଟାନ୍ତ ଭଳି ମନେହେଉଛି। ପ୍ରାୟ ପାଞ୍ଚ ଦଶନ୍ଧି ପୂର୍ବେ ହାଉସିଂ ବୋର୍ଡ ଆଇନରେ ସ୍ୱଚ୍ଛତା ଏବଂ ନ୍ୟାୟକୁ ଆଧାର କରି ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରୁଥିବା ଗୃହ ଯୋଜନାଗୁଡ଼ିକୁ ସହଜ କରିବା ସ୍ପଷ୍ଟ କରାଯାଇଥିଲା। କିନ୍ତୁ ଏଠାରେ ଦେଖନ୍ତୁ, ଏହି ସଂସ୍ଥା ଉଚ୍ଚବର୍ଗର ଲୋକଙ୍କୁ ସୁବିଧାରେ ଘର ଯୋଗାଇଦେଉଛି। ଏହା କେବଳ ଏକ କୌଶଳ ନୁହେଁ, ବରଂ ଏହା ଏକ ପୁରୁଣା ଧାରାର ସୂକ୍ଷ୍ମ ସୁଦୃଢ଼ୀକରଣ। କିନ୍ତୁ ତାହାକୁ ଶ୍ରମ ଦେଇ ଗଢ଼ିଥିବା ଲୋକଙ୍କୁ କୌଣସି ସୁବିଧା ଦେଉନାହିଁ। ଯଦି ଆମେ ସମସ୍ତଙ୍କ ପାଇଁ ଘର ମିଳିବା ବିଷୟକୁ ନେଇ ଗମ୍ଭୀର ଭାବେ ଚିନ୍ତା କରୁଛେ, ତେବେ ବାବୁ ପ୍ରୋତ୍ସାହନ ସାମାଜିକ ସମାନତା ସହିତ ସମନ୍ୱିତ ହେବା ଆବଶ୍ୟକ। ଅଧିକାରୀ ଶ୍ରେଣୀ ପାଇଁ ସୁବିଧା କରାଯିବା ଉଚିତ ନୁହେଁ। ଏବକାର ସ୍ଥିତିରେ, ଆର୍‌ଏଚ୍‌ବି ଏହାର ସାର୍ବଜନୀନ ସମର୍ଥନ ହରାଇଥିବା ପରି ମନେହେଉଛି।

Email: dilipcherian@gmail.com

# ଡାଇଓଜିନୀଜଙ୍କ ଅନ୍ୱିଷ୍ଟ ମଣିଷ

ଡ. ବ୍ରଜମୋହନ ମିଶ୍ର

ସୁଦୂର ଅତୀତର (କାରଣ ଖ୍ରୀଷ୍ଟପୂର୍ବ) ଏଇ ବିସ୍ମୟକର ଅଥଚ ଆଧ୍ୟାତ୍ମିକ ଭାବସମ୍ପନ୍ନ ଅଲୌକିକ କ୍ରିୟା, ମାନବ ସଭ୍ୟତାର ଇତିହାସରେ ଏକ ମାଇଲ ଖୁଣ୍ଟ। ସୃଷ୍ଟିର ରାଜମୁକୁଟ ପୁଣି ସୃଷ୍ଟିର ସବୁଠାରୁ ମହାନ୍ ସୃଜନ ମଣିଷ ସମ୍ପର୍କରେ ମଣିଷର କୌତୂହଳ ପ୍ରଚୁର। ବିବର୍ତ୍ତନରେ ମାଙ୍କଡ଼ରୁ ମଣିଷ ହୋଇଥିବା ଏଇ ସତ୍ତା ଏକାଧାରରେ ଆଧ୍ୟାତ୍ମିକ ଓ ପାଶବିକ, ସୁନ୍ଦର ଓ କୁତ୍ସିତ, ଆଲୋକିତ ଓ ଅନ୍ଧାରିତ, ଅମୃତର ସନ୍ତାନ ଅଥଚ ମୃତ୍ୟୁ କବଳିତ ଇତ୍ୟାଦି ବିଷମ ଯୁଗ୍ମତାସମ୍ପନ୍ନ। ଏଥିପାଇଁ 'ସବୁ ଉପରେ ମଣିଷ' ବୋଲି କେଡ଼େ ବହପ ଓ ବିଜ୍ଞତାରେ କୁହାଯାଇଥିବା ପହଲପ୍ରତି ଅନେକ ସମୟରେ ବ୍ୟକ୍ତି ସନ୍ଦିଗ୍ଧ ହୋଇପଡ଼େ। ଯଦି ମଣିଷ, ସୃଷ୍ଟିର ସମସ୍ତଙ୍କ ଠାରୁ (ଉଦ୍ଭିଦ ସମାଜ, ପ୍ରାଣୀ ସମାଜ) ଶ୍ରେଷ୍ଠତର, ମହତ୍ତର, ତା'ହେଲେ ସେ କାହିଁକି ଯୁଦ୍ଧ ଭିଆଏ। ଫଳରେ ଅକାରଣ ଅସଂଖ୍ୟ ଜୀବନ ତଥା ଅପରିମିତ ସମ୍ପତ୍ତି ନଷ୍ଟ ହୁଏ ? କାହିଁକି ମଣିଷ ଆପଣାର ଜୀବନକାଳ ଅଳ୍ପ ଓ ଅନିଶ୍ଚିତ ଜାଣି ସୁଦ୍ଧା ତାହାକୁ ବଦଖର୍ଚ୍ଚ କରି ବରବାଦ୍ କରିଦିଏ ? କାହିଁକି ସେ ସଂସାର ରାସ୍ତାରେ ଫୁଲଟିଏ ହୋଇ ଫୁଟିବାକୁ ପ୍ରାର୍ଥନା ନ କରି କଣ୍ଟାଟିଏ ହୋଇ ପଡ଼ିରହି ପଥିକର ପାଦରେ ଫୁଟି ଯିବାକୁ କାମନା କରେ ? କାହିଁକି ସେ ଅନ୍ୟ ଆଖିରୁ ଲୁହ ପୋଛିବାର ସାତ୍ତ୍ୱିକତାରେ ଶିହରି ଉଠିବା ପରିବର୍ତ୍ତେ ତା' ଜୀବନର ରାହୁ ହୋଇ ତା' ଆଖିରୁ ଦୁଃଖ ଓ ଯନ୍ତ୍ରଣାର ଅଶ୍ରୁପାତ କରାଏ ? ମୋଟ ଉପରେ ଈଶ୍ୱରଙ୍କ ଡାଞ୍ଚାରେ ଗଢ଼ାଯାଇଥିବା ମଣିଷ କାହିଁକି ସଇତାନର କ୍ରୀତଦାସ ପାଲଟି ତା' ଦିବ୍ୟ ପିତାଙ୍କର ଅଦିବ୍ୟ ସନ୍ତାନ ପାଲଟିଯାଏ ? କାହିଁକି?

ଏହିପରି କାହିଁକିର ମର୍ମଭେଦୀ ଆହ୍ୱାନରେ ସେଦିନ ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ ଡାଇଓଜିନୀଜ ନିଶ୍ଚିତ ବିଚଳିତ ହୋଇଥିଲେ। ଫଳରେ ସେ ଅସଲ ମଣିଷ ଖୋଜିବାକୁ ବାହାରି ପଡ଼ିଥିଲେ ଏଥେନ୍‌ସର ରାଜରାସ୍ତାରେ ଏକ ଜଳନ୍ତା ଲଣ୍ଠନ ଧରି। ତାହା ପୁଣି ଦିନ ଦ୍ୱିପ୍ରହରେ। ତାଙ୍କର ଏପରି ଅସାଧାରଣ କର୍ମକାଣ୍ଡ ଯୁଗଯୁଗ ଧରି ମାନବଜାତି ପାଇଁ ଏକ ଆଧ୍ୟାତ୍ମିକ ଆହ୍ୱାନ ହୋଇ ରହିଆସିଛି। ସତରେ ସେ କେଉଁ ପ୍ରକାର ମଣିଷର ଅନ୍ୱେଷଣ କରୁଥିଲେ ଏବଂ ଏଥେନ୍ସର ରାଜରାସ୍ତାରେ ଚାଲିଯାଉଥିବା ମଣିଷମାନଙ୍କ ମୁହଁରେ ଲଣ୍ଠନ ପକାଇ ଦେଖିବାକୁ ଚାହୁଁଥିଲେ ଆକୃତିରେ ମଣିଷ ସତରେ ମଣିଷ ତ? ଏହି ମହାନ୍ ଦାର୍ଶନିକଙ୍କ ଜୀବନୀ ନ ଜାଣିଲେ ଦିନ ଦିପ୍ରହରେ ଜଳନ୍ତା ଲଣ୍ଠନ ଧରି ରାଜରାସ୍ତାରେ ଖୋଜିଥିବା (ଏବଂ ବୋଧେ ନ ପାଇ ନିରାଶାରେ ଦୀର୍ଘଶ୍ୱାସ ପକାଇଥିବା) ଆବେଗିକ ଆଲୋଡ଼ନକାରୀ ଏକର୍ମକାଣ୍ଡର ସର୍ବକାଳୀନ



ବ୍ୟଞ୍ଜନାଟିକୁ ଧରି ହେବ ନାହିଁ କି ଧାରଣ କରିହେବ ନାହିଁ। ବିଶ୍ୱବିଜୟୀ ଆଲେକଜାଣ୍ଡାର (ଖ୍ରୀ.ପୂ. ୩୫୬ –୩୨୩) ଓ ମହାନ୍ ଦାର୍ଶନିକ ସକ୍ରେଟିସ୍ (ଖ୍ରୀ.ପୂ. ୪୬୯ – ଖ୍ରୀ.ପୂ.୩୯୯) ଙ୍କ ସମସାମୟିକ ଡାଇଓଜିନୀଜ ( ଯାହାଙ୍କ ପୂରାନାମ ଡାଇଓଜିନୀଜ ଲେରଟିୟସ – ଖ୍ରୀ.ପୂ.୪୧୨ – ଖ୍ରୀ.ପୂ. ୩୨୩) ହେଉଛନ୍ତି ଅନ୍ୟ ଜଣେ ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ – ଯେ ନିଜକୁ ''କସ୍‌ମୋପଲିଟାନ୍'' ଅର୍ଥାତ୍ ବିଶ୍ୱ ନାଗରିକ ବୋଲି ଘୋଷଣା କରିଥିଲେ। 'ସିନିକ୍' ବାଦର ପ୍ରଚାରକ ଓ ପ୍ରସାରକ ଏହି ନିଆରା ମଣିଷ ଥିଲେ ଜଣେ ଧନୀ ମହାଜନ। ବହୁ ବ୍ୟକ୍ତିଙ୍କୁ କରଜ ଦେଇ ଦେଇ ପରିଶେଷରେ ଦେବାଳିଆ ପାଲଟିଗଲେ। ତେଣୁ ସେ ଭିକ୍ଷାବୃତ୍ତି ଅବଲମ୍ବନ କଲେ। ତା'ପରେ ସେ ଘର ଦ୍ୱାର ଛାଡ଼ି ସିନିକବାଦର ପ୍ରତିଷ୍ଠାତା ଆଣ୍ଟିସ୍ଥିନୀଜ – (ଖ୍ରୀ.ପୂ. ୪୪୫ – ଖ୍ରୀପୂ. ୩୬୫)ଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ। ଗୁରୁଙ୍କୁ ପ୍ରଥମେ ସାକ୍ଷାତ୍ କଲାବେଳେ ଗୁରୁ ତାଙ୍କୁ ପଳାଇଯିବାକୁ କହିଥିଲେ କିନ୍ତୁ ଡାଇଓଜିନୀଜ ତାହା ନ ମାନିବାରୁ ସେ ତାଙ୍କୁ ଏକ ବାଡ଼ିରେ ପିଟିଥିଲେ। ତଥାପି ଅବିଚଳିତ ରହିଥିଲେ ଡାଇଓଜିନୀଜ କାରଣ ''He wanted wisdom and saw that Antisthenes had it to give''–ବର୍ଟ୍ରାଣ୍ଡ ରସେଲ। ''ସୁଖଦୁଃଖ ପ୍ରତି ସମ୍ପୂର୍ଣ୍ଣ ଅନାସକ୍ତ ରହିବାକୁ ତଥା କଠୋର ଜୀବନ ଯାପନକୁ ଆଦର୍ଶ ମନେକରୁଥିବାରୁ ସେ ଗୋଟିଏ କୁଣ୍ଡ ମଧ୍ୟରେ ବାସ କରୁଥିଲେ'' – ଶରତ ମହାନ୍ତି।

ଲୋକମତକୁ ବେଖାତିର କରି ସିନିକମାନେ ସମାଜବିରୋଧୀ ହେବାକୁ ଚେଷ୍ଟା କରୁଥିଲେ। ଡାଇଓଜିନୀଜ ଏକ କୁକୁରପରି ବଞ୍ଚିବାକୁ ଚାହିଁଲେ। ସେଥିପାଇଁ ତାଙ୍କୁ 'ସିନକ' କୁହାଗଲା ଯାହାର ଅର୍ଥ CANINE– କୁକୁର ସମ୍ବନ୍ଧୀୟ। ସମସ୍ତ ପ୍ରଚଳିତ ସାମାଜିକ ପ୍ରଥା (ତାହା ଧର୍ମ, ସାମାଜିକ ବ୍ୟବହାର, ପୋଷାକ, ଖାଦ୍ୟ, ଶାଳୀନତା)କୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ରସେଲଙ୍କ ଭାଷାରେ ''He lived like an Indian Fakir, by begging'' କେବଳ ମାନବଜାତି ସହ ନୁହେଁ, ପଶୁମାନଙ୍କ ସହ ସେ ଭ୍ରାତୃତ୍ୱରେ ଥିଲେ ବିଶ୍ୱାସୀ। ନୈତିକ ଉତ୍କୃଷ୍ଟତା (VIRTUE) ପ୍ରତି ତାଙ୍କର ଥିଲା ପ୍ରବଳ ଉତ୍ସାହ। ଏହାକୁ ସେ ପାର୍ଥିବ ସମ୍ପଦଠାରୁ ଯଥେଷ୍ଟ ଉଚ୍ଚ ବୋଲି ବିବେଚନା କରୁଥିଲେ। କାମନାରୁ ମୁକ୍ତ ହୋଇ ସେ ସାଧୁତା ଓ ନୈତିକ ଉତ୍କୃଷ୍ଟତା ଅନ୍ୱେଷୀ ଥିଲେ। ଭାଗ୍ୟଦେବାକୁ ଥିବା କୌଣସି ବସ୍ତୁ (ପଦାର୍ଥ) ପ୍ରତି ବୀତସ୍ପୃହ ହେବାକୁ ସେ କହୁଥିଲେ। ଫଳରେ ବ୍ୟକ୍ତି ଭୟମୁକ୍ତ ହୋଇପାରିବ। ସଭ୍ୟତା ସୃଷ୍ଟ ସକଳ ସୁବିଧା ସେ ବର୍ଜନ କରିଥିଲେ। ସେଇଥିପାଇଁ ସେ ପ୍ରମିଥିଅସ୍‌ଙ୍କ ଦଣ୍ଡକୁ ଯଥାର୍ଥ ବୋଲି ବିଚାରିଥିଲେ। ତାଙ୍କ ମତରେ ପ୍ରମିଥିଅସ୍ ମଣିଷ ପାଇଁ ସେହିସବୁ କଳା ଆଣିଥିଲା ଯାହା ଆଧୁନିକ ଜୀବନରେ ଜଟିଳତା ଓ କୃତ୍ରିମତା ସୃଷ୍ଟି କରିଥିଲା।

ଏହି ଋଷି ପ୍ରତିମ ବ୍ୟକ୍ତି ଥିଲେ ବିଜ୍ଞ ଏବଂ ବଞ୍ଚୁଥିଲେ ଏକ ସରଳ ଜୀବନ ଯାହା ନୈତିକତା ଉପରେ ଥିଲା ପ୍ରତିଷ୍ଠିତ। ନିଜକୁ 'ମୁଁ କୁକୁର' ବୋଲି ବିପୁଳ ଆନନ୍ଦରେ ଘୋଷଣା କରୁଥିବା ଏହି ଦାର୍ଶନିକଙ୍କର ଖ୍ୟାତି ତତ୍କାଳୀନ ଆଲେକ୍‌ଜାଣ୍ଡାରଙ୍କ ଖ୍ୟାତି ସମକକ୍ଷ ଥିଲା। ଏ ଉଭୟ ମହାନାୟକଙ୍କର ଥରେ ଭେଟ ହୋଇଗଲା, ଥିବୀଜ୍ ନଗରର ଏକ ସ୍ଥାନରେ। ଦାର୍ଶନିକ ମହୋଦୟ ଖରା ପୋଉଁଥାନ୍ତି। ତାଙ୍କ ପାଖରେ ପହଞ୍ଚିଗଲେ ମହାପରାକ୍ରମୀ ଆଲେକଜାଣ୍ଡାର ଏବଂ ପରିଚୟ ଦେଲେ ଯେ ସେ ସମ୍ରାଟ ଆଲେକ୍‌ଜାଣ୍ଡାର। ଦାର୍ଶନିକ ଉତ୍ତର ଦେଲେ ସେ ହେଉଛନ୍ତି 'କୁକୁର ଡାଇଓଜିନୀଜ। 'ଆପଣ ଯାହାଇଚ୍ଛା ତାହା ମୋତେ ମାଗନ୍ତୁ' – କହିଲେ ଆଲେକ୍‌ଜାଣ୍ଡାର। ମୋ ଉପରେ ଆପଣଙ୍କ ଛାଇ ପଡୁଛି, ଦୟାକରି ଟିକିଏ ଘୁଞ୍ଚିବେ କି? ଏହି ମାଗୁଣି ଥିଲା ଦାର୍ଶନିକଙ୍କର। ମୁଗ୍ଧ ହୋଇ ଆଲେକଜାଣ୍ଡାର କହିଥିଲେ, 'ଯଦି ମୁଁ ଆଲେକଜାଣ୍ଡାର ହୋଇ ନ ଥାନ୍ତି, ତେବେ ଡାଇଓଜିନୀଜ ହୁଅନ୍ତି'। (ଏକାଦିନେ ଉଭୟଙ୍କର ମୃତ୍ୟୁ ହୋଇଥିଲା)। ଡାଇଓଜିନୀଜଙ୍କ ଉଚ୍ଚାରଣ ଓ ଆଚରଣ ଅକ୍ଷୁଣ୍ଣ ଥିଲା। ବାସ୍ତବିକ ସେ ଥିଲେ ଜଣେ ସଂଯମୀ ତପସ୍ୱୀ ଯେ ସଂସାରର ମଙ୍ଗଳ ପାର୍ଥିବ ସୁଖ ସମ୍ପଦରେ ନାହିଁ ଅଛି ନୈତିକତାରେ ଓ ସାଧୁତାରେ ବୋଲି କହୁଥିଲେ।

ଏପରି ନିଆରା ଦାର୍ଶନିକ ଏଥେନ୍ସର ରାଜରାସ୍ତାରେ ଦିନ ଦ୍ୱିପ୍ରହରେ ଏକ ଜଳୁଥିବା ଲଣ୍ଠନ ଧରି ଖୋଜିଥିବା ମଣିଷ (ଯାହା ତାଙ୍କ ମନ ଓ ହୃଦୟର ମଣିଷ– ଅର୍ଥାତ୍ ପ୍ରକୃତ ମଣିଷ) ହେଉଛି କାମନା ବାସନା ଶୂନ୍ୟ ସତ୍‌ପୁରୁଷ। ସେ ଆମର ଗାନ୍ଧୀ, ଗୋପବନ୍ଧୁ, ସ୍ୱାମୀ ବିବେକାନନ୍ଦ କି ସେଣ୍ଟ ଫ୍ରାନ୍ସିସ ଅଫ୍ ଆସମ ହୋଇପାରନ୍ତି। ତାଙ୍କର ସେହି ଅମ୍ଳିକ ଅନ୍ୱେଷଣର ଚିରନ୍ତନ ବାର୍ତ୍ତା ଆମ ଭିତରକୁ ପଶନ୍ତାନି? ଫଳରେ ଆମେ 'ହଲୋମ୍ୟାନ' (ଫମ୍ପା ମଣିଷ) ନ ହୋଇ ହୁଅନ୍ତେ 'ହୋଲିମ୍ୟାନ'' (ପବିତ୍ର ମଣିଷ), ଯେ ପୃଥିବୀମାତାଙ୍କର ଯଥାର୍ଥ ସନ୍ତାନ ହୁଅନ୍ତେ।

ଭଦ୍ରକ
ମୋ: ୮୦୧୮୦୮୭୮୩୧

# ପାରିବାରିକ ଉତ୍ତରଦାୟିତ୍ୱ

ଡ. ଭାରତ ଭୂଷଣ ରଥ

ମାନବର ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ ଏବଂ ଅମାନବୀୟ ଚାରିତ୍ରିକ ସ୍ଖଳନ ସମାଜର ମେରୁଦଣ୍ଡକୁ ଭାଙ୍ଗିବାକୁ ବସିଛି। କିଛି ପରିବାରରେ ଏହା ଆଭିଜାତ୍ୟର ରୂପ ନେଇସାରିଛି। ଆଉ କିଛି ପରିବାରରେ ଜ୍ୟେଷ୍ଠମାନଙ୍କର କନିଷ୍ଠଙ୍କୁ ଆକଟ କରିବାରେ ସାମର୍ଥ୍ୟ ନାହିଁ। ଏହାକୁ ରୋକିବ କିଏ? ଯଦି ରୋକା ନ ଯାଏ ତେବେ ଏ ଦେଶର କ'ଣ ଅବସ୍ଥା ହେବ?

ଭାରତୀୟମାନେ ମୋଗଲ, ଇଂରେଜ ତଥା ବିଭିନ୍ନ ଏକଚ୍ଛତ୍ରବାଦୀ ଶାସକଙ୍କ ଦ୍ୱାରା ଶାସିତ ହୋଇଛନ୍ତି। ସମୟ କ୍ରମେ ସେହି ଶାସକମାନଙ୍କର କୁସଂସ୍କାର ପ୍ରଭାବରେ ଭାରତୀୟ ପ୍ରଭାବିତ ହୋଇଛନ୍ତି। ଏହି କୁସଂସ୍କାର ସାମାଜିକ ବ୍ୟାଧିର ରୂପ ନେଇସାରିଛି। ଭାରତୀୟମାନେ ବିଶୃଙ୍ଖଳିତ ପରମ୍ପରାରେ ପରିଚାଳିତ ହେବା ଦ୍ୱାରା ପାରିବାରିକ ଅଶାନ୍ତି, ଅସମୟରେ ମୃତ୍ୟୁ ଏବଂ ମାନବ ଭିତରେ ଭେଦଭାବ ସୃଷ୍ଟି ହୋଇଛି। କିଏ ରୋକିବ ଏ ସବୁ ବିଶୃଙ୍ଖଳାକୁ। କାରଣ ସମାଜର ଶୃଙ୍ଖଳା ସେତେବେଳେ ରକ୍ଷା ହୁଏ ଯେତେବେଳେ ମାନବର ନୈତିକ ଜ୍ଞାନ ରୁହେ। ନୈତିକ ଜ୍ଞାନ ଆହରଣ ପାଇଁ ତିନୋଟି ପ୍ରମୁଖ ମାର୍ଗ ଅଛି। ପ୍ରଥମତଃ ନିଜ ଘରେ ଜ୍ୟେଷ୍ଠମାନଙ୍କଠାରୁ କନିଷ୍ଠମାନେ ନୈତିକ ମୂଲ୍ୟବୋଧ ଶିକ୍ଷା କରନ୍ତି। କିନ୍ତୁ ବର୍ତ୍ତମାନ ଅନେକ ଘରେ ମୁରବିଙ୍କୁ କନିଷ୍ଠମାନେ ସମ୍ମାନ ଦେଉନାହାନ୍ତି। ଅନେକ କ୍ଷେତ୍ରରେ ମୁରବିମାନଙ୍କର ନୈତିକତା ହ୍ରାସ ହୋଇଛି। ବିଭାଜନକାରୀ ରାଜନୀତି, ଅନ୍ୟାୟ ମାର୍ଗରେ ଧନ ଅର୍ଜନ, ନିଶାଦ୍ରବ୍ୟ ସେବନ ଏବଂ ଚାରିତ୍ରିକ ସ୍ଖଳନରେ ଯଦି ଘରର ମୁରବିମାନେ ପୌରୋହିତ୍ୟ କରିବେ ତେବେ ଶିଶୁ କ'ଣ ବା ଶିକ୍ଷା କରିବେ। ନୈତିକତାଶିକ୍ଷାର ଦ୍ୱିତୀୟ ମାର୍ଗ ହେଉଛି ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ଶିକ୍ଷା ଗ୍ରହଣ। କିନ୍ତୁ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ଯଦ୍ୟପି ନିଜନିଜ କର୍ମ କ୍ଷେତ୍ରରେ ବିଶିଷ୍ଟ କିନ୍ତୁ ନୈତିକତା ହ୍ରାସ ତାଙ୍କର ବ୍ୟକ୍ତିଗତ ଜୀବନର କାଳିମା ହୋଇଛି। ବିଶେଷତଃ ଯୁବସମାଜ ସଂଗୀତ, ନୃତ୍ୟ ଏବଂ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନଙ୍କର ଅନୁଗାମୀ ହେଉଛନ୍ତି। ସେହି ବିଶିଷ୍ଟ କଳାକାରମାନେ ଯଦି ଶୃଙ୍ଖଳିତ ଜୀବନ ଅତିବାହିତ କରନ୍ତେ ତେବେ ଦେଶର ଯୁବସମାଜ ଖୁବ୍ ସଂଯତ ହୋଇପାରନ୍ତେ। ଏଇ କିଛି ବର୍ଷର ବ୍ୟବଧାନରେ ଓଡ଼ିଶାରେ ଅନେକ ବିଶିଷ୍ଟ କଳାକାରଙ୍କର ନିଶାସେବନଜନିତ ଅକାଳ ମୃତ୍ୟୁ, ବମ୍ବେର ଫିଲ୍ମ ଜଗତରେ ନାଁ କମେଇଥିବା ବରିଷ୍ଠ କଳାକାରମାନଙ୍କର ନିଶାଦ୍ରବ୍ୟ କାରବାରରେ ସମ୍ପୃକ୍ତି ତଥା ଚାରିତ୍ରିକ ସ୍ଖଳନ ସୂଚେଇଦେଉଛି ସମାଜ ଉପରେ ଏହା କେତେ କୁପ୍ରଭାବ ପକାଇଛି। ଯେଉଁ କିଛି ଉତ୍ତମ କଳାକାର ନିଜ କଳା ସହିତ ସମାଜ ମଙ୍ଗଳ ପାଇଁ ପ୍ରୟାସ କରନ୍ତି ସେମାନେ ହାତଗଣତି ମାତ୍ର। ଶାସ୍ତ୍ର କୁହେ ମହାଜନ ଯେନ ଗତଃ ସ ପନ୍ଥା। ଅର୍ଥାତ୍ ମହାନ ବ୍ୟକ୍ତିମାନେ ଯେଉଁ ସୁନ୍ଦର ରାସ୍ତାରେ ଯାଇଛନ୍ତି ତାହା ହିଁ ପରବର୍ତ୍ତୀ ପିଢିର ମାର୍ଗ ହେଉ। କିନ୍ତୁ ଆଜିର ସମାଜରେ ମହାଜନଙ୍କୁ ଚିହ୍ନିବା କଷ୍ଟକର। ତେଣୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସମାଜ ସଂସ୍କାରର ଶିକ୍ଷା ଗ୍ରହଣ କରିବା ସଫଳ ହେଉନାହିଁ।

ସମାଜ ସଂସ୍କାରର ତୃତୀୟ ମାର୍ଗ ହେଉଛି ନୈତିକ ଜ୍ଞାନ ଆଧାରିତ ପୁସ୍ତକ। ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ଯଦି ନୈତିକ ଆଧାରିତ ଶିକ୍ଷା ଦିଆଯାଏ ତେବେ ତାହା ସେମାନଙ୍କ ଜୀବନକୁ ଶୃଙ୍ଖଳିତ କରେ। ତେଣୁ ପୂର୍ବରୁ ପଞ୍ଚତନ୍ତ୍ର ଏବଂ ହିତୋପଦେଶ ପ୍ରଭୃତି କଥା ମାଧ୍ୟମରେ କୋମଳମତି ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଦିଆଯାଉଥିଲା। ବଣଜଙ୍ଗଲର କଥା ପାଠ୍ୟପୁସ୍ତକରେ ରହିବା ଦ୍ୱାରା ପିଲାମାନେ ଅରଣ୍ୟ ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନ ହେଉଥିଲେ। ବିଭିନ୍ନ ବିଶ୍ୱମଙ୍ଗଳ ପ୍ରାର୍ଥନା ଦ୍ୱାରା ପିଲାମାନେ ବିଶ୍ୱକୁ ସମାନ ଦୃଷ୍ଟିରେ ଦେଖୁଥିଲେ। ବେଦରେ ବର୍ଣ୍ଣିତ ଅଗ୍ନି, ବାୟୁ, ଜଳ, ପର୍ବତ, ବୃକ୍ଷଲତା ପ୍ରଭୃତି ପ୍ରାକୃତିକ ସମ୍ପଦର ସମ୍ମାନ ମନ୍ତ୍ର ମାଧ୍ୟମରେ ଶିକ୍ଷା ଦିଆଯାଉଥିଲା, ଯଦ୍ୱାରା ମାନବ ପ୍ରକୃତିକୁ ନଷ୍ଟ କରିବନାହିଁ। ରାମାୟଣର ସମାଜ ସଂସ୍କାର, ମହାଭାରତର ଶାନ୍ତି ପ୍ରତିଷ୍ଠା, ଉପନିଷଦର ଯମ ନଚିକେତା ସଂବାଦ ପ୍ରଭୃତି ମାନବକୁ ସତ୍ ମାର୍ଗ ପ୍ରଦର୍ଶିତ କରୁଥିଲା। ଆଜି କିନ୍ତୁ ଏ ସବୁକୁ ଧର୍ମ ଗ୍ରନ୍ଥର ରୂପ ଦେଇ ପାଠ୍ୟକ୍ରମରୁ ଦୂରେଇ ରଖାଗଲା। ଭାରତ ଏକ ସର୍ବଧର୍ମ ସମନ୍ୱୟର ରାଷ୍ଟ୍ର ହେଲା। ଏଠି ସମାଜ ସଂସ୍କାର ଦିଆଯାଉଥିବା ଗ୍ରନ୍ଥଗୁଡ଼ିକ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ ବାରଣ କରାଗଲା। ଆଜିର ପିଲା କେବଳ ପାଠ ବ୍ୟତୀତ କୌଣସି ସଂସ୍କାରମୂଳକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲା ନାହିଁ। ତେଣୁ ତୃତୀୟ ମାର୍ଗଟି ବନ୍ଦ ହୋଇଗଲା।

ବର୍ତ୍ତମାନ ବିଚାର କରିବା ଏ ତିନୋଟି ଯାକ ରାସ୍ତା ବନ୍ଦ ହୋଇଯିବାର ଫଳାଫଳ। ବର୍ତ୍ତମାନ ଭାରତରେ କ୍ୱଚିତ୍ ପରିବାରରେ ସଂସ୍କାର ନାମକ ଶବ୍ଦ ସାକାର ରୂପ ନେଉଛି। ପ୍ରତି ପରିବାର ଆଜି ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ଅନ୍ଧକାର ଭିତରେ ରହିଛି। ପରିବାରରେ ନୂତନ ପ୍ରଥା ସ୍ଥାନ ପାଇଛି, ପିଲାମାନେ ଦଶ ବାରବର୍ଷର ହୋଇଗଲେ ବାପା ମା'ଙ୍କ ମୁହଁରେ ଜବାବ ଦେଉଛନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ମନେକରୁଛନ୍ତି। ମୋବାଇଲରୁ ଭଲ ତଥ୍ୟ ବଦଳରେ ଖରାପ ତଥ୍ୟ ଶୁଣିବା ଏବଂ ଦେଖିବା ପାଇଁ ବାପା ମା'ଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ପ୍ରତିଯୋଗିତା। ଯୋଗ, ଧ୍ୟାନ, ସକାଳସଂଧ୍ୟାରେ ଠାକୁର ପୂଜା, ଗୁରୁଜନଙ୍କୁ ମୁଣ୍ଡିଆ ମାରିବା ଇତ୍ୟାଦି ସଂସ୍କାର ସମ୍ପୂର୍ଣ୍ଣ ବିଲୀନ। ଘରୋଇ ଖାଦ୍ୟ ପ୍ରତିବଦଳରେ ନାନା ପ୍ରକାର ହାନିକାରକ ଖାଦ୍ୟ। ବସ୍ତ୍ର ପରିଧାନରେ ମାନବର ବିକୃତ ମାନସିକତା। ଏଭଳି ଅନେକ ସାମାଜିକ ବିଶୃଙ୍ଖଳା ପ୍ରତି ଘରେ ରୂପନେଇଛି। ଏ ସବୁ ବର୍ତ୍ତମାନ ନିୟନ୍ତ୍ରଣ ବାହାରେ। ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ସଜାଗ ହେବାର ଆବଶ୍ୟକତା ରହିଛି। ପ୍ରତି ପରିବାରରୁ ପିଲାମାନଙ୍କୁ ସଂସ୍କାର ଦିଆ ନ ଗଲେ କେହି ମଧ୍ୟ ଶାନ୍ତିରେ ରହିପାରିବେ ନାହିଁ। ଏଥିପାଇଁ ନିଜେ ସତର୍କ ରହିବା ସହିତ ସନ୍ତାନସନ୍ତତିଙ୍କୁ ନୈତିକ ଜ୍ଞାନ ଦେବା ଅନିବାର୍ଯ୍ୟ। ଧର୍ମଗ୍ରନ୍ଥଗୁଡ଼ିକର ଶିକ୍ଷଣୀୟ ତତ୍ତ୍ୱ ପିଲାଙ୍କୁ ବାଲ୍ୟକାଳରୁ ଜଣେଇବା ଜ୍ୟେଷ୍ଠଙ୍କ କର୍ତ୍ତବ୍ୟ ହେଉ। ପ୍ରତି ଶିକ୍ଷାନୁଷ୍ଠାନ ସଜାଗ ହେବାର, ପ୍ରତିଷ୍ଠିତ ବ୍ୟକ୍ତିଙ୍କର ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ ହେବାର ସମୟ ଆସିଛି। ଏବେ ବି ଯଦି ସମାଜକୁ ସଂସ୍କାରଠାରୁ ଦୂରେଇ ରଖିବା ତେବେ ସେ ସମୟ ବେଶି ଦିନ ନାହିଁ ଯେତେବେଳେ କାଳ ସମସ୍ତଙ୍କୁ ଗ୍ରାସ କରିଦେବ।



ଉପ ନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି,
ମୋ: ୮୮୯୭୪୨୬୨୪୩

## ଏଇ ଭାରତରେ

ଆଜାଦ୍ ପଢ଼ିବା ଲାଗି ୭ଟି ସ୍କୁଲ ପରିବର୍ତ୍ତନ କରିଥିଲେ। ସ୍କୁଲ ପାସ୍ କରିବା ପରେ କଲେଜ ଶିକ୍ଷା ଶେଷକରି ସେ ବକ୍ସିଂରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ସେ ଆହତ ହେବା ପରେ ସେଥିରୁ ଓହରିଆସିଥିଲେ। ଏହି ସମୟରେ ତାଙ୍କ ପିଲାଦିନର ଶିକ୍ଷାପ୍ରାପ୍ତିର ସଂଘର୍ଷପୂର୍ଣ୍ଣ ସମୟ ସ୍ମରଣକୁ ଆସିଥିଲା ଓ ସେ ପିଲାଙ୍କ ପାଇଁ ଫରେଷ୍ଟ ସ୍କୁଲ ଖୋଲିଥିଲେ। ଆଜାଦୱାଡ଼ି ନାମକ ଏହି ଫରେଷ୍ଟ ସ୍କୁଲ ସେ ଉଦୟପୁରରେ ଖୋଲିଛନ୍ତି। ଆଜାଦୱାଡ଼ିର ଅର୍ଥ ହେଉଛି 'ସ୍ୱାଧୀନତାର ଉପତ୍ୟକା'। ସ୍କୁଲ ପରିଚାଳନାରେ ଆଜାଦ୍‌ଙ୍କ ସ୍ତ୍ରୀ ଇମ୍‌ଲୀ ସାହାଯ୍ୟ କରୁଛନ୍ତି। ଏହି ସ୍କୁଲର ବିଶେଷତ୍ୱ ହେଉଛି ଏଠାରେ ଶ୍ରେଣୀଗୃହ ନାହିଁ। ଏହା ଏକ ଉଦ୍ୟାନରେ ଚାଲୁଛି। ପିଲାମାନେ ଏହି ସ୍କୁଲରେ ପାରମ୍ପରିକ ଶିକ୍ଷା ସହ ବୃତ୍ତିଗତ କୌଶଳ ଶିକ୍ଷା କରୁଛନ୍ତି। କାହାଣୀ, ସଙ୍ଗୀତ ମାଧ୍ୟମରେ ସେମାନଙ୍କୁ ପଢ଼ାଯାଉଛି। ଗାଁ ଲୋକଙ୍କ ସହ ମିଶି ପିଲାମାନେ କଳା, ସଂସ୍କୃତି ଓ ଚାଲିଚଳନ ତଥା ବୃକ୍ଷରୋପଣ ବିଷୟରେ ଜାଣୁଛନ୍ତି। ନିଜ ଖାଦ୍ୟ ଉତ୍ପାଦନ କରିବା, ପେଣ୍ଟିଂ, ରୋଷେଇ ଓ ବିଭିନ୍ନ କଳା ସମ୍ପର୍କରେ ସେମାନେ ଶିଖୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜାନୁଆରୀ ୧୯୭୭

- ଆନ୍ତର୍ଜାତିକ ସବ୍‌ସ୍କ୍ରାଇବର ଡାଏଲିଂ ବ୍ୟବସ୍ଥା ଅନୁଯାୟୀ ନୂଆଦିଲ୍ଲୀ–ଲଣ୍ଡନ ମଧ୍ୟରେ ଟେଲିଫୋନ ସଂଯୋଗ ପ୍ରତିଷ୍ଠା କରାଯାଇଛି।
- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ବି.ପି. କୋଇରାଲା ଭାରତରେ ୮ ବର୍ଷ ଆଶ୍ରୟ ନେଇ ନିଜ ଦେଶକୁ ଫେରିବା ପରେ ଜାତୀୟତା ବିରୋଧୀ ଅଭିଯୋଗରେ ଗିରଫ।
- କାନାଡାରୁ ପାକିସ୍ତାନକୁ ଜାହାଜ ଯୋଗେ ଆଣବିକ ସରଞ୍ଜାମ ଯୋଗାଣକୁ କାନାଡ଼ା ସରକାର ବନ୍ଦ କରିଦେଇଛନ୍ତି।

## ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ–
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବସି ଛବି ଲେଖିବା ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | | | | | | | 9 |
| | | | | 8 | 9 | | | |
| 1 | | | | 2 | | | | |
| | 7 | | 2 | 9 | | 5 | | |
| | | | | | 1 | | | |
| 4 | 2 | | | 3 | | | | 8 |
| 8 | | | | | | | 2 | |
| | 5 | | | | | | 4 | |
| | 9 | | | 4 | | 7 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 8 | 4 | 9 | 3 | 1 | 6 | 5 |
| 9 | 5 | 6 | 8 | 1 | 7 | 2 | 4 | 3 |
| 1 | 3 | 4 | 2 | 6 | 5 | 9 | 7 | 8 |
| 7 | 2 | 3 | 1 | 5 | 8 | 4 | 9 | 6 |
| 5 | 4 | 1 | 6 | 3 | 9 | 8 | 2 | 7 |
| 8 | 6 | 9 | 7 | 4 | 2 | 3 | 5 | 1 |
| 6 | 8 | 2 | 3 | 7 | 4 | 5 | 1 | 9 |
| 4 | 1 | 5 | 9 | 8 | 6 | 7 | 3 | 2 |
| 3 | 9 | 7 | 5 | 2 | 1 | 6 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁମୁଲ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ସରକାର ବିମୁଖ

ମହାଶୟ,

ପୁରୀ ଜିଲା ଦୁଗ୍ଧ ସମବାୟ ସଂଘ (ପୁମୁଲ) ସାରା ଓଡ଼ିଶାରେ ଓମ୍‌ଫେଡ଼ର ୨ୟ ସର୍ବବୃହତ୍ ସଂସ୍ଥା ଥିଲା। ୧୯୮୦ରୁ ୨୦୧୪ ମସିହା ପର୍ଯ୍ୟନ୍ତ ୨୫ ହଜାରରୁ ଊର୍ଦ୍ଧ୍ୱ ଗୋପାଳକଙ୍କୁ ନେଇ ଦୈନିକ ୧ ଲକ୍ଷ ଲିଟର ପର୍ଯ୍ୟନ୍ତ ଦୁଗ୍ଧ କ୍ରୟ ବିକ୍ରୟ କରୁଥିଲା। କିନ୍ତୁ ପରିତାପର ବିଷୟ, ଓମ୍‌ଫେଡ଼ର କୁପରିଚାଳନା ଯୋଗୁ ଏବେ ଏହି ସଂସ୍ଥା ବାର୍ଷିକ ୨୦ କୋଟି ଟଙ୍କା ଆର୍ଥିକ କ୍ଷତି ସହୁଛି। ୩୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ବ୍ୟତୀତ ବର୍ତ୍ତମାନର କାର୍ଯ୍ୟରତ ୬୨ କର୍ମଚାରୀଙ୍କ ଦରମା, ଇପିଏଫ୍ ସଂସ୍ଥା ଦେଇ ନ ପାରିବାରୁ ସମସ୍ତ କର୍ମଚାରୀ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ଏହି ସମସ୍ୟାର ସମାଧାନ ନିମିତ୍ତ କର୍ମଚାରୀମାନେ ବାରମ୍ବାର ଆନ୍ଦୋଳନ କରିଥିଲେ ବି ଫଳ ଶୂନ। ଏତଦ୍‌ବ୍ୟତୀତ କୋର୍ଟରେ ବିଚାରାଧୀନ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମାମଲା ବାବଦକୁ ସଂସ୍ଥା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ଏବଂ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ନିମିତ୍ତ ପୁମୁଲର କର୍ମଚାରୀ ନିବେଦନ କରୁଛନ୍ତି।

–ଶରତ କୁମାର ପ୍ରଧାନ, ଅବସରପ୍ରାପ୍ତ ପୁମୁଲ କର୍ମଚାରୀ, ପିପିଲି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିୟନ୍ତ୍ରଣ ବାହାରେ ମାଛ, ମାଂସ ଦର:ମୂଲ୍ୟ ଧାର୍ଯ୍ୟ କରୁନି ପ୍ରଶାସନ

କୋରୁକୋଣ୍ଡା,୨।୧
(ଶିବଦତ୍ତ ସାହୁ)


ଆମିଷ ବଜାରରେ ଲୋକଙ୍କ ଭିଡ଼।

ମାଲକାନଗିରି ଜିଲା ବାଲିମେଳା ସହରରେ ଦିନକୁ ଦିନ ମାଛ, ମାଂସ ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଜାନୁଆରୀ ୧ରୁ ବାଲିମେଳା ସହର ସମେତ କୋରୁକୋଣ୍ଡାରେ କେତେକ ଆମିଷ ବେପାରୀ ସ୍ଥାନୀୟ ପ୍ରଶାସନର ବିନା ଅନୁମତିରେ ଏବଂ ସ୍ଥାନୀୟ ବଣିକ ସଂଘ ସହ କୌଣସି ଆଲୋଚନା ନ କରି ମନଇଚ୍ଛା ମାଛ, ମାଂସ ଦର ବୃଦ୍ଧି କରିଥିବା ଅଭିଯୋଗ ହୋଇଛି। ଏ ନେଇ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ଖାସିମାଂସ ସହ ଅନ୍ୟ ଛେଳିମାଂସ ଚଢ଼ା ଦରରେ ବିକ୍ରି କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖାସିମାଂସ ଦର କିଲୋ ପିଛା ୮୦୦ ଟଙ୍କାରେ ବିକ୍ରି କରାଯାଉଛି। ବାଲିମେଳା ଓ କୋରୁକୋଣ୍ଡା ସଦର ମହକୁମା ସମେତ ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ହେଉଥିବା ଧାର୍ଯ୍ୟ ବାରରେ ହେଉଥିବା ସାପ୍ତାହିକ ହାଟରେ ରୋହି, ଭାକୁର, ମିରକାଳି, କର୍ପୁ, ଗ୍ଲାସକର୍ପ, ଚିଙ୍ଗୁଡ଼ି, ଫଳି ଆଦି ବିଭିନ୍ନ ମାଛର ଦର ପୂର୍ବରୁ ଯେତିକିଥିଲା, ବର୍ତ୍ତମାନ ତା'ଠାରୁ ୫୦ରୁ ୧୦୦ ଟଙ୍କା ଅଧିକ ଦରରେ ବିକ୍ରି କରୁଥିବା ନେଇ ଅଞ୍ଚଳର ଖାଉଟିମାନେ ଅଭିଯୋଗ କରିଛନ୍ତି। ମାଛ କିଗ୍ରା ପ୍ରତି ୨୦୦ ଟଙ୍କାରେ ପୂର୍ବରୁ ବିକ୍ରି ହେଉଥିବା ବେଳେ ଏବେ କେତେଜଣ ବେପାରୀ ଏହାକୁ ୨୫୦ରୁ ୩୦୦ ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ଚିତ୍ରକୋଣ୍ଡା ଡ୍ୟାମ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସୁଥିବା କଟା ମାଛରେ ଅହେତୁକ ଭାବେ ଦର ବୃଦ୍ଧିପାଇଛି। ବର୍ତ୍ତମାନ ବଜାରରେ କଟାମାଛ ୩୦୦ରୁ ଅଧିକ ଦରରେ ବିକ୍ରି ହେଉଛି। କଣ୍ଟିଆ, ପବତା, ବାଉଁଶପତ୍ରି, କରାଣ୍ଡି, ମାଗୁର, ମଉରାଳି, ଛୋଟ ଚିଙ୍ଗୁଡ଼ି ଭଳି ଛୋଟ ମାଛର ଦର ବର୍ତ୍ତମାନ କଟାମାଛ ଦରଠାରୁ ବହୁ ଅଧିକ ଟଙ୍କାରେ ବିକ୍ରି କରାଯାଉଛି। ଫଳରେ ଗରିବ ଓ ମଧ୍ୟମ ଶ୍ରେଣୀର ଖାଉଟିମାନେ ଆମିଷ ବଜାରକୁ ଯିବାକୁ ଭୟ କରୁଥିବା କହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ଉପରୋକ୍ତ ଅଞ୍ଚଳରେ ବିକ୍ରି ହେଉଥିବା ଆମିଷ ଓ ପନିପରିବା ଦର ଧାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଅନ୍ୟପକ୍ଷେ ପନିପରିବା ଓ ମାଛ, ମାଂସ ବିକ୍ରି କରିବା ପାଇଁ ବ୍ୟବସାୟୀଙ୍କ ସୁବିଧା ନିମନ୍ତେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଦୈନିକ ବଜାରରେ ବହୁ ଭେଣ୍ଡିଂ ଜୋନ ଓ ଦୋକାନ ଗୃହ ନିର୍ମାଣ କରାଯାଇଛି। କିନ୍ତୁ ବହୁ ବ୍ୟବସାୟୀ ପ୍ରଶାସନର ନିୟମକୁ ନ ମାନି ଦୈନିକ ବଜାରରେ ବ୍ୟବସାୟ କରୁଥିବା ବେଳେ ଆଉ କେତେଜଣ ସହରର ବିଭିନ୍ନ ଅଞ୍ଚଳର ରାସ୍ତାକଡ଼ ତଥା ସ୍କୁଲ ପାଖରେ ମାଛ, ମାଂସ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଏହି ବ୍ୟବସାୟୀଙ୍କୁ ତୁରନ୍ତ ଦୈନିକ ବଜାରକୁ ସ୍ଥାନାନ୍ତର କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିମେଳା ଏନ୍ଏସି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ କହିଛନ୍ତି,ଆମିଷ ବେପାରୀମାନେ ମାଛ ମାଂସ ଦର ବୃଦ୍ଧି କରିବା ପାଇଁ ବିଭାଗ ପକ୍ଷରୁ କୌଣସି ଅନୁମତି ନେଇନାହାନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଦୋରା କହିଛନ୍ତି।

# ବସ୍ଷ୍ଟାଣ୍ଡ ସୁରକ୍ଷା ପ୍ରାଚୀରରୁ ଲୁହାଗ୍ରୀଲ ଗାଏବ


ବସ୍ଷ୍ଟାଣ୍ଡ ସୁରକ୍ଷା ପ୍ରାଚୀର ଉପରେ ଲଗାଯାଇଥିବା ଲୁହାଗ୍ରୀଲ ଚୋରି ହୋଇଯାଇଛି।

କୋରୁକୋଣ୍ଡା,୨।୧(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ଥିବା ବସ୍ଷ୍ଟାଣ୍ଡ ସୁରକ୍ଷା ପ୍ରାଚୀର ଉପରେ କଂକ୍ରିଟ୍ ପିଲାର ଦେଇ ଲଗାଯାଇଥିବା ଲୁହାଗ୍ରୀଲଗୁଡ଼ିକ ଗତ କିଛି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଥିବା ଦେଖିବାକୁ ମିଳିଛି। ବସ୍ଷ୍ଟାଣ୍ଡ ବାଲିମେଳା ସହରର ମଝିରେ ଏବଂ ଜନଗହଳି ସ୍ଥାନରେ ରହିଥିଲେ ମଧ୍ୟ କାନ୍ଥ ଭାଙ୍ଗି ସେଠାରୁ ଲୁହାଗ୍ରୀଲ କିଏ ଓ କିପରି ନେଲା ସେ ସମ୍ପର୍କରେ କାହାରି ପାଖରେ କୌଣସି ଖବର ନାହିଁ। ଏ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଥାଉ କି, ୧୯୮୪ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲିମେଳାକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ମିଳିଥିଲା। ବାଲିମେଳା ସହର ଏବଂ ଆଖପାଖ ଅଞ୍ଚଳବାସୀଙ୍କ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏନ୍ଏସି ପକ୍ଷରୁ ଏକ ବସ୍ଷ୍ଟାଣ୍ଡ ନିର୍ମାଣ କରାଯିବା ସହିତ ଚତୁଃପାର୍ଶ୍ୱରେ ଏକ ସୁରକ୍ଷା ପ୍ରାଚୀର ମଧ୍ୟ ନିର୍ମାଣ କରାଯାଇଥିଲା। ସୌନ୍ଦର୍ଯ୍ୟକରଣ ପାଇଁ ସୁରକ୍ଷା ପ୍ରାଚୀର ଉପରେ ବହୁ ଲୁହାଗ୍ରୀଲ ଲଗାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ, ଗତ କିଛି ଦିନ ମଧ୍ୟରେ ଉକ୍ତ ସୁରକ୍ଷା ପ୍ରାଚୀରରେ ଲାଗିଥିବା ବହୁ ପରିମାଣର ଲୁହାଗ୍ରୀଲକୁ କାନ୍ଥ ଭାଙ୍ଗି ନେଇଯାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବାଲିମେଳା ଏନ୍ଏସି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ଏନ୍ଏସି କର୍ତ୍ତୃପକ୍ଷଙ୍କ ତରଫରୁ ଏ ବାବଦରେ ଥାନାରେ ଏତଲା ଦିଆଯିବ ବୋଲି ସେ କହିଛନ୍ତି।

# ଗାଈକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

କାଳିମେଳା, ୨।୧
(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଗମ୍ପାକୋଣ୍ଡା ଏମ୍ଭି –୬୬ ଭେଜାଙ୍ଗୀୱାଡା ରାସ୍ତାର ଏମ୍ଭି ୬୬ ଛକଠାରୁ କିଛି ଦୂରରେ ଶୁକ୍ରବାର ବାଇକ୍ ଚାଳକ ଏକ ଗାଈକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କୋରୁକୋଣ୍ଡା ବ୍ଲକ ଚିତାପରି–୩ ପଞ୍ଚାୟତ ଅନ୍ତର୍ଗତ ଏମ୍ଭି ୧୦୮ ଗ୍ରାମର ରାମ କର୍ମକାର (୭୫)। ସୂଚନା ଅନୁଯାୟୀ, ରାମ ଶୁକ୍ରବାର ସକାଳେ ମୋଟର ସାଇକେଲ ଯୋଗେ ଏମ୍ପିଭି– ୪୮ ଗ୍ରାମକୁ ଆସୁଥିବା ସମୟରେ ଏମ୍ଭି– ୬୬ ନିକଟରେ ଏକ ଗାଈ ସହ ଧକ୍କା ହେଇଥିଲେ । ଦୁର୍ଘଟଣାରେ ରାମ ବାଇକ୍‌କୁ ଛିଟକି ତଳେ ପଡିଯାଇଥିବା ବେଳେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କାଳିମେଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଏବଂ ବାଇକ ଜବତ କରିଥିଲେ। ମୃତଦେହକୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

# ବେଆଇନ କ୍ଲିନିକ୍‌ରେ ଉପଜିଲାପାଳଙ୍କ ଚଢ଼ାଉ

ଗୁଡାରି,୨।୧ (ପ୍ରମୋଦ କୁମାର ପତି)

ରାୟଗଡା ଜିଲା ଗୁଣୁପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ ଶୁକ୍ରବାର ରାତିରେ ଅଚାନକ ଗୁଡାରି ସହରର ୨ଟି ବେଆଇନ କ୍ଲିନିକ ଉପରେ ଚଢ଼ାଉ କରିଥିଲେ। ଉଭୟ କ୍ଲିନିକ୍ ବନ୍ଦ ଥିଲେ ମଧ୍ୟ ଉପଜିଲାପାଳ ସମ୍ପୃକ୍ତ ଔଷଧ ଦୋକାନୀଙ୍କୁ ଚାବି ଖୋଲିବା ପାଇଁ କହିବା ସହ କ୍ଲିନିକ ଭିତରେ ପଶି କାଗଜପତ୍ର ଯାଞ୍ଚ କରିଥିଲେ। ପରେ ଉଭୟ କ୍ଲିନିକ୍‌ରେ ତାଲା ପକେଇବା ସହ ଚାବି ନେଇଯାଇଥିଲେ। ଶେଷରେ ଅନ୍ୟ ଗୋଟିଏ କ୍ଲିନିକ୍‌କୁ ଯାଇଥିଲେ କିନ୍ତୁ ସେଠାରେ କ୍ଲିନିକ ବନ୍ଦ ରହିଥିଲା। ଫେରିବା ସମୟରେ ଆରଏମ୍ସି କାର୍ଯ୍ୟାଳୟରେ ଉପଜିଲାପାଳ ସ୍ଥାନୀୟ ତହସିଲଦାର ଏ. ସ୍ନେହଲତାଙ୍କ ସହ ଆଲୋଚନା କରିଥିଲେ। ଶନିବାର ଏହି ଚଢ଼ାଉର ନିଷ୍ପତ୍ତି ଜଣାପଡିବ। ପ୍ରକାଶ ଥାଉ କି ଗତ କିଛି ଦିନ ପୂର୍ବେ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସହରରେ ବେଆଇନ ଭାବେ ଚାଲିଥିବା ଗୋଟିଏ କ୍ଲିନିକ୍‌କୁ ସିଲ କରାଯାଇଛି।

# ଛୁରାମାଡ଼, ଘରଭଙ୍ଗାକୁ ନେଇ ଉତ୍ତେଜନା: ଜଣେ ଗୁରୁତର

ନନ୍ଦପୁର/ପାଡୁଆ,୨।୧
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ କୁଲାରସିଂ ପଞ୍ଚାୟତର ଲାମ୍ପି ଗ୍ରାମରେ ଗୁରୁବାର ରାତିରେ ସାମାନ୍ୟ ବଚସାରୁ ଛୁରାମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ହେବା ସହ ୨ଜଣ ଆହତ ହୋଇଛନ୍ତି। ଗୁରୁତର ହେଲେ ହିରଣ୍ୟ ବଣ୍ଡା।


ଗୁରୁତର ହିରଣ୍ୟ ବଣ୍ଡା।

ସୂଚନାନୁଯାୟୀ, ଗୁରୁବାର ନବବର୍ଷ ପାଳନ କରାଯାଉଥିବା ବେଳେ ଲାମ୍ପି ଗ୍ରାମର ୨ ବଣ୍ଡା ପରିବାର ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହି ସମୟରେ ନୀଳ ବଣ୍ଡା ନାମକ ଜଣେ ଯୁବକ ବାପପୁଅ ହିରଣ୍ୟ ଓ ବାସୁଦେବ ବଣ୍ଡାଙ୍କୁ ଛୁରା ମାଡ଼ କରିଥିଲେ। ଏଥିରେ ହିରଣ୍ୟଙ୍କ ପେଟରେ ଆଘାତ ଲାଗିଥିଲା ଓ ବାସୁଦେବ ସାମାନ୍ୟ ଆହତ ହୋଇଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ନୀଳଙ୍କ ଘର ଭାଙ୍ଗି ତାଙ୍କୁ ମାରପିଟ କରିଥିଲେ। ଏ ନେଇ ଶୁକ୍ରବାର ସକାଳୁ ପାଡୁଆ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରିବା ଗ୍ରାମରେ ଲାଗିଥିବା ଉତ୍ତେଜନାକୁ ଆୟତ କରିବାକୁ ଚେଷ୍ଟା କରିଛି। ଛୁରାମାଡ଼ କରିଥିବା ନୀଳଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ହିରଣ୍ୟଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ବାସୁଦେବ ପାଡୁଆ ପୋଲିସ ନିକଟରେ ଏତଲା ଦେବା ପରେ ନୀଳଙ୍କ ସ୍ତ୍ରୀ ପାଲଟା ଏତଲା ଦେଇଛନ୍ତି। ପାଡୁଆ ପୋଲିସ ୨ ମାମଲା ରୁଜୁ କରି ତଦନ୍ତ କରୁଛି। ବ୍ୟବହୃତ ଛୁରା ଜବତ କରାଯାଉଥିବା ଥାନାଧିକାରୀ ଅଶୋକ ବିଶୋଇ ସୂଚନା ଦେଇଛନ୍ତି।

# ଆନ୍ତଃରାଜ୍ୟ ବାସ୍କେଟ ବଲ କ୍ରୀଡ଼ାରେ କୋଟପାଡ଼ ଛାତ୍ର ମନୋନୀତ


ଜଗନ୍ନାଥ ଦିଶାରୀ।

କୋଟପାଡ଼,୨।୧(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ପିଏମ୍ ଶ୍ରୀ ସରକାରୀ ବାଳକ ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଜଗନ୍ନାଥ ଦିଶାରୀ ଆନ୍ତ ରାଜ୍ୟ ବିଦ୍ୟାଳୟ ବାସ୍କେଟ ବଲ ପ୍ରତିଯୋଗିତାରେ ଓଡ଼ିଶା ଟିମ୍ ପକ୍ଷରୁ ମନୋନୀତ ହୋଇଛନ୍ତି। ଜଗନ୍ନାଥ ବାସ୍କେଟ ବଲରେ ଚୟନ ହୋଇ ଭୁବନେଶ୍ୱରଶ୍‌ରେ ତାଲିମ ନେଇଥିଲେ। ଚଳିତମାସ ଛତିଶଗଡ଼ ରାଜନନ୍ଦଗାଁମରେ ୧୭ ବର୍ଷରୁ କମ୍ ୬୯ତମ ଆନ୍ତରାଜ୍ୟ ବାସ୍କେଟ ବଲ କ୍ରୀଡା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟର ୨୬ ଛାତ୍ର ଚୟନ ହୋଇଛନ୍ତି। ଭୁବନେଶ୍ୱର ମହାରଥ ବିଦ୍ୟାପୀଠର ଖେଳ ଶିକ୍ଷକ ଦେବପ୍ରସାଦ ସାହୁ, କୋଚ୍ ଭାବେ ପ୍ରଶନ୍ନ ନାୟକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଆନ୍ତର୍ଜାତୀୟ ବାସ୍କେଟ ବଲରେ ଅଂଶ ଗ୍ରହଣ କରିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ସବିତା ଷଡଙ୍ଗି, ଖେଳ ଶିକ୍ଷକ ପ୍ରଦୀପ ଗୌଡ଼ ଆଶା ରଖିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଇଞ୍ଜିନିୟର (ସିଓ)/ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ: **ଟେଣ୍ଡର ବିଜ୍ଞପ୍ତି ନଂ.:** ଏସ୍‌ଟି-ଓଟି-ଟିଏଲ୍‌ବିଆଇ-ଏସ୍‌ଏଲ୍‌ବିପି-କେଜିପି-୨୫-୨୬, **ତାରିଖ:** ୦୧.୦୧.୨୦୨୬; **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ମଣ୍ଡଳରେ ଟିଏଲ୍‌ବିଆଇକୁ ଏସ୍‌ଏଲ୍‌ବିପି ଦ୍ୱାରା ବଦଳାଇବା; **ଟେଣ୍ଡର ମୂଲ୍ୟ:** ₹୨,୫୫,୭୨,୭୭୪.୦୦; **ଇଏମ୍‌ଡି:** ₹୨,୭୭,୯୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ଖୋଲାଯିବା ତାରିଖ:** ୨୮/୦୧/୨୦୨୬; **ସମାପ୍ତି ଅବଧି:** ୧୨ ମାସ; **ଦାଖଲ ତାରିଖ:** ତା୨୮/୦୧/୨୦୨୬ରିଖ ୧୨ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଓ ବର୍ଣ୍ଣନା ତଥା ବିନିର୍ଦ୍ଦିଷ୍ଟତା ଓ ଅନ୍‌ଲାଇନରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1023)

**REQUIREMENT OF BUILDINGS FOR 2 ODISHA BN NCC, BERHAMPUR**

2 Odisha BN NCC, Berhampur requires building/house for the following purpose:

| Sl. No. | Purpose | Period | Plinth Area including Parking (Approx.) in Sq.ft. |
|---|---|---|---|
| 1. | PI Staff Accommodation of 2 (O) BN, 10 (O) Bn, 3 (O) Med Coy & 1(O) Naval Unit NCC, Berhampur | 03 years w.e.f. 01.03.2026 | 15759.02 Sq.ft. |

The building preferably be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Berhampur, Dist.: Ganjam. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 20 days from the date of publication of the advertisement.

**The Defence Estates Officer**
**Govt. of India, Ministry of Defence**
163, Prachi Enclave, Chandrasekharpur, Bhubaneswar, Odisha - 751016
Tele: 0674-2747631, 345, E-mail: deobhub-stats@nic.in

**असैनिक शल्य चिकित्सक सह मुख्य चिकित्सा पदाधिकारी का कार्यालय, धनबाद**
दूरभाष:–9431711098(M) ई–मेल:–cs.dhanbad@gmail.com

**सूचना**

सदर अस्पताल, धनबाद एवं सभी सामुदायिक स्वास्थ्य केन्द्र धनबाद जिलान्तर्गत हेतु पारमेडिकल एवं अन्य कर्मियों की आपूर्ति हेतु दिनांक– 27.12.2025 को दैनिक समाचार पत्र में प्रकाशित ई–निविदा सूचना जिसका P.R. 369469 (HealthMed Edu and Family Welfare) 25-26(D) था इस संबंध में सूचित करना है कि इस से संबंधित सभी कार्रवाई www.jharkhandtenders.gov.in पर देखा एवं उसी के माध्यम से भाग लिया जा सकता है।

Sd/-
सिविल सर्जन,
धनबाद

PR 369874 Health Med Edu and Family Welfare(25-26)#D

**ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ**
(ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ, ଭାରତ ସରକାର)
ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ପାଖ), ଭୁବନେଶ୍ୱର-୭୫୧୦୦୧ (ଓଡ଼ିଶା)
ଇମେଲ୍: dirbhubaneswar@iwai.gov.in ଏବଂ iwainw5@gmail.com
ୱେବସାଇଟ୍: www.iwai.gov.in ଏବଂ https://eprocure.gov.in/eprocure/app

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଆର୍ଥିକବର୍ଷ ୨୦୨୫–୨୬ ଅବଧିରେ ଆରଓ–ଆରଓ ଜଳପୋତ ଏମ୍‌ଭି ଭୂପେନ ହଜାରିକାର ''ଡ୍ରାଏ ଡକ୍ ମରାମତି କାର୍ଯ୍ୟ'' ଲାଗି ଅଭିଜ୍ଞ, ପ୍ରତିଷ୍ଠିତ ମ୍ୟାନ୍‌ପାୱାର ସପ୍ଲାଏ ଏଜେନ୍ସିଠାରୁ ଅନ୍‌ଲାଇନ୍ ବିଡ୍/ ଟେଣ୍ଡର ଆହ୍ୱାନ କରୁଛି । ବିବରଣୀ ତଥା ଟେଣ୍ଡର ଦସ୍ତାବିଜ ତା୦୧।୦୧।୨୦୨୬ରିଖରୁ ତା୨୭।୦୧।୨୦୨୬ରିଖ ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ www.iwai.nic.in ଏବଂ ସିପିପି ପୋର୍ଟାଲ https://eprocure.gov.in/eprocure/appରୁ ଡାଉନଲୋଡ୍ କରାଯାଇପାରିବ । ଅନ୍‌ଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି ତା୨୭।୦୧।୨୦୨୬ରିଖ ୧୫.୩୦ ଘଟିକା ଏବଂ ଟେଣ୍ଡର ଖୋଲାଯିବା ତାରିଖ ହେଉଛି ତା୨୮।୦୧।୨୦୨୬ରିଖ ୧୫.୩୦ ଘଟିକା । ଅନ୍‌ଲାଇନ୍ ବିଡ୍ ଦାଖଲ https://eprocure.gov.in/eprocure/app
(ନିର୍ଦ୍ଦେଶକ)

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/14**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/ 1000007621 | Architectural and Engineering Consultancy Services for Construction of Residential Training Centre Project at Bhubaneswar |
| 2 | TPCODL/P&S/2025-26/ 1000007689 | One Year Rate Contract for supply of 11KV,33KV Metering cubicle |
| 3 | TPCODL/P&S/2025-26/1000007753 | SITC of 150 TB Storage at TPCODL |
| 4 | TPCODL/CCG/2025-26/1000007767 | SITC of Two Socket Servers under TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. It is suggested to track aforesaid website for said NIT details.

**OFFICE OF THE CHIEF ENGINEER, MEGA LIFT, BHUBANESWAR**
Plot No. A-8/2, Bhoinagar, Bhubaneswar, Odisha, PIN - 751022
E-Mail: cemlpwr.od@gmail.com

**Government of Odisha "e" Procurement Notice**
**Bid Identification No. 06ML/2025-26**

No. A-1211: The Chief Engineer, Mega lift on behalf of the Governor of Odisha invites online tender through "E" Procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the Work | Appointment of Proof Engineering Consultant (PEC) for implementation of mega Lift Projects in Cluster No. XXVI |
| Cost of Tender Paper | Rs.10,000/- |
| EMD/Bid Security | Rs.1,35,000/- |
| Mode of Payment of Tender Paper Cost & EMD | Online |
| Period of Completion | 36 (Thirty Six) Calendar Months |
| Availability of Bid document for sale and receipt through Online | From Dt.07.01.2026, 10.00 A.M. to Dt.27.01.2026 upto 5.00 P.M. |
| Last date/time of receipt of bid in the portal | 27.01.2026 (5.00 P.M.) |
| Date of Pre-bid Conference | 16.01.2026, 11.00 A.M. |
| Date of opening of Techno-Commercial Bid through Online | On Dt.31.01.2026 at 11.00 A.M. in the Office of the Chief Engineer, Mega Lift |
| Class of Contractor | The bidder should be registered under the Companies Act. 1956 |
| Digital Signature Certificate of Bidder | The bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR Website **https:/dowr.odisha.gov.in** | |
| Name & Address of the OIT | Chief Engineer, Mega Lift Plot No. A-8/2, Bhoi Nagar, Bhubaneswar - 751022, Ph. No.: 0674-2567252 Email ID: **cemlpwr.od@gmail.com** |
| Further details can be seen from the e-Procurement market place. **https://tendersodisha.gov.in**. | |

OIPR-32504/11/0053/2526 — Sd./- Chief Engineer, Mega Lift, Bhubaneswar

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा।**

**ई–अल्पकालीन निविदा आमंत्रण सूचना**
**ई–अल्पकालीन निविदा संख्या–05/2025-26/RWD/CHATRA दिनांक–31.12.2025**

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा जिला खनिज फाउण्डेशन ट्रस्ट (DMFT) मद अन्तर्गत् निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टिफिकेशन संख्या/ पैकेज संख्या | प्रखण्ड | पंचायत /ग्राम | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | कॉल सं. |
|---|---|---|---|---|---|---|---|---|
| 1 | RWD/CHATRA /10/ 2025-26 | टण्डवा | बचरा उत्तरी / बचरा | Construction of PCC Road from Panchwati Pul to Bachra Basti End via Bachra Basti Mandir | 33044200.00 | तीन करोड़ तीस लाख चौआलीस हजार दो सौ मात्र | 15 माह | प्रथम |

2. वेबसाईट में निविदा प्रकाशन की तिथि :– **05.01.2026**
3. ई–निविदा प्राप्ति की अंतिम तिथि एवं समय :– **19.01.2026 अपराह्न 5.00 बजे तक।**
4. ई–निविदा खोलने की तिथि एवं समय :– **21.01.2026 अपराह्न 3.30 बजे।**
5. ई–निविदा आमंत्रित करनेवाले पदाधिकारी का नाम एवं पता :– **कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।**
6. ई–निविदा प्रकोष्ठ का दूरभाष संख्या :– 06541–296208
7. यदि बिड्डर/निविदादाता का कोई कार्य अधोहस्ताक्षरी के कार्यालय अथवा किसी भी अन्य विभाग में पिछले 06 (छः) माह से अधिक लंबित पाया जाता है तो उसकी निविदा को प्राथमिकता नहीं दी जायेगी।
8. किसी भी परिस्थिति में बिड्डर/निविदादाता के तकनीकी बिड खुलने/स्वीकृत होने के उपरान्त् ई–निविदा से वापस होने पर बिड्डर/निविदादाता के विरूद्ध SBD के नियमानुसार कार्रवाई की जायेगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, चतरा।

PR.NO.369869 Rural Work Department(25-26):D

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E. Dkl. (R&B) 14/2025-26**
**Email Id: sedklpwd@gmail.com**

**Letter No. 2689** — **Dt.30.12.2025**

No. B-918: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for building works as detailed below:

1. Name of the work : Building work
2. No. of Works : 01 (One) No.
3. Estimated Cost : Rs.2.99 Crore (as given in Column No. 03 of Table)
4. Cost of Tender Paper : Rs.10,000.00
5. Class of Contractor : 'B' Class, & 'A' Class (as given in Column No. 07 of Table)
6. Period of Completion of Work : 09 (Nine) Calendar Months (as given in Column No. 08 of Table)
7. Date and time of availability of bid document in the website : From Dt.06.01.2026 to 5.00 P.M. of Dt.20.01.2026
8. Date of Opening of Bid : Dt.21.01.2026 at 11.00 A.M.

The bidders have to participate in ONLINE bidding only. Further details can be seen from the e-Procurement portal: **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
OIPR-34132/11/0052/2526 **Dhenkanal (R&B) Circle, Dhenkanal**

# ଧାନ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ

■ ୩୦୦ କୁଇଣ୍ଟାଲ ବଦଳରେ ମିଳିଛି ୨୫ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ୍
■ ମାତ୍ର ୪୪୩୩.୮୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି


ଟ୍ରାକ୍ଟରରେ ଧାନ ବସ୍ତା ମଣ୍ଡିକୁ ଅଣାଯାଉଛି ।

ରାୟଗଡ଼ା,୨।୧ (ଆଶିଷ ରଞ୍ଜନ ପଣ୍ଡା)

ମଣ୍ଡିରେ ଧାନ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ। ଚାଷୀଙ୍କ ଧାନ ଢେର ରହିଥିବା ବେଳେ ଟୋକନ୍ ସେତିକି ପାଇନାହାନ୍ତି । ୩୦୦ କୁଇଣ୍ଟାଲ ଧାନ ଅମଳ କରିଥିବା ଚାଷୀଙ୍କୁ ମିଳିଛି ମାତ୍ର ୨୫ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ୍। ତେବେ ବଳକା ଧାନ କେମିତି ଗଚ୍ଛିତ ରଖିବେ ଏବଂ କିପରି ବିକ୍ରି କରିବେ, ସେହି ଚିନ୍ତାରେ ଏବେ ଚାଷୀ ସମୂହ । ଏ ନେଇ ଡିସେମ୍ବର ୧୭ ତାରିଖରେ ମଣ୍ଡି ଶୁଭାରମ୍ଭ ବେଳେ ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଉଦ୍‌ବେଗ ପ୍ରକାଶ କରିଥିଲେ ଚାଷୀ। ବିଭାଗୀୟ ସୂଚନା ଅନୁସାରେ, ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ରାୟଗଡ଼ା ଜିଲ୍ଲାକୁ ୭୩ ହଜାର ୨୦୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଆସିଥିବା ବେଳେ ଗୁରୁବାର ସୁଦ୍ଧା ମାତ୍ର ୪୪୩୩.୮୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି । ଏହାର ମୁଖ୍ୟ କାରଣ ହେଉଛି ଚାଷୀଙ୍କୁ ଡିସେମ୍ବରରେ ଟୋକନ୍ ମିଳିବା ବଦଳରେ ଜାନୁଆରୀ ମାସରେ ଧାନ କ୍ରୟ ତାରିଖ ରହିଛି ବୋଲି ଚାଷୀ ପାଇଥିବା ଟୋକନରୁ ଜଣାପଡ଼ିଛି । ତାହା ବି ଅମଳ ହୋଇଥିବା ଧାନରୁ ଅତି କମ୍ ପରିମାଣ ଧାନ ବିକ୍ରି ପାଇଁ ଟୋକନ୍ ଆସିଛି ବୋଲି ଅଭିଯୋଗ କରିଛନ୍ତି ଚାଷୀ । ଜଣେ ଚାଷୀଙ୍କ ପ୍ରାୟ ୪.୫ ଏକର ଜମି ରହିଥିବା ବେଳେ ତାଙ୍କୁ ମିଳିଛି ମାତ୍ର ୧.୯୫ କୁଇଣ୍ଟାଲ ଧାନର ଟୋକନ୍ । ତାଙ୍କୁ ପ୍ରାୟ ୫୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି ପାଇଁ ଟୋକନ୍ ମିଳିବା କଥା । ଏବେ ସେ କିପରି ଧାନ ଗଚ୍ଛିତ ରଖିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଯଦି ଲଘୁଚାପଜନିତ ବର୍ଷା ହୁଏ, ତେବେ ଚାଷୀ କ୍ଷତି ସହିବେ ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ଗୁରୁବାର ସୁଦ୍ଧା ୭୩ ଜଣ ମିଲରଙ୍କ ମାଧ୍ୟମରେ ୮୨୨ରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ମାତ୍ର ୪୭ ହଜାର ୫୪୦ କୁଇଣ୍ଟାଲ ଟନ୍ ଧାନ ଉଠିଛି। ୨୦୨୪-୨୫ ଖରିଫ ଋତୁରେ ରାୟଗଡ଼ା ଜିଲାରେ ମୋଟ ୧ଲକ୍ଷ ୩୨ହଜାର ୨୮୦ ମେଟ୍ରିକ ଟନ୍ ଧାନ ସଂଗ୍ରହ ଟାର୍ଗେଟ ରହିଥିବା ବେଳେ ୧ଲକ୍ଷ ୨୨ହଜାର ୬୯.୫୪୮ ମେଟ୍ରିକ ଟନ୍ ଧାନ କ୍ରୟ ହୋଇଥିଲା । ଅନ୍ୟପଟେ ଗତବର୍ଷ ଧାନ ନେଇଥିବା ୯୧ଜଣ ମିଲରଙ୍କ ମଧ୍ୟରୁ ୨୦ଜଣ ମିଲର ଏଯାବତ୍ ଚାଉଳ ଫେରାଇ ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ପ୍ରାୟ ୨୮୬୦୭.୪୯ କୁଇଣ୍ଟାଲ ଚାଉଳ ଫେରାଯାଇନାହିଁ । ଏପ୍ରିଲ ୩୦ ତାରିଖ ସୁଦ୍ଧା ଚାଉଳ ଫେରାଇବାକୁ ସମୟସୀମା ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଗୋଦାମ ଗୃହରେ ଚାଉଳ ସଂରକ୍ଷିତ ପାଇଁ ପର୍ଯ୍ୟାପ୍ତ ସ୍ଥାନ ନ ଥିବା କାରଣରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ମିଲରମାନେ କହିଛନ୍ତି । ତେବେ କମ୍ ପରିମାଣ ଧାନ ପାଇଁ ମିଳିଥିବା ଟୋକନ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନ୍‌ଙ୍କୁ ପଚାରିବାରୁ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ କରିଥିବା ପଞ୍ଜୀକରଣରେ କିଛି ତ୍ରୁଟି ରହିବା, ଇ-କେୱାଇସି ସମ୍ପୂର୍ଣ୍ଣ ହୋଇ ନ ଥିବା ଆଦିକୁ ନେଇ କମ୍ ପରିମାଣ ଧାନ ପାଇଁ ଟୋକନ୍ ମିଳିଥାଇପାରେ ବୋଲି କହିଛନ୍ତି। ଚାଷୀଙ୍କ ଧାନଚାଷକୁ ନେଇ ସମବାୟ ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚ ପ୍ରକାରେ ଚାଷୀ ଟୋକନ୍ ପାଇଥିବେ ଏବଂ ଏ ନେଇ ତଥ୍ୟ ସମବାୟ ବିଭାଗ ନିକଟରେ ରହିଥିବ ବୋଲି ସେ କହିଛନ୍ତି ।

ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ୨୦୨୪-୨୫ ଖରିଫ ଋତୁରେ ୧୫୩% ଧାନ ସଂଗ୍ରହ ହୋଇଥିବା ବେଳେ ଚାଉଳ ରଖିବା ପାଇଁ ଗୋଦାମର ଅଭାବ କାରଣରୁ ବର୍ତ୍ତମାନ ମଧ୍ୟ ମିଲରଙ୍କ ନିକଟରେ ଚାଉଳ ପଡ଼ିରହିଛି । ଯାହାଫଳରେ ମିଲର ଧାନ ନେଇ କେଉଁଠାରେ ରଖିବେ ତାହା ଏବେ ଚିନ୍ତାର ବିଷୟ ପାଲଟିଛି ଏବଂ ଏଥିପାଇଁ ଚାଷୀଙ୍କୁ ସମ୍ପୂର୍ଣ୍ଣ ଧାନର ଟୋକନ୍ ମିଳିନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ରାୟଗଡ଼ା ଜିଲ୍ଲାକୁ ମିଳିଲା ୫ ନୂଆ ଆମ୍ବୁଲାନ୍ସ


ଆମ୍ବୁଲାନ୍ସ ଲୋକାର୍ପଣ କାର୍ଯ୍ୟକ୍ରମରେ ସିଡିଏମ୍‌ଓଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ।

ରାୟଗଡା,୨।୧ (ଆଶିଷ ରଞ୍ଜନ ପଣ୍ଡା)

ଦୀର୍ଘଦିନ ହେଲା ରାୟଗଡା ଜିଲାରେ ବହୁ ଆମ୍ବୁଲାନ୍ସ ଯାନ୍ତ୍ରୀକ ତୃଟି, ଦୁର୍ଘଟଣା ଯୋଗୁ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ବେଳେ ବିଭିନ୍ନ ସମୟରେ ଜନସାଧାରଣ ନାନା ଅସୁବିଧାର ସମ୍ମୁଖିନ ହୋଇ ଆସୁଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାୟଗଡା ଜିଲାକୁ ନୂତନ ଭାବେ ୫ଟି ୧୦୮ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିବା ଜଣାପଡିଛି। ଏହି ୧୦୮ ଆମ୍ବୁଲାନ୍ସକୁ ରାୟଗଡା ମୁଖ୍ୟ ଚିକିତ୍ସା କେନ୍ଦ୍ର, ଜେକେ ପୁର ଶିଳ୍ପାଞ୍ଚଳ, ମୁନିଗୁଡା ସିଏଚ୍‌ସି, କାଶୀପୁର ସିଏଚ୍‌ସି ଓ ଆମ୍ବଦୋଳା ପିଏଚ୍‌ସିକୁ ପ୍ରଦାନ କରାଯାଇଥିବା ୧୦୮ଆମ୍ବୁଲାନ୍ସ ପରିଚାଳନା ଜିଲା ମ୍ୟାନେଜର ଶୁଭ୍ରାଂଶୁ ଶେଖର ସେନାପତି ପ୍ରକାଶ କରିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଲୋକାର୍ପଣ କାର୍ଯ୍ୟକ୍ରମରେ ସିଡିଏମଓ ଭି. ସରୋଜିନୀ ଦେବୀ,ଏଡିଏମ୍‌ଓ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର, ଫାର୍ମାସି ଅଧିକାରୀ ଜଗନ୍ନାଥ ନାୟକ, ଏନ୍‌ଏଚ୍‌ଏମ ଡିପିଏମ ଲକ୍ଷ୍ମୀଧର ମହାପାତ୍ର, ଶୁଭ୍ରାଂଶୁ ଶେଖର ସେନାପତି ଓ ଆମ୍ବଲାନ୍ସରେ ନିୟୋଜିତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ୧୦୮ ଆମ୍ବୁଲାନ୍ସକୁ ଇଏମ୍‌ଆରଆଇ ଗ୍ରୀନ ହେଲ୍‌ଥ ସର୍ଭିସେସ ପରିଚାଳନା କରୁଛି ।

## ମାମଲା ତ୍ୱରିତ ସମାଧାନରେ ବିଷମକଟକ ଥାନା ପ୍ରଥମ

ରାୟଗଡ଼ା/ବିଷମକଟକ,୨।୧ (ଆଶିଷ ରଞ୍ଜନ ପଣ୍ଡା/ପ୍ରସନ୍ନ କୁମାର ପଣ୍ଡା)

୨୦୨୫ ବର୍ଷ ପାଇଁ ଓଡ଼ିଶା ପୋଲିସର କ୍ରାଇମ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱର୍କ ଆଣ୍ଡ ସିଷ୍ଟମ (ସିସିଟିଏନଏସ) ଅଧୀନରେ ପ୍ରଗତି ଡ୍ୟାସବୋର୍ଡରେ ର୍ୟାଙ୍କିଂ ପ୍ରକାଶ ପାଇଛି। ଏଥିରେ ଜନସାଧାରଣଙ୍କୁ ହାତପାଆନ୍ତାରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସେବା ଯୋଗାଇବା ସହିତ ଅନଲାଇନରେ ମାମଲା ପଞ୍ଜୀକରଣ ଓ ସେଗୁଡିକର ତ୍ୱରିତ ସମାଧାନ କରିବା ଦିଗରେ ପ୍ରକାଶ ପାଇଥିବା ଜିଲାସ୍ତରୀୟ ରିପୋର୍ଟରେ ପ୍ରଥମରେ ରହିଛି ବିଷମକଟକ ଥାନା । ସିସିଟିଏନ୍‌ଏସ୍ ପ୍ରଗତି ଡ୍ୟାସବୋର୍ଡରେ ଥାନା ଓ ଥାନା ଅଧିକାରୀଙ୍କ ବର୍ଗରେ ପ୍ରକାଶିତ ରିପୋର୍ଟରେ ରାୟଗଡ଼ା ଜିଲା ବେଶ ସଫଳତା ହାସଲ କରିଛି। ରାୟଗଡ଼ା ଜିଲାର ବିଭିନ୍ନ ଥାନାର ଅଧିକାରୀ ଜିଲାସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ଗୌରବ ଅର୍ଜନ କରିଛନ୍ତି। ଜିଲାର ସମସ୍ତ ଥାନା ମଧ୍ୟରୁ ବିଷମକଟକ ଥାନା ପ୍ରଥମ ସ୍ଥାନ ଅଧିକାର କରିଛି। ବିଷମକଟକ ଥାନା ପ୍ରାୟ ୮୯% ମାମଲା ସମାଧାନ କରିଥିବା ରିପୋର୍ଟରୁ ଜଣାପଡିଛି। ଏହା ପରେ କାଶୀପୁର ଥାନା ଦ୍ୱିତୀୟ, ଟିକିରି ଥାନା ତୃତୀୟ, ଦୋରଗୁଡା ଥାନା ଚତୁର୍ଥ, ଆମ୍ବାଦୋଳା ଥାନା ପଞ୍ଚମ ସ୍ଥାନ ଲାଭ କରି ଜିଲାକୁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ବିଷମ କଟକ ଥାନା ଆଇଆଇସି ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ, କାଶୀପୁର ଆଇଆଇସି ବେବେକ ମଲ୍ଲିକ, ଟିକିରି ଆଇଆଇସି ବିଶ୍ୱ ବନ୍ଧିନୀ ବାଗ, ଦୋରାଗୁଡା ଆଇଆଇସି କିରଣ ବାଳା ସାମଲ ଓ ଆମ୍ବାଦୋଳା ଆଇଆଇସି କଳ୍ପନା ବେହେରାଙ୍କୁ ଅଞ୍ଚଳବାସୀ ଓ ପୋଲିସ ପ୍ରଶାସନ ଶୁଭେଚ୍ଛା ଜଣାଇଛନ୍ତି।

# ଦଳୀୟ ସଂଗଠନ ସୁଦୃଢ଼ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ

**ଭାଜପାର ବନ୍ଧୁମିଳନ**

ଗୁଡାରି,୨।୧ (ପ୍ରମୋଦ କୁମାର ପତି)

ରାୟଗଡା ଜିଲା ଗୁଡାରି ସହର ନିକଟସ୍ଥ ଗୁମୁଲୁପାଡୁ ଆମ୍ବ ତୋଟାରେ ଶୁକ୍ରବାର ଭାଜପାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁଡ଼ାରି ବ୍ଲକ ଓ ଏନ୍‌ଏସିର ୨ ନୂତନ ସଭାପତି ଅନନ୍ତ ଦେଓ ଓ ଜଗଦୀଶ ନାୟକ ଏବଂ ଏନଏସିର ୨ ସାଧାରଣ ସମ୍ପାଦକ ରଞ୍ଜନ ରଥ ଓ ଅନିଲ ନନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଦଳୀୟ ସଂଗଠନ ସୁଦୃଢ଼ କରିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ କିପରି ସବୁ ଘରେ ପହଞ୍ଚାଇବି ସେ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଆଗାମୀ ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ନିମନ୍ତେ ପ୍ରସ୍ତୁତି ବର୍ତ୍ତମାନଠାରୁ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଭାଜପା ନେତା ଗୌରୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତାପ ପାଣିଗ୍ରାହୀ, ଗୌରୀ ମଣ୍ଡାଙ୍ଗୀ, ମନୋଜ ପାଣିଗ୍ରାହୀ, ମନୋଜ ନନ୍ଦ, ପ୍ରଦୀପ ପଣ୍ଡା, ବଂଶୀ ଶବର, ସୂର୍ଯ୍ୟମଣି ଶବର, ନର୍ମଦା ମାଲିକ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

# ହାଟରେ ଥିବା ଶୁଖିଲା ଗଛ ପଡ଼ି ବ୍ୟବସାୟୀ ମୃତ

ଟିକିରି,୨।୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ସାପ୍ତାହିକ ହାଟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାସ୍ତାକଡ଼ରେ ଥିବା ଏକ ଶୁଖିଲା ଆମ୍ବଗଛର ଡାଳ ଭାଙ୍ଗିପଡ଼ିବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଶୀପୁର ବ୍ଲକ ବାଙ୍କାମ ପଞ୍ଚାୟତ ଅନ୍ତର୍ଗତ ପୁଲଜବା ଗ୍ରାମର ଉଗ୍ରେସର ମାଝୀ (୫୦)। ଶୁକ୍ରବାର ସାପ୍ତାହିକ ହାଟ ଥିବାରୁ ପରିବା ବିକ୍ରି କରି ଘରକୁ ଫେରିବା ପାଇଁ ବାହାରିବା ସମୟରେ ହଠାତ ଶୁଖିଲା ଗଛଟି ଉଗ୍ରେସରଙ୍କ ଉପରେ ପଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ପରିବାରଲୋକେ ଘୋଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ଟିକିରିଠାରୁ ଡଙ୍ଗାସିଲ ରାସ୍ତା ଅବରୋଧ କରିଥିଲେ। ଗଛ ଡାଳ ଏକ ଯାତ୍ରୀବାହି ଅଟୋ ଉପରେ ମଧ୍ୟ ପଡିଥିଲା । ହେଲେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସାପ୍ତାହିକ ହାଟ ଥିବାରୁ ବହୁମାତ୍ରାରେ ଜନସମାଗମ ହୋଇଥିବାବେଳେ ପଥଚାରୀ ଓ ହାଟକୁ ଆସିଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।


ଭାଙ୍ଗି ପଡ଼ିଥିବା ଶୁଖିଲା ଗଛର ଡାଳ।

ସୂଚନାଯୋଗ୍ୟ, ଏହାପୂର୍ବରୁ ଅକ୍ଟୋବର ୭ ତାରିଖରେ ଏହି ଗଛର କିଛି ଅଂଶ ରାସ୍ତା ଉପରେ ପଡିଥିଲା। କିନ୍ତୁ ଭାଗ୍ୟବଶତଃ ସେତେବେଳେ କିଛି ଧନ ଜୀବନ ନଷ୍ଟ ହୋଇ ନ ଥିଲା । ଏ ବିଷୟରେ ଟିକିରି ବନ ବିଭାଗକୁ ଅବଗତ କରାଯାଇଥିଲା ବୋଲି ବିଧାୟକ ପ୍ରତିନିଧି ଜିଲୁରୁ ମାଝୀ କହିଛନ୍ତି। ଏହି ବିପଦପୂର୍ଣ୍ଣ ଶୁଖିଲା ଆମ୍ବଗଛ କାଟିବା ପାଇଁ ଗୋଗୁଳମୁଣ୍ଡା ଗ୍ରାମବାସୀ ବାରମ୍ବାର ସରପଞ୍ଚଙ୍କୁ ଜଣାଇଥିବା କହିଛନ୍ତି। ତେବେ ଟିକିରିର ବିଭିନ୍ନ ସ୍ଥାନର ବିପଦଶଙ୍କୁଳ ଭାବେ ଶୁଖିଲା ଗଛ ରହିଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଟିକିରି ନୂଆ ମେଡିକାଲ ସମ୍ମୁଖରେ, ପ୍ରାଥମିକ ବିଦ୍ୟାଳୟର ପରିସରରେ ଥିବା ଶୁଖିଲା ଆମ୍ବଗଛ, ହାଟପଦା ସ୍ଥିତ ଶୁଖିଲା ଆମ୍ବଗଛ ଓ ପୁରୁଣା ମେଡିକାଲ ପରିସରରେ ଥିବା ନିଳଗିରି ଗଛ କାଟିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଦ୍ମପୁରକୁ ଏନ୍‌ଏସି ଘୋଷଣା ଦାବି

ଗୁଣପୁର,୨।୧ (ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ସରକାର ଅଗଷ୍ଟ -୨୦୨୫ରେ ମୋଟ ୨୮ ନୂତନ ଗ୍ରାମକୁ ବିଜ୍ଞାପିତ ଅଞ୍ଚଳ (ଏନ୍‌ଏସି ) ଘୋଷଣା କରିଛନ୍ତି । ହେଲେ ରାୟଗଡ଼ା ଜିଲାର ପଦ୍ମପୁରକୁ ଏନ୍‌ଏସି ଘୋଷଣା କରାଯାଇ ନ ଥିବାରୁ ଭାରତୀୟ ବିକାଶ ପରିଷଦ ସଦସ୍ୟଙ୍କ ସହ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ପଦ୍ମପୁର ସହର ସାମାଜିକ, ଅର୍ଥନୈତିକ, ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାପାର ଓ ବାଣିଜ୍ୟ ଓ ଜନସଂଖ୍ୟା ଇତ୍ୟାଦି ସମସ୍ତ ଯୋଗ୍ୟତା ଥିବାବେଳେ ରାଜ୍ୟ ସରକାର ଏହାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରି ନ ଥିବାରୁ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଭାରତୀୟ ସମ୍ବିଧାନ ଧାରା ୨୪୩ (କ୍ୟୁ ) ଏବଂ ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ୧୯୫୦ ଏବଂ ସଂଶୋଧିତ ନିୟମାବଳୀ ୧୯୯୪ ଧାରା ୪ ପ୍ରକାରେ ପଦ୍ମପୁର ସହର ସମସ୍ତ ପ୍ରକାର ଯୋଗ୍ୟତା ସମ୍ପୂର୍ଣ୍ଣ କରୁଛି। ୨୦୧୧ ଜନଗଣନା ଅନୁଯାୟୀ ଜନସଂଖ୍ୟା ଓ ସଂଲଗ୍ନ ରାଜସ୍ୱ ଗ୍ରାମଗୁଡ଼ିକର ପଦ୍ମପୁର ୬୬୫୪, ଖମାପଦର ୭୪୨, ଯୁଗୁଡ଼ିଗୁଡା ୪୪୮, ଲାଉଗୁଡା ୧୭୬୧, ବେବଦର ୬୬୯, କନ୍ଧିଲାମୁଣ୍ଡା ୭୧୬ ତଥା ମୋଟ ଜନସଂଖ୍ୟା ୧୦,୪୪୦ ରହିଛି । ସମସ୍ତ ଯୋଗ୍ୟତା ଥିବାବେଳେ ରାଜ୍ୟ ସରକାର ଏନ୍‌ଏସିର ମାନ୍ୟତା ଦେଉନାହାନ୍ତି। ତେଣୁ ତୁରନ୍ତ ପତ୍ରପ୍ରାପ୍ତି ୭ଦିନ ମଧ୍ୟରେ ବିଧିବଦ୍ଧ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନ କଲେ ସର୍ବସାଧାରଣ ରାଜରାସ୍ତାକୁ ଓହ୍ଲାଇବେ। ଆବଶ୍ୟକ ସ୍ଥଳେ ଏନ୍‌ଏସି ଗଠନ ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବା ପାଇଁ ଭାରତୀୟ ବିକାଶ ପରିଷଦ ବାଧ ହେବ ବୋଲି ସଭାପତି ସୁଜେନ୍ଦ୍ର ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କୁହାଯାଇଛି।

# ନିୟମଗିରିରେ ନୀରୋଗଶାଳା ଉଦ୍‌ଘାଟିତ

କଲ୍ୟାଣସିଂହପୁର,୨।୧ (ଦୀପକ କୁମାର ପରିଡା )

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପାର୍ଶାଲି ପଞ୍ଚାୟତର ଟାମନସିଲ ଗାଁରେ ନିୟମଗିରି ସୁରକ୍ଷା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ନୀରୋଗଶାଳା ଉଦ୍‌ଘାଟିତ ହୋଇଛି। ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଅନୁକୂଳ ବାରା, ମାନବ ସମ୍ବଳ ବିକାଶର ଜିଲା ସଭାପତି ମାନସ ରଞ୍ଜନ ରଥ, ଅଲ ଓଡ଼ିଶା ଆଦିବାସୀ ସଂଘର ରାଜ୍ୟ ମହିଳା ସଭାପତି ବିଦୁଲତା ହୁଇକ ଓ ଅତିଥି ଭାବେ ରାୟଗଡା ପୌରପାଳିକା ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା ଯୋଗଦେଇ ନୀରୋଗଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିୟମଗିରି ଅଞ୍ଚଳର ଆଦିବାସୀ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ଚିନ୍ତା ପ୍ରକାଶ କରାଯାଇଥିଲା। ସଭାରେ ବକ୍ତାମାନେ ଅଭିଯୋଗ କରି କହିଥିଲେ, ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ନିୟମଗିରି ଅଞ୍ଚଳକୁ ପ୍ରବେଶ କରି ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମି ଉପରେ ଅଧିକାର କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏହା ଫଳରେ ପରମ୍ପରାଗତ ଜୀବନଶୈଳୀ ଓ ଜୀବିକା ଉପରେ ଗୁରୁତର ପ୍ରଭାବ ପଡୁଛି ବୋଲି ସେମାନେ କହିଥିଲେ। ଅନ୍ୟପଟେ ନିରୀହ ଆଦିବାସୀଙ୍କୁ ଭୟ ଦେଖାଇ ତାଙ୍କ ସରଳତାର ଫାଇଦା ଉଠାଯାଉଥିବା ଓ ମିଥ୍ୟା ଅଭିଯୋଗରେ ସେମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପୃକ୍ତ କରାଯାଉଥିବା ନେଇ ଗୁରୁତର ଅଭିଯୋଗ ଉଠିଥିଲା। ତେଣୁ ଆଦିବାସୀଙ୍କ ଅଧିକାର, ସୁରକ୍ଷା, ଜଳ, ଜଙ୍ଗଲ, ଜମି ରକ୍ଷା ଓ ନିରୀହ ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ କରିବା ପାଇଁ ସରକାର ଓ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ପାଇଁ ଦାବି କରାଯାଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଗୁଡାରି ଲାଏନ୍ସ, ଥାଣ୍ଡେର ଷ୍ଟ୍ରାଇକ୍ ଦଳ ବିଜୟୀ

**ଗୁଣପୁର ଟେନିସ୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ**


ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ଗୁଣପୁର,୨।୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ମିନିଷ୍ଟାଡିୟମରେ ଗୁଣପୁର ଟେନିସ୍ ଲିଗ୍ ସିଜନ୍-୨ କ୍ରିକେଟ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପୂର୍ବତନ ଉପଦେଷ୍ଟା ସୁଧୀର କୁମାର ଦାସ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଖେଳାଳିମାନେ ଶୃଙ୍ଖଳାର ସହ ଖେଳୁଥିବା ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର ଆଇନଜୀବୀ ଦେବୀ ପ୍ରସାଦ ଆଚାର୍ଯ୍ୟ, ଭାଗୀରଥି ବିଶୋୟୀ, ଶିବ ପ୍ରସାଦ ପାଢ଼ୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଦେବ ପ୍ରସାଦ ପାଢ଼ୀ, କଳିଙ୍ଗ ବୈଶ୍ୟ ସଂଘ ସଭାପତି ଏସ୍. ବାବା ପ୍ରସାଦ, ଗାନ୍ଧୀ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପ୍ରଶିକ୍ଷକ ରବୀନ୍ଦ୍ର ପଣ୍ଡା, ପୂର୍ବତନ କାଉନ୍‌ସିଲର ସାନ ବାରଣୀ, ବିଜେଡି ନେତା ଗଗନ ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ତରଣୀ ଶତପଥୀ, ବିବିଏନ୍ ପୁଜା କମିଟି ସମ୍ପାଦକ ବୁଲୁ ପାଢ଼ୀ, ଜିଆଇସିଏମ୍‌ଏସ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସାହୁ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କ୍ରିକେଟ୍ ଲିଗ୍ ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ପ୍ରଥମ ମ୍ୟାଚ ରୋୟାଲ ରାଇଡର୍ସ ଓ ଗୁଡାରି ଲାଏନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁଡାରି ଲାଏନ୍ସ ଦଳ ୮ ରନ୍‌ରେ ବିଜୟ ହାସଲ କରିଥିଲା। ଗୁଡାରି ଦଳ ଟସ୍ ଜିତି ନିର୍ଦ୍ଧାରିତ ୧୨ ଓଭର ଖେଳି ମୋଟ ୧୫୩ ରନ କରିଥିଲା। ଦଳ ପକ୍ଷରୁ ଚିରଞ୍ଜନ ଶବର ୩୨ ବଲରେ ୭୪ ରନ କରିଥିଲେ। ଜବାବରେ ରୋୟାଲ ରାଇଡର୍ସ ଦଳ ନିର୍ଦ୍ଧାରିତ ଓଭରରେ ୧୪୫ ରନ କରିବାକୁ ସକ୍ଷମ ହୋଇଥିଲେ। ଚିରଞ୍ଜନ ଶବରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ବିବେଚିତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସୁରିୟା କିଙ୍ଗ ଓ ଥାଣ୍ଡେର ଷ୍ଟ୍ରାଇକ ମଧ୍ୟରେ ଖେଳାଯାଇଥିଲା। ସୁରିୟା କିଙ୍ଗ ଦଳ ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ମୋଟ ୮୬ ରନ କରିଥିଲା। ଏହାର ଜବାବରେ ଥାଣ୍ଡେର ଷ୍ଟ୍ରାଇକ୍ ଦଳ ୪ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୮୭ ରନ କରି ୬ ଉଇକେଟରେ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ୨୭ ରନ୍ ସହ ଗୋଟିଏ ଉଇକେଟ ନେଇଥିବା କାର୍ତ୍ତିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ରୂପେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚକୁ ରଞ୍ଜନ ଜେନା ଓ ବୈକୁଣ୍ଠ ଶବର ପରିଚାଳନା କରିଥିବାବେଳେ ସୁଦୀପ ପାତ୍ର ଓ ବିଶ୍ୱ ଲିମା ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାକୁ ବଳିଆ ମହାନ୍ତି, ପପୁନ, ପଞ୍ଚୁ, ଅନିଲ ପ୍ରମୁଖ ପରିଚାଳନା କରିଥିଲେ।

# ମଣ୍ଡି ସମସ୍ୟା ନେଇ ରାସ୍ତାରେ ଚାଷୀ

**ଏଥର ସାମାନ୍ୟ ବିଳମ୍ବରେ ନବରଙ୍ଗପୁର ଜିଲାରେ ଖୋଲିଲା ଧାନମଣ୍ଡି। ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିରେ ଦେଇ ଦି' ପଇସା ପାଇବା ଆଶରେ ଥିଲେ। କିନ୍ତୁ ବିଭିନ୍ନ କାରଣରୁ ଏଠାରେ ଅନେକ ମଣ୍ଡିରୁ ଧାନ ଉଠୁପାରୁନି। ତେବେ ଶୁକ୍ରବାର ଚାଷୀମାନେ ମଣ୍ଡି ସମସ୍ୟାକୁ ନେଇ ଜିଲାର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିଛନ୍ତି। ଅଧିକାରୀମାନେ ଆସି ସମାଧାନ ପ୍ରତିଶ୍ରୁତି ଦେବାପରେ ଏହି ଧାରଣା ହଟିଥିଲା।**

## ଏଫ୍‌ଏକ୍ୟୁ ଧାନ ପରିବର୍ତ୍ତେ କୁଇଣ୍ଟାଲ ପ୍ରତି ୪ କେଜି କଟ୍‌ତି ପାଇଁ ଚାଷୀ ରାଜି

ଧୋଡ୍ରା, ୨।୧ ( ଗଣେଶ ଚନ୍ଦ୍ର ଛତ୍ର )

ଧାନ ମଣ୍ଡିରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଶୁକ୍ରବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚାଟିଗୁଡ଼ାରେ ଚାଷୀ ଡାବୁଗାଁ–ଉମରକୋଟ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସକାଳ ପ୍ରାୟ ୧୧ଟାରେ ଆନ୍ଦୋଳନ ଆରମ୍ଭ ହୋଇ ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇଥିଲା। ୪ ଘଣ୍ଟା ଜାତୀୟ ରାଜପଥ ବନ୍ଦ କରିବା ଯୋଗୁଁ ଯାତ୍ରୀବାହୀ ଗାଡ଼ି, ମାଲବାହୀ ଗାଡ଼ି ଚଳାଚଳରେ ବ୍ୟାଘାତ ହୋଇଥିଲା। ଝରିଗାଁ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ନରସିଂହ ଗୌଡ଼, ଆର୍‌ଏମ୍‌ସି ସୁପର ଭାଇଜର ପ୍ରଶାନ୍ତ ରାୟଙ୍କ ସମେତ ଡାବୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କସହ ଆଲୋଚନା କରିଥିଲେ। ଏଫ୍‌ଏକ୍ୟୁ ମାନର ଧାନ ପରିବର୍ତ୍ତେ କୁଇଣ୍ଟାଲ ପ୍ରତି ୪ କିଲୋଗ୍ରାମ ଧାନ କଟ୍‌ତି କରିବାକୁ ଚାଷୀ ରାଜି ହେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଧୋଡ୍ରାରେ ଚାଷୀମାନେ ଡାବୁଗାଁ–ଉମରକୋଟ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।

ବିଳମ୍ବରେ ଧାନ ମଣ୍ଡି ଆରମ୍ଭ ସହ ଏଫ୍‌ଏକ୍ୟୁ ମାନର ଧାନ ଦେବାକୁ ପ୍ରଶାସନ ଚାପ ପକାଇବାରୁ ଆର୍ଥିକ କ୍ଷତି ସହି ଅବଶ୍ୟକତାକୁ ଦୃଷ୍ଟିରେ ରଖି ୪ କିଲୋ କୁଇଣ୍ଟାଲ ପ୍ରତି କଟ୍‌ନୀଛଟ୍‌ନୀ କରିବାକୁ ବାଧ ବୋଲି ଚାଷୀ ଫୁଲସିଂ ମାଝୀ, ଭଗତ ମାଝୀ, ହରି ଭତ୍ରା, ବିଷ୍ଣୁ ଦାସ, ନିଲମ ପନକା, ଦିବାକର ପନାକା, ଗୁରୁବନ୍ଧୁ ପୂଜାରୀ, ରାଜମହନ ନାୟକ, ମନୁରାମ ଭତ୍ରା, ପୂର୍ଣ୍ଣ ଭତ୍ରା, ମାନସିଂ ଭତ୍ରା ପ୍ରମୁଖ ଚାଷୀ ପ୍ରକାଶ କରିଛନ୍ତି।

## ଝୋଟ ବସ୍ତାରେ ମଣ୍ଡିରେ ଧାନ ଦେବା ବ୍ୟବସ୍ଥାକୁ ବିରୋଧ

**ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଚାଷୀଙ୍କ ରାସ୍ତାରୋକୋ**

ତେନ୍ତୁଳିଖୁଣ୍ଟି, ୨।୧୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପୂଜାରୀଗୁଡ଼ା, ଦିଗିସଲପା ପଞ୍ଚାୟତର ଚାଷୀ ବିଭିନ୍ନ ସମସ୍ୟା ସମାଧାନ ଦାବି କରି ଶୁକ୍ରବାର କୁର୍ମାକୋଟ ଛକରେ ରାସ୍ତାରୋକୋ କରିଛନ୍ତି। ଭାଗ ଚାଷୀଙ୍କର ମଣ୍ଡିକାର୍ଡ, ପ୍ରକୃତ ଚାଷୀଙ୍କର ଉତ୍ପାଦନ ହାରରେ ଠିକ୍ ପରିମାଣରେ ମଣ୍ଡି କାର୍ଡ ନ ହେବା ଓ ଝୋଟ ଅଖା ବସ୍ତାରେ ମଣ୍ଡିରେ ଧାନ ଦେବା ବ୍ୟବସ୍ଥା ବିରୋଧରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ସଞ୍ଜୁ ପ୍ରଧାନ ଆନ୍ଦୋଳନକାରୀ ଚାଷୀମାନଙ୍କ ସହ ଆଲେଚନା କରିଥିଲେ। ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାବେଳେ ଅତିରକ୍ତ ଜିଲା ଯୋଗାଣ ଅଧିକାରୀଙ୍କ ସହ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଗାୟତ୍ରୀ ପଟ୍ଟନାୟକ, ତେନ୍ତୁଳିଖୁଣ୍ଟି ବ୍ଲକ ଯୋଗାଣ ନିରୀକ୍ଷକ ରୋହିତ କୁମାର ମାଝୀ, ତେନ୍ତୁଳିଖୁଣ୍ଟି ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ଉପସ୍ଥିତ ଥିଲେ। ପ୍ରତିଶ୍ରୁତି ପରେ ଚାଷୀମାନେ ରାସ୍ତା ଅବରୋଧ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଚାଷୀ କିଶୋର ଚନ୍ଦ୍ର ସିଂହ, ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ପାଢ଼ୀ, ଭାସ୍କର ଖୁରା, ସୁନୀଲ ସିଂ, ବିଜୟ କର୍କରା, ଭୀମସେନ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ନାୟକ, ବାଳକୃଷ୍ଣ ବିଷୋୟୀ, ଜୟ ନାରାୟଣ, ଏ.ବାଲାକ୍ରିଷ୍ଣଙ୍କ ସହ ୩ ପଞ୍ଚାୟତର ଅନେକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତେନ୍ତୁଳିଖୁଣ୍ଟି ଥାନାଧିକାରୀ ପ୍ରମୋଦ କୁମାର ଗୁପ୍ତ, ଅତିରିକ୍ତ ଥାନାଧିକାରୀ ମହେଶ୍ୱର କିରସାନି, ଏଏସ୍‌ଆଇ ଆଦିତ୍ୟ ନାରାୟଣ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ଡିଇଓଙ୍କ ନାମରେ ଟଙ୍କା ମାଗିବା ଅଭିଯୋଗ

**ଥାନାରେ ଏତଲା ଦେଲେ ଜିଲା ଶିକ୍ଷା ଅଧିକାରୀ**

ନବରଙ୍ଗପୁର,୨।୧(ସଦାଶିବ ପ୍ରହରାଜ)

ଜିଲା ଶିକ୍ଷାଧିକାରୀ (ଡିଇଓ) ଙ୍କ ନାମରେ ଜଣେ ବ୍ୟକ୍ତି ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଫୋନ କରିବା ସହ ଓ କ୍ୟୁଆର କୋଡ ପଠାଇ ବ୍ୟକ୍ତି ଟଙ୍କା ମାଗୁଛନ୍ତି। ଏହି ଖବର ଜଣାପଡ଼ିବା ପରେ ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ନବରଙ୍ଗପୁର ଥାନାରେ ୩୧ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ନବରଙ୍ଗପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବୋଲି ଥାନା ଅଧିକାରୀ ସମ୍ବିତ କୁମାର ବେହେରା କହିଛନ୍ତି । ଡିଇଓଙ୍କ ନାମରେ ଟଙ୍କା ମାଗୁଥିବା ମୋବାଇଲ୍ ନମ୍ବର ୮୧୪୪୩୦୨୦୦୧ରୁ ନବରଙ୍ଗପୁର ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ଅଧକ୍ଷ ସଂଗ୍ରାମ ନାୟକଙ୍କୁ ଫୋନ ଆସିଥିଲା। ୟୁପିଆଇ ମାଧ୍ୟମରେ ଟଙ୍କା ସ୍ଥାନାନ୍ତର କରିବା ପାଇଁ ଏକ ମୋବାଇଲ୍ ନମ୍ବର ୭୭୩୫୪୫୨୮୨୭ (ସ୍କ୍ରିନସଟ୍ ସଂଲଗ୍ନ)ରୁ ଏକ ପେଟିଏମ୍‌କ୍ୟୁଆର୍ କୋଡ୍ ମଧ ସେୟାର କରିଥିଲେ। ଅଧକ୍ଷ ନାୟକ ତୁରନ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଏହି ବିଷୟ ଜଣାଇଥିଲେ। ଏନେଇ ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟର ଅଧକ୍ଷ ନାୟକଙ୍କୁ ଥାନାରେ ଏତଲା ଦେବାକୁ ପରାମର୍ଶ ଦେଇଥିଲେ। ଯେତେବେଳେ ଉକ୍ତ ୮୧୪୪୩୦୨୦୦୧ରେ ଯୋଗାଯୋଗ କରାଗଲା ସେ ନିଜକୁ ଭବାନୀପାଟଣାର ଶିକ୍ଷା ଅଧିକାରୀ ଭାବରେ ପରିଚୟ ଦେବା ସହ ଅସଭ୍ୟ ଭାଷାରେ ଗାଳି ଦେବା ଆରମ୍ଭ କରିଥିଲେ। ତେଣୁ ଏହି ସମସ୍ୟାର ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଜଣେ ବ୍ୟକ୍ତ ଜିଲା ଶିକ୍ଷାଧିକାରୀଙ୍କ ନାମରେ ଟଙ୍କା ମାଗୁଛନ୍ତି। କୌଣସି ଶିକ୍ଷକ ଏହାକୁ ବିଶ୍ୱାସ ନ କରି ତୁରନ୍ତ ଥାନାରେ ଏତଲା ଦେବାକୁ ଡିଇଓ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ହୋଇଥିବା ଗ୍ରୁପ୍‌ରେ ଜଣାଇଛନ୍ତି।

## ଦୁର୍ଘଟଣା: ଗୁରୁତରଙ୍କ ମୃତ୍ୟୁ

ଡାବୁଗାଁ, ୨।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଜଟାବାଲ ଛକ ନିକଟରେ ଗୁରୁବାର ଦୁର୍ଘଟଣା ଘଟି ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ହେଲେ କେରଣ୍ଡି ଗ୍ରାମର ବିଜୟ ନାୟକ (୨୦)। ମୃତକଙ୍କ ବଡ ଭାଇ ଦୈତାରୀ ନାୟକ ଗୁରୁବାର ରାତି ୧୧ଟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଶୁକ୍ରବାର ଥାନା ଏଏସ୍‌ଆଇ ସସ୍ମିତା ଦାଶ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୧/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ଡାବୁଗାଁ ବ୍ଲକ ଅଧୀନ ଜୁନାପାଣି ଗ୍ରାମର ସିଦ୍ଧାର୍ଥ ହରିଜନ (୧୭) ଓ ଢେପଗୁଡ଼ା ଗ୍ରାମର ଦେବେନ୍ଦ୍ର କଚ୍ଛିମ (୧୭) ଗୁରୁବାର ବାଇକ୍ (ସିଜି–୦୫ଏଲ୍–୫୯୯୭)ରେ ପାପଡ଼ାହାଣ୍ଡି ଯାଉଥିଲେ। ଜଟାବାଲ ଛକ ନିକଟ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରୁ କେରଣ୍ଡି ଗ୍ରାମର ବିଜୟ ନାୟକ (୨୦) ରାସ୍ତା ଉପରକୁ ଚାଲିଚାଲି ଯାଉଥିବା ବେଳେ ପଛପଟୁ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସିଦ୍ଧାର୍ଥ ଓ ବିଜୟ ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି।

## ମୃତ ଡ୍ରାଇଭରଙ୍କ ପରିବାରକୁ ମହାସଂଘର ଆର୍ଥିକ ସହାୟତା



ମୃତକଙ୍କ ସ୍ତ୍ରୀଙ୍କୁ ସହାୟତା ରାଶି ଦିଆଯାଉଛି।

ଉମରକୋଟ, ୨।୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧିକାରୀଗୁଡ଼ା ଗ୍ରାମ ନିକଟସ୍ଥ ଖୁଟିଆରୀଗୁଡ଼ା ଗ୍ରାମର ମୃତ ଡ୍ରାଇଭର ପ୍ରହ୍ଲାଦ ଗଣ୍ଡ (୨୮)ଙ୍କ ପରିବାରକୁ ଓଡ଼ିଶା ଡ୍ରାଇଭର ମହାସଂଘ, ଉମରକୋଟ ବ୍ଲକ ଶାଖା ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ୨୬ରେ ପ୍ରହ୍ଲାଦ ଏକ ପିକ୍‌ଅପ୍‌ରେ ପରିବା ନେଇ ଦାରିଙ୍ଗବାଡି ଯାଇଥିଲେ। ରାତି ପ୍ରାୟ ୨ ଟାବେଳେ ଏକ ଦୁର୍ଘଟଣାରେ ସେଠାରେ ହିଁ ପ୍ରହ୍ଲାଦଙ୍କ ମୃତ୍ୟୁ ହୋଇଥିଲା। ମହାସଂଘର ଦାରିଙ୍ଗବାଡ଼ି ସଦସ୍ୟଙ୍କ ସହଯୋଗରେ ବ୍ୟବଛେଦ ପରେ ମୃତଦେହ ଉମରକୋଟ ପଠାଯାଇଥିଲା। ପ୍ରହ୍ଲାଦଙ୍କ ସ୍ତ୍ରୀ ଏବେ ୮ ମାସର ଗର୍ଭବତୀ। ମୃତକଙ୍କ ସ୍ତ୍ରୀଙ୍କୁ ଶୁକ୍ରବାର ୭୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ସମୟରେ ଓଡ଼ିଶା ଡ୍ରାଇଭର ମହାସଂଘ ନବରଙ୍ଗପୁର ଜିଲା ଉପସଭାପତି ସୁକାନ୍ତ ସିଂହାର, ଉମରକୋଟ ସଙ୍ଘ ସମ୍ପାଦକ ବିଦ୍ୟାଧର ମାଡ଼ଗୁଲ, ସହ ସମ୍ପାଦକ ଭି. ଶ୍ରୀନିବାସ ରାଓ, କୋଷାଧ୍ୟକ୍ଷ ବୁଟି ଭତରାଙ୍କ ସହ ଉମରକୋଟ ବ୍ଲକର ୨୪ ପଞ୍ଚାୟତରୁ ସମସ୍ତ ଡ୍ରାଇଭର, ଗୁପ୍ତ ହିଆଲ, ଚିକଲପଦର ପଞ୍ଚାୟତ ସଭାପତି ରାଇଧର ହରିଜନ, ସେମଳା ପଞ୍ଚାୟତ ସଭାପତି ଶୁକଦେବ ହରିଜନ, ତୋହରା ପଞ୍ଚାୟତ ସଭାପତି କମଲୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ଆଇନଜୀବୀ ହିରାଧର ସହକାରୀ ପିପି ନିଯୁକ୍ତ

ଚନ୍ଦାହାଣ୍ଡି, ୨।୧( ହିମାଂଶୁ ଦାସ)



ଓଡ଼ିଶା ରାଜ୍ୟ ସରକାରଙ୍କ ଆଇନ ବିଭାଗର ବିଜ୍ଞପ୍ତି ଅନୁସାରେ ଚନ୍ଦାହାଣ୍ଡି ଜେମ୍‌ଏଫ୍‌ସି କୋର୍ଟରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଆଇନଜୀବୀ ହିରାଧର ମାଳିଙ୍କୁ ସହକାରି ଆସିଷ୍ଟାଣ୍ଟ ପିପି ଭାବେ ନିଯୁକ୍ତି ମିଳିଛି। ଏଥିପାଇଁ ଆଇନଜୀବୀ ହିରାଧର ମାଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ଏବଂ ବରିଷ୍ଠ ଆଇନଜୀବୀ ସରୋଜ ଅଗସ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଦୁର୍ଘଟଣାରେ ତହସିଲ କର୍ମଚାରୀ ଆହତ

ଚନ୍ଦାହାଣ୍ଡି, ୨।୧( ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶତୃଘ୍ନ ଦାସ ଶୁକ୍ରବାର ଏକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଶତୃଘ୍ନ ମୋତିଗାଁରୁ ଚନ୍ଦାହାଣ୍ଡି ତହସିଲକୁ ଆସୁଥିବା ବେଳେ ବ୍ୟାଙ୍କ ଅଫ ବରୋଦା ଛକରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ତଳେ ପଡ଼ିଯିବାରୁ ତାଙ୍କର ଆଣ୍ଠୁରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ଚନ୍ଦାହାଣ୍ଡି ତହସିଲଦାର ସହଦେ କୁଜୁରା, ତହସିଲ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡା ସୁକାନ୍ତ ସାହୁ ତାଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ଡିଏଲ୍‌ପିସି ସଦସ୍ୟଙ୍କ ମଣ୍ଡି ପରିଦର୍ଶନ

କୁନ୍ଦୁରା, ୨।୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା ପ୍ରକ୍ୟୁରମେଣ୍ଟ କମିଟି ସଦସ୍ୟ ଚନ୍ଦ୍ରଶେଖର ରଥ କୁନ୍ଦୁରା ବ୍ଲକର ବିଭିନ୍ନ ମଣ୍ଡି ଶୁକ୍ରବାର ପରିଦର୍ଶନ କରିଛନ୍ତି। ବ୍ଲକ ଅଧୀନ ଘୁମର, ପାଉଁଶି ଓ ଫୁପୁଗାଁ ମଣ୍ଡିର ସ୍ଥିତି ବୁଲି ଦେଖିଥିଲେ। ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜୋନ୍ ସ୍ତରୀୟ ସଦସ୍ୟଙ୍କୁ ମଣ୍ଡି ପରଖିବା ନେଇ ଦାୟିତ୍ୱ ପ୍ରଦାନ କରାଯାଇଛି। ଗତଦିନରେ ମଣ୍ଡିଗଡ଼ିକରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବାରୁ ଚାଷୀ ଦୟନୀୟ ଅବସ୍ଥାରେ ରହୁଥିଲେ। ସଦସ୍ୟ ରଥ ମଣ୍ଡିରେ ଥିବା ବିଦ୍ୟୁତ, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ନେଇ କୁନ୍ଦୁରା ପରିଚାଳନା ନିର୍ଦ୍ଦେଶକ ପର୍ଶୁରାମ ମହାରଣାଙ୍କ ସହ ଆଲୋଚନା କରିଥିଲେ। ଡଙ୍ଗରପାଉଁଶି ଓ ଫୁପୁଗାଁ ମଣ୍ଡିରେ ଏଯାଏ ୯୮ ଚାଷୀଙ୍କର ୪୪୫୯.୫୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଏମ୍‌ଡି କହିଥିଲେ। ବ୍ଲକରେ ଚଳିତବର୍ଷ ୧୨ ଧାନମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇ ସମସ୍ତ ମଣ୍ଡିରୁ କେତେକ ଚାଷୀଙ୍କ ଟୋକନ ଅନୁସାରେ ଧାନ କ୍ରୟ କରାଯାଇଥିବା ସୂଚନା ଦେଇଛନ୍ତି। ମିଲରମାନେ ଚାଷୀଙ୍କଠାରୁ ଧାନ ନେବା ପରେ ବିଭିନ୍ନ ଆଳ ଦେଖାଇ କଟନୀଛଟନୀ କରୁଥିବାରୁ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସଦସ୍ୟ ରଥ କହିଛନ୍ତି।



ଜିଲା ପ୍ରକ୍ୟୁରମେଣ୍ଟ କମିଟି ସଦସ୍ୟ ଚନ୍ଦ୍ରଶେଖର ରଥ ମଣ୍ଡି ବୁଲି ଦେଖୁଛନ୍ତି।

## 'ପ୍ରୟାସ'ର ୩୬ତମ ସଙ୍କଳନ ଉନ୍ମୋଚିତ

ନବରଙ୍ଗପୁର,୨।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଗୁରୁବାର ୟୁସ୍‌ଲେସ୍ କ୍ଲବର ବାର୍ଷିକ ସଙ୍କଳନ 'ପ୍ରୟାସ'ର ୩୬ତମ ସଙ୍କଳନ ଉନ୍ମୋଚିତ ହୋଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉନ୍ମୋଚିତ କରିଥିଲେ। ୧୯୯୧ରୁ ପ୍ରତ୍ୟେକ ବର୍ଷ ଜାନୁଆରୀ ୧ରେ ଏହା ପ୍ରକାଶ ପାଉଛି। କାର୍ଯ୍ୟକ୍ରମରେ ପିଏ ଆଇଟିଡିଏ ରାଜୀବ ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ସମ୍ମାନୀତ ଅତିଥି, ପ୍ରଦୀପ କୁମାର ମିଶ୍ର ବକ୍ତା ଏବଂ ଡ ବିଜୟ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏବର୍ଷ କ୍ଲବ ପକ୍ଷରୁ ଡାକ୍ତର ସୁରେନ୍ଦ୍ର ନାଥ ଦାସଙ୍କୁ 'ପ୍ରୟାସ ସମ୍ମାନ', ବାବାଜୀ ଚରଣ ଜେନା ଓ ରାକେଶ ଗୁପ୍ତାଙ୍କୁ 'ଲଳିତ ମୋହନ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଏକ କବିତା ପାଠୋତ୍ସବ କରାଯାଇଥିଲା। ୩୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ସଭାପତି ରାକେଶ ଗୁପ୍ତା ସଭାପତିତ୍ୱ, ଓମ୍‌କାର ପଟ୍ଟନାୟକ ସ୍ୱାଗତଭାଷଣ, ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯକ୍ରମ ପରିଚାଳନାରେ ସଭ୍ୟ ସନ୍ଦୀପ ପଟ୍ଟନାୟକ, ଅରୁଣ କୁମାର, ଟି. ଶ୍ରୀପତି ସହଯୋଗ କରିଥଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ସହର ତଥା ପାଖ ଅନ୍ୟ ସହରର ଅନେକ କବି, ଲେଖକ, ପ୍ରାବନ୍ଧିକ ଓ ଖବରଦାତା ସାମିଲ ହୋଇଥିଲେ।



ବିଧାୟକ ଓ ଅନ୍ୟ ଅତିଥିମାନେ ପ୍ରୟାସକୁ ଉନ୍ମୋଚନ କରୁଛନ୍ତି।

## ବାହାର ଠିକାଦାରଙ୍କୁ ନବରଙ୍ଗପୁର ଜିଲା ମନା

**ନବରଙ୍ଗପୁର ଜିଲା ଠିକାଦାର ସଂଘ ବୈଠକରେ ନିଷ୍ପତ୍ତି**

ଡାବୁଗାଁ/ଉମରକୋଟ, ୨।୧
(ପ୍ରଜ୍ଞା ରଞ୍ଜନ ପରିଡ଼ା/ସନ୍ତୋଷ ଶତପଥୀ)

ବାହାର ଜିଲାର ଠିକାଦାରଙ୍କୁ ନବରଙ୍ଗପୁର ଜିଲା ମନା ନେଇ ଶୁକ୍ରବାର ଡାବୁଗାଁରେ ଆୟୋଜିତ ନବରଙ୍ଗପୁର ଠିକାଦାର ସଂଘ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲାର ଶତାଧିକ ସୁପର କ୍ଲାସ, ସ୍ପେଶାଲ କ୍ଲାସ ଓ 'ଏ' କ୍ଲାସ ଠିକାଦାର ଏକାଠି ହୋଇଥିଲେ। ବରିଷ୍ଠ ଠିକାଦାରଙ୍କ ପରାମର୍ଶ କ୍ରମେ ନୂତନ ଭାବେ ଜିଲା ସଂଘ ଗଠନ କରାଯାଇଥିଲା।

ଜିଲା ବାହାରୁ ଠିକାଦାରମାନେ ଆସି ମୂଳ ରେଟ ଠାରୁ ୧୪.୯୯ ପ୍ରତିଶତରେ ଟେଣ୍ଡର ପକାଇ କାମ ନେଇ ଯାଉଛନ୍ତି। ଅଧିକ ରେଟ କାଟିବାରୁ କାମ ମଧ ଖରାପ ହେଉଛି ବୋଲି ସଂଘ ଅଭିଯୋଗ କରିଛି। ଏତେ କମ ରେଟ୍‌ରେ କାମ କରିବା ଯୋଗୁ ସେଗୁଡିକ ଭଲ ହେଉନାହିଁ, ଅଳ୍ପ ଦିନରେ କାମ ଖରାପ ହେଉଛି। ଫଳରେ ସ୍ଥାନୀୟ ବାସିନ୍ଦା ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ରାଜ୍ୟ ରାଜକୋଷକୁ ହରିଲୁଟ କରାଯାଉଥିବା ସଂଘ ସଦସ୍ୟମାନେ ଅଭିଯୋଗ ଆଣିଛନ୍ତି। ଯେଉଁ ଠିକାଦାରମାନେ କାମ ନେଉଛନ୍ତି କାମ କରିବାକୁ ସେମାନଙ୍କ ନିକଟରେ ଆବଶ୍ୟକ ପରିମାଣର ଯନ୍ତ୍ରପାତି ମଧ ନ ଥିବା ପରିଲକ୍ଷିତ ହେଉଛି। କାମ ସାରିବାକୁ ଉକ୍ତ ଠିକାଦାରମାନେ ଏଠାକାର ଲୋକଙ୍କୁ ଶବଲେଟରେ କାମ ଦେଇ କାମ କରୁଛନ୍ତି। ଜିଲା ବାହାରୁ ଠିକାଦାର ଆସି ନବରଙ୍ଗପୁର ଜିଲାରେ ଠିକା କାମ କରିବା ଫଳରେ ସ୍ଥାନୀୟ ଠିକାଦାରଙ୍କୁ କାମ ମିଳୁନାହିଁ। ସେମାନେ କର୍ମଚାରୀଙ୍କୁ ଦରମା ଦେଇ ବସି ରହିବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ତେଣୁ ବାହାର ଠିକାଦାର ନବରଙ୍ଗପୁର ଜିଲାକୁ ନ ଆସି ଯିଏ ଯାହାର ଜିଲାରେ ଠିକା କାମ କରନ୍ତୁ ବୋଲି ନବ ନିର୍ମିତ ଠିକାଦାର ସଙ୍ଘ ସଦସ୍ୟମାନେ କହିଛନ୍ତି। ଅନ୍ୟ ଜିଲାର ଠିକାଦାର ଏଠାକୁ ଆସି କାମ କଲେ ସେମାନଙ୍କୁ ଅସହଯୋଗ କରାଯିବ ଏବଂ ଜିଲାର କୌଣସି କ୍ରସର, ପିଚୁ ପ୍ଲାଣ୍ଟରୁ ପିଚୁ, ଯନ୍ତ୍ରପାତି, ଗାଡି ଭଳି ସାମଗ୍ରୀ ଯୋଗାଇ ଦିଆଯିବ ନାହିଁ ବୋଲି କୁହାଯାଇଛି। ନବନିର୍ମିତ ସଂଘରେ ସୁଧୀର ପଣ୍ଡା ସଭାପତି, ଏ. ଶିବରାମ ରାଜୁ ଉପ ସଭାପତି, ହିମାଂଶୁ ଶେଖର ନାୟକ ସାଧାରଣ ସମ୍ପାଦକ, ସନ୍ଦୀପ ବିଷୋୟୀ କୋଷାଧ୍ୟକ୍ଷ, କୈଳାସ ବିଷୋୟୀ, ପାଣ୍ଡ ପାଢ଼ୀ, ଦିବାକର ବିଷୋୟୀ, ଚନ୍ଦ୍ରଶେଖର ସ୍ୱାଇଁଙ୍କୁ କୋର କମିଟି ସଦସ୍ୟଭାବେ ମନୋନୀତ କରାଯାଇଛି। ବିଜୟ ପ୍ରଧାନ, ଗଦା ବିଷୋୟୀ, ଦିବାକର ବିଷୋୟୀ, ଏଲ୍.ଏନ୍. ଜୈନ, ଚନ୍ଦ୍ରଶେଖର ଜେନା, ସଂଗ୍ରାମ ନାୟକ, ଭାସ୍କର ପାତ୍ର, ସୁଶାନ୍ତ ପାଣି, ନାରାୟଣ ପାତ୍ର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।




ବୈଠକରେ ଆଲୋଚନା କରାଯାଉଛି।

## ସଂକ୍ଷେପରେ

### ଜଙ୍ଗଲରୁ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

ନନ୍ଦପୁର,୨୧(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ପୋଲିସ ହାଡପୁଟ ଓ ଗେରୁପୁଟ ସନ୍ଧିରେ ଥିବା ପାହାଡ଼ର କସମ ଖଲକାରୁ ଏକ ଅଜଣା ବୃଦ୍ଧଙ୍କ ଗଳିତ ମୃତଦେହ ଜବତ କରିଛି। ପୁଷ ପରବ ପାଳନ ପାଇଁ ଜଙ୍ଗଲରୁ ପିଟ କନ୍ଦା ସଂଗ୍ରହ କରିବାକୁ ଯାଇଥିବା ହାଡପୁଟ ଗ୍ରାମବାସୀ ଗଳିତ ମୃତଦେହ ଦେଖି ନନ୍ଦପୁର ପୋଲିସକୁ ସୂଚନା ଦେଇଥିଲେ। ଥାନାଧିକାରୀ ମମତା ପଣ୍ଡା ଓ ଟିମ୍ ପହଞ୍ଚିଥିଲେ। ପୋଲିସ ବୈଷୟିକ ଦଳର ସହାୟତା ଲୋଡିଛନ୍ତି। ବୃଦ୍ଧଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ୫୫ରୁ ୬୦ ବର୍ଷ ହେବା ଅନୁମାନ କରାଯାଉଛି। ନନ୍ଦପୁର ଥାନାରେ ୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ନିକଟବର୍ତ୍ତି କୌଣସି ଗ୍ରାମର ବୃଦ୍ଧ ନିଖୋଜ ଥିବେ ତାହେଲେ ନନ୍ଦପୁର ପୋଲିସକୁ ସୂଚନା ଦେବାକୁ ଥାନାଧିକାରୀପଣ୍ଡାଅନୁରୋଧକରିଛନ୍ତି।

### ବାଇକ୍ ଧକ୍କାରେ ଯୁବକ ମୃତ

ଜୟପୁର,୨୧(ପବନ ପାଣିଗ୍ରାହୀ)

ବାଇକ ଧକ୍କାରେ ଜଣେ ଯୁବକ ମୃତ୍ୟୁ ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସଦର ଥାନା ଅଧୀନ ଗେଡ଼ଗୁଡ଼ା ଗ୍ରାମର ଗଣେଶ ଗେଡ। ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଗଣେଶ ଓ ତାଙ୍କ ସାଙ୍ଗ କଲି ହରିଜନ ଜୟପୁରରୁ କାମ ସାରି ଘରକୁ ଫେରୁଥିବା ବେଳେ ପେପର ମିଲ ଛକରେ ଗ୍ୟାରେଜରେ ଗାଡି ମରାମତି କରିଥିଲେ। ସେଠାରୁ ଚାଲି ଚାଲି ଯାଉଥିବା ବେଳେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଗଣେଶ ଗୁରୁତର ହୋଇଥିଲେ। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଗଣେଶଙ୍କ ଭାଇ ସନ୍ନ୍ୟାସୀ ଗେଡ ଥାନାରେ ଅଭିଯୋଗ କରିଥିଲେ। ପୋଲସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଗ୍ୟାସ ଗୋଦାମ ଲୁଟ୍ ମାମଲା: ୫ ଗିରଫ, ୧୪୦ ସିଲିଣ୍ଡର ଜବତ

ବୋରିଗୁମ୍ମା,୨୧(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ ବିସିଂହପୁର ପୋଲିସ କୁମୁଲି ଗ୍ୟାସ୍ ଗୋଦାମ ଲୁଟ୍ ଘଟଣାର ଖୁଲାସା କରି ୫ ଜଣଙ୍କୁ ଗିରଫ କରିଛି। ୧୪୦ ସିଲିଣ୍ଡରକୁ ଜବତ କରାଯାଇଛି।



ଅଭିଯୁକ୍ତମାନେ ହେଲେ ପାପଡାହାଣ୍ଡିର କର୍ଣ୍ଣ ହରିଜନ,ପୁରୁଣା ବୋରିଗୁମ୍ମାର ରୋହିତ ମେଥି, ପାପାଡହାଣ୍ଡି ବାଟ ଝରନର ପାଉଲ ହରିଜନ, ନାଶନ ଟାକ୍ରୀ, ନବରଙ୍ଗପୁର ଡଙ୍ଗରିଗୁଡ଼ାର ଗୁଡ୍ଡୁ ହରିଜନ। ୫ ତାରିଖରେ କୁମୁଲି ଗାଁରେ ଥିବା ଏଚପି ଗ୍ୟାସ ଗୋଦାମରୁ ୧୪୦ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ନେଇ ମାଲିକ ସନ୍ତୋଷ ମହାପାତ୍ର ବିସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବିସିଂହପୁର ଥାନାଧିକାରୀ ଲିମାରାଜ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରିଥିଲେ। କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଇବର ଟିମ୍‌ର ସହାୟତାରେ ବୋରିଗୁମ୍ମା, ନବରଙ୍ଗପୁର, ପାପଡାହାଣ୍ଡି ଓ ଉମୁରି ଅଞ୍ଚଳର ଦୁର୍ବୃତ୍ତ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅନ୍ୟ କେତେଜଣ ପୋଲିସର ସ୍କାନରରେ ଥିବା ସୂଚନା ମିଳିଛି। ଦର୍ବୃତ୍ତଙ୍କଠାରୁ ୧୪୦ ଗ୍ୟାସ ସିଲିଣ୍ଡର ଓ ୨ ପିକଅପ ଭ୍ୟାନ ଜବତ ହୋଇଛି। ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀରେ ବୋରିଗୁମ୍ମା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି।

# ୧୨ ହଜାର କୁଇଣ୍ଟାଲ ଧାନ କିଣିବା ଲକ୍ଷ୍ୟ ଧାର୍ଯ୍ୟ

## ନନ୍ଦପୁର ଆଦର୍ଶ ଲ୍ୟାମ୍ପସରେ ଖରିଫ ଧାନମଣ୍ଡି ଉଦ୍‌ଘାଟିତ

ନନ୍ଦପୁର,୨୧(ତୁଷାର କାନ୍ତ ମହାନ୍ତି)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଆଦର୍ଶ ଲ୍ୟାମ୍ପସରେ ଖରିଫ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟନ ହୋଇଛି। ଏଡିଏମ(ରାଜସ୍ୱ) ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା, ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏଏଓ ଲେନିନ ଶବର, ଲ୍ୟାମ୍ପସ ସଭାପତି ଦାନ ଶୀସା, ଆରଏମ୍‌ସି କର୍ତ୍ତୃପକ୍ଷ, ନିର୍ଦ୍ଦେଶକ ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ଭଗବାନ ମୁଦୁଲି, ସୀମାଞ୍ଚଳ ଖିଲ, ମଧୁସୂଦନ ଦୋରା, ଭଗବାନ ସୀସା, ଗିରିଧର ନାୟକ, ଭାଜପା ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ ଓ ରାଜ୍ୟ କାଉନସିଲ ସଦସ୍ୟ ଭଗବାନ ମୁଦୁଲି ପ୍ରମୁଖ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ଲ୍ୟାମ୍ପସରେ ଧାନ ବିକ୍ରି ପାଇଁ ୪୩୫ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଭେରିଫିକେଶନ ପରେ ୩୯୦ ଚାଷୀଙ୍କୁ ଟୋକେନ ଦିଆଯାଇଥିବା ଲ୍ୟାମ୍ପସ୍ ପରିଚାଳକ ସୁରେଶ ପଣ୍ଡା କହିଛନ୍ତି। ଡୁମୁରିପୁଟ ସୁବଳେଶ୍ୱର ମିଲରଙ୍କୁ ୩୯୦ ଚାଷୀଙ୍କ ପ୍ରାଥମିକ ପର୍ଯ୍ୟାୟରେ ୫ଶହ କୁଇଣ୍ଟାଲ ତଥା ମୋଟ ୧୨ହଜାର କୁଇଣ୍ଟାଲ ଧାନ କିଣିବାକୁ ଧାର୍ଯ୍ୟ ଲକ୍ଷ୍ୟ ପ୍ରଦାନ କରାଯାଇଛି। ଚାଷୀ ମାସକ ମଧ୍ୟରେ ଧାନ ବିକ୍ରି କରିବେ ବୋଲି ସୂଚନା ଦେଇଥିଲେ। ଚାଷୀଙ୍କୁ ମିଳିଥିବା ଟୋକେନରେ ଧାନ ବିକ୍ରିର ପରିମାଣ ଗତବର୍ଷଠାରୁ କମ୍ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀ ଶିବପ୍ରସାଦ ବେବର୍ତ୍ତା ଗତବର୍ଷ ୧୧୩ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକେନ ପାଇଥିଲେ କିନ୍ତୁ ତାଙ୍କୁ ଚଳିତ ବର୍ଷ ୭୫ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକେନ ପାଇଛନ୍ତି। ବଳକା ଧାନ କାହାକୁ ଓ କେମିତି ବିକ୍ରି କରିବେ ବୋଲି ପ୍ରଶ୍ନ କରିଥିଲେ। ସେହିପରି ଚାଷୀ ଗଙ୍ଗାପ୍ରସାଦ ହଜାରି ପୂର୍ବବର୍ଷ ୫୧କୁଇଣ୍ଟାଲର ଟୋକେନ ପାଇଥିଲେ ଚଳିତବର୍ଷ ୩୨ କୁଇଣ୍ଟାଲର ଟୋକେନ ପାଇଛନ୍ତି। ଶଙ୍କର ହଜାରୀଙ୍କ ପୂର୍ବବର୍ଷର ଟୋକେନ ୫୫ କୁଇଣ୍ଟାଲ ଥିଲା ତାଙ୍କୁ ୨୩ କୁଇଣ୍ଟାଲ ଧାନ ବିକ୍ରୀ ପାଇଁ ଟୋକେନ ମିଳିଛି। ସୁଶାନ୍ତ ବେବର୍ତ୍ତାଙ୍କୁ ପୂର୍ବବର୍ଷର ୬୮ କୁଇଣ୍ଟାଲର ଟୋକେନ ବଦଳରେ ୧୮ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକେନ ପାଇଛନ୍ତି। ରଶ୍ମିତା ସୁଆରଙ୍କୁ ୬୨ କୁଇଣ୍ଟାଲ ବଦଳରେ ୩୭ କୁଇଣ୍ଟାଲର ଟୋକେନ ପାଇଛନ୍ତି। ମହେଶରୀ ପାତ୍ରଙ୍କ ୪୬ ବଦଳରେ ୩୮ କୁଇଣ୍ଟାଲର ଟୋକେନ ପାଇଛନ୍ତି। ଅରୁଣ ପାଣ୍ଡିଆ ୬୦ କୁଇଣ୍ଟାଲ ବଦଳରେ ୪୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକେନ ପାଇଛନ୍ତି। ଏଡିଏମ ଦଳେଇ ଏ ନେଇ ଜିଲା ଯୋଗାଣ ଅଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚାଷୀମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ।

# ନବନିଯୁକ୍ତ ସରକାରୀ ଓକିଲଙ୍କ ଇସ୍ତଫା

କୋରାପୁଟ, ୨୧ (ଅମିତାଭ ବେହେରା)



ମନୋରଞ୍ଜନ ରାଉତରାୟ

ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଓକିଲ ଭାବେ ନବନିଯୁକ୍ତ ହୋଇଥିବା କୋରାପୁଟର ଅ। ଇ ନ ଜ୍ଞ ବ ୀ ମନୋରଞ୍ଜନ ରାଉତରାୟ ଗୁରୁବାର ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ନୂତନ ସରକାର ଗଠନ ହେବାର ୧୮ ମାସ ପରେ ରାଜ୍ୟରେ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଥିଲା। ଡିସେମ୍ବର ୨୪ରେ ଆଇନ ବିଭାଗର ନୋଟିଫିକେଶନ ଅନୁଯାୟୀ ଜୟପୁର ମହିଳା କୋର୍ଟରେ ସହକାରୀ ଓକିଲ ଭାବେ ମନୋରଞ୍ଜନ ନିଯୁକ୍ତି ପାଇଥିଲେ। ଦୀର୍ଘ ବର୍ଷ ଧରି ଚାଷୀମୁଲିଆ ଆଦିବାସୀ ସଂଘ ଓ ନକ୍ସଲ ଅଭିଯୁକ୍ତଙ୍କ ମାମଲା ଲଢ଼ି ସେ ଚର୍ଚ୍ଚାର ପରିସରକୁ ଆସିଥିଲେ। ସେ ବିଭିନ୍ନ ସାମାଜିକ ସଂଗଠନ ସହ ଜଡ଼ିତ ରହିବା ସହ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ଦାୟିତ୍ୱରେ ଅଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିବା ଜଣାପଡ଼ିଛି।

# ଶନିବାର ସକାଳ ପରିବର୍ତ୍ତେ ୧୦ଟାରୁ ସ୍କୁଲ



ସକାଳ ସମୟରେ ପଡିଥିବା କୁହୁଡି ।

## କୁହୁଡ଼ି ଯୋଗୁ କୋରାପୁଟରେ ଜନଜୀବନ ପ୍ରଭାବିତ

କୋରାପୁଟ,୨୧(ଅମିତାଭ ବେହେରା)

ପ୍ରକୃତିର ଗନ୍ତାଘର କୋରାପୁଟ ଜିଲା କିଛି ଦିନ ହେବ କୁହୁଡ଼ିର ଚାଦର ଭିତରେ ରହୁଛି। ୨ଶହରୁ ୩ ଶହ ମିଟର କୁହୁଡିର ଆସ୍ତରଣ ଭିତରେ ରହୁଥିବା କୋରାପୁଟ ବର୍ତ୍ତମାନ ଥଣ୍ଡାର ସମସ୍ତ ରେକର୍ଡ ଭଙ୍ଗ କରିଛି। ସକାଳୁ ପଡୁଥିବା ଶିଶିର ଟୋପା ଅଦିନିଆ ବର୍ଷାର ଭ୍ରମ ସୃଷ୍ଟି କରୁଛି। ସକାଳ ୧୦ଟା ଯାଏ କୁହୁଡି ଛାଡୁ ନ ଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। କୁହୁଡି ସହ ଜିଲାରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ରହୁଛି। ଶୁକ୍ରବାର କୋରାପୁଟରେ ପାରଦ ୮.୧ ଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ରହିଛି। ଜିଲା ପ୍ରଶାସନ ଶୀତ ଆଉ କୁହୁଡ଼ିକୁ ଦୃଷ୍ଟିରେ ରଖି ଶନିବାର ୧୦ଟାରୁ ୪ଟା ବିଦ୍ୟାଳୟ ସମୟ ନିର୍ଦ୍ଧାରିତ କରିଥିଲେ। କିଛି ସର୍ତକମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ମିଲରଙ୍କ ଅନୁପସ୍ଥିତିକୁ ନେଇ ଚାଷୀ ଅସନ୍ତୁଷ୍ଟ

## ଚମ୍ପି ଗ୍ରାମରେ ଧାନମଣ୍ଡି ଉଦ୍‌ଘାଟିତ

ଲକ୍ଷ୍ମୀପୁର,୨୧(ଅନନ୍ତ ପ୍ରସାଦ ନାୟକ)



ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଚମ୍ପି ଗ୍ରାମରେ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। କାକିରିଗୁମ୍ମା ଲ୍ୟାମ୍ପ ସଭାପତି ସାମୁନ୍ଦୁ ସାଉଁନ୍ତାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଏମ୍‌ପି ଝିନ ହିକକା, ଆର୍‌ଏମ୍‌ସି ମାର୍କେଟ ଗାର୍ଡ ଶ୍ୟାମ ଗାଦବା, ମାନ ନିର୍ଣ୍ଣୟକାରୀ ଦୁର୍ଗାପ୍ରସାଦ ବିଶୋଇ, ନୋଡାଲ ଅଫିସର ସଞ୍ଜୀବ ବିଡ଼ିକା, ସ୍ଥାନୀୟ ଚାଷୀ, ଲ୍ୟାମ୍ପ ନିର୍ଦ୍ଦେଶକ ରଘୁନାଥ ସଉଁନ୍ତା, ସୀମା ମୁଦୁଲି ହରି ବାଘ ଓ ଦ୍ରୋଣ ଖାସ୍ଲା ଉପସ୍ଥିତ ଥିଲେ। ଚଳିତ ଖରିଫ ଫସଲ ପାଇଁ ଚମ୍ପି ଅଞ୍ଚଳର ୭୦ ଚାଷୀ ପଞ୍ଜୀକରଣ କରିଥିଲେ। ଚାଷୀଙ୍କୁ ଏଫଏକ୍ୟୁ ମାନର ଧାନ ଇନ୍‌ପୁଟ ସବ୍‌ସିଡ ମୂଲ୍ୟରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଛି। ୫ଶହ କୁଇଣ୍ଟାଲ ଧାନ କ୍ରୟ କରିବାକୁ ପଞ୍ଚଡ଼ା ନର୍ମଦା ରାଇସ ମିଲକୁ ପ୍ରଶାସନ ଦ୍ୱାରା ନିର୍ଦ୍ଦେଶ ହୋଇଛ। କିନ୍ତୁ ମିଲରଙ୍କ ଅନୁପସ୍ଥିତ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସୁରେଶ କୁମାର ନାୟକ ପରିଚାଳନା କରିଥିଲେ। ବୀରେନ ନାୟକ, ତପନ ଜମେଓକା, ଭେଙ୍କଟ ରାଓ, ରବି ହୁଇକା, ଜଗନ୍ନାଥ ପ୍ରଧାନୀ ଓ ଧର୍ବେନ୍ଦ୍ର ସଗର ପ୍ରମୁଖ ସହଯୋଗ କରିଥିଲେ।

# ୨ ବିଦ୍ୟାଳୟରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର,୨୧(ନବୀନ ରାଜ ଆଚାରୀ)

ଶୀତୁଆ ରାତିରେ ସୁଯୋଗନେଇ ଗୋଲନ୍ଥରା ଥାନା ଅଞ୍ଚଳରେ ୨ ବିଦ୍ୟାଳୟରୁ ଦୁର୍ବୃତ୍ତ ମାନେ କଳାକନା ବୁଲେଇଥିବା ଜଣାପଡ଼ିଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ୨ ପ୍ରଧାନ ଶିକ୍ଷୟିତ୍ରୀ ଗୋଲନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ଏହି ଥାନା ଅଧିନସ୍ଥ ଦାସପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ରାତିରେ ଦୁର୍ବୃତ୍ତ ମାନେ ବିଦ୍ୟାଳୟ ଶେଷ କୋଠରୀର ତାଲା ଭାଙ୍ଗି ପଶି ୧୫ରୁ ଉର୍ଦ୍ଧ୍ୱ କମ୍ପ୍ୟୁଟର ଚେୟାର, ଖେଳ ସାମଗ୍ରୀ, ଅନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଥିଲେ। ଏହି ବିଦ୍ୟାଳୟରେ ପୂର୍ବରୁ ୨ଥର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ନାୟକ ଗୋଲନ୍ଥରା ଥାନାରେ ଅଭିଯୋଗ କରିଥିଲେ। ସେହିପରି ବିଳମ୍ବିତ ରାତିରେ କନିସି ହାଟସ୍ଥିତ ବ୍ଲକ୍ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁର୍ବୃତ୍ତମାନେ ପଶି ରୁମର ତାଲା ଭାଙ୍ଗି ୨ଟି କମ୍ପ୍ୟୁଟର, ପ୍ରିଣ୍ଟର, ବ୍ୟାଟେରି, ହାର୍ଡ଼ଡ଼ିସ୍କ ଓ ଅନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପି.ପଦ୍ମ ବିଦ୍ୟାଳୟରେ ବିଭିନ୍ନ ସାମଗ୍ରୀ ଫିଙ୍ଗା ଫୋପଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଗୋଲନ୍ଥରା ଥାନାରେ ଅଭିଯୋଗ କରିଥିଲେ। ୨ଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ ଠିକ ଭାବେ ପୋଲିସ ପେଟ୍ରୋଲିଂ ହେଉ ନ ଥିବା ନେଇ ସାଧାରଣରେ ମତ ପ୍ରକାଶ ପାଇଛି।

# ସତ୍ୟନଗର ରାସ୍ତା ଶୋଚନୀୟ



ଶୋଚନୀୟ ଅବସ୍ଥାରେ ରାସ୍ତା ।

ସୁନାବେଡ଼ା/ସେମିଳିଗୁଡ଼ା,୨୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ପୌର ପରିଷଦ ୧୮ନଂ ୱାର୍ଡ ଅଧୀନ ସେମିଳିଗୁଡ଼ା ସତ୍ୟନଗର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ସାରା ଖାଲଖମା ହୋଇଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାଛଡ଼ା ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠି ଗୋଡ଼ି ଦେଖାଯାଉଛି। କିନ୍ତୁ ଏଥିପ୍ରତି ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ କାହାର ନଜର ପଡୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ସହରର ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଦୈନିକ ଶହ ଶହ ଲୋକେ ଏହା ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ରାସ୍ତା ଅତିଶୀଘ୍ର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ସୁନାବେଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ରାସ୍ତାର ପୁନଃରୁଦ୍ଧାର ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି ଶୀଘ୍ର କାମ ଆରମ୍ଭ ହେବ।

# ଓଏସ୍‌ଡବ୍ଲ୍ୟୁଏସ୍ ସଫ୍ଟୱେର ବ୍ୟବହାରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରଥମ

ଜୟପୁର, ୨୧(ପବନ ପାଣିଗ୍ରାହୀ)

ଓଏସ୍‌ଡବ୍ଲ୍ୟୁଏସ୍ ସଫ୍ଟୱେର ବ୍ୟବହାରରେ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଜିଲାରେ ପ୍ରଥମ ସ୍ଥାନରେ ରହିଛି। ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପେପର ଲେସ୍ ହୋଇଛି। ସରକାରଙ୍କ ଓଏସ୍‌ଡବ୍ଲ୍ୟୁଏସ୍ ସଫ୍ଟୱେର କାର୍ଯ୍ୟକାରୀ ଭାବେ ବ୍ୟବହାର କରାଯାଇ ଗତ ୧ ବର୍ଷ ମଧ୍ୟରେ କାଗଜ ବ୍ୟବହାରରେ ଲକ୍ଷଣୀୟ ହ୍ରାସ ଆସିଥିବା ସହ ସାଧାରଣ ଲୋକଙ୍କ କାମ ଅଧିକ ସହଜ ଓ ଦ୍ରୁତ ହୋଇପାରିଛି। ଓଏସ୍‌ଡବ୍ଲ୍ୟୁଏସ୍ ସଫ୍ଟୱେର ମାଧ୍ୟମରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏଯାଏ ପ୍ରାୟ ୮ଶହ ଫାଇଲ ଓ ୫ଶହରୁ ଉର୍ଦ୍ଧ୍ୱ ଡାକ ଅନଲାଇନ ମାଧ୍ୟମରେ ପ୍ରୋସେସିଂ କରାଯାଇଛି। ଫାଇଲ ନିଷ୍ପତ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି ପାଇବା ସହ ସମୟ ସଞ୍ଚୟ ସମ୍ଭବ ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସହ ଅଞ୍ଚଳର ଅଧିକାଂଶ ସରକାରୀ ଅଫିସ ବର୍ତ୍ତମାନ ଅନଲାଇନ୍‌ରେ ସଂଯୁକ୍ତ ହୋଇସାରଛି। ଆଗାମୀ ଦିନରେ ଆହୁରି ଅଧିକ ଅଫିସକୁ ଓଏସଡବ୍ଲ୍ୟୁଏସ ସହ ଯୋଡ଼ାଯିବ ବୋଲି ଉପଜିଲାପାଳ ଆକବରମ ଶସ୍ୟା ରେଣ୍ଡ୍ଡୀ କହିଛନ୍ତି।

# ଆଦିବାସୀ ପର୍ବକୁ ପୁନର୍ଜିବିତ କରିବା ଲକ୍ଷ୍ୟ

## ଦମୟନ୍ତୀ ମହୋତ୍ସବ,ପୁଷ୍‌ପୁନି ଭେଟଘାଟ ଉଦ୍‌ଘାଟିତ

କୋଟପାଡ଼,୨୧(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ପୁରୁଣା ତହସିଲ ପଡିଆରେ ଦମୟନ୍ତୀ ମହୋତ୍ସବ ଓ ପୁଷପୁନି ଭେଟଘାଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଏନ୍‌ଏସି ଅଧ୍ୟକ୍ଷ ଏମ୍.ଶଙ୍କର ରାଓ, ଅନାମୁ ଦିଆନ,ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ,ଗଣେଶ ପଣ୍ଡା ସୁଧୀର ମହାନ୍ତି, ଭିମ ମାଝି ଜୟନ୍ତ ପଟନାୟକ, ହେମନ୍ତ ପାତ୍ର, ବାଲାଜୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହରାଞ୍ଚଳର କଳାକାରମାନେ ବିଭିନ୍ନ ସାଂସ୍କୃତିକ, ବ୍ୟଙ୍ଗାତ୍ମକ ବେଶଭୁଷା ପରିଧାନ କରି ଆଦିବାସୀ ପୌରାଣିକ ଗୀତିନାଟ୍ୟରେ ସହର ପରିକ୍ରମା କରିଥିଲେ। ପୌଷ ପୂର୍ଣ୍ଣିମା ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀଙ୍କ ଏକ ଲୋକ କଳା ଭାବେ ପରିଚିତ। ଏହା ଦିନକୁ ଦିନ ଲୋପ ପାଇବାରେ ଲାଗିଛି । ଏହି ଅଞ୍ଚଳରେ ଧାନ କଟା ସହ ଅମଳ ପରେ ଖୁସି ମାନଇବା ପାଇଁ ଆଦିବାସୀ ଏହି ପର୍ବ ପାଳନ କରିଥାନ୍ତି। ସନ୍ଧ୍ୟା ସମୟରେ ଆଦିବାସୀ ଗୃହିଣୀମାନେ ଏକ ବାଉଁଶ ତିଆରି ଚାଙ୍ଗୁଡ଼ି ଧରି ଗୋଷ୍ଠୀଗତ ଭାବେ ଚାଷ ଜମି ମାଲିକଙ୍କ ଘରେ ଯାଇ ପୁନିଆ ଜୁଣିଆ ମୁଟେକ ଚାଉଳ ଦିଆ, ଦେଲେ ଦିଆ ନ ହେଲେ ନାଇଁ ଆମର ଗରକେ ଯିବୁ ବୋଲି ଗୀତ ଗାଇ ପାଉଣା ଆଦାୟ କରିଥାନ୍ତି। ବର୍ତ୍ତମାନ ଏହା ଆଉ ଦେଖିବାକୁ ମିଳୁ ନ ଥିବାରୁ ଏହାକୁ ପୁର୍ନଜୀବିତ କରିବା ପାଇଁ ଏହି ମହୋତ୍ସବ ପାଳନ କରାଯାଉଛି। ଦମୟନ୍ତି ମହୋତ୍ସବ ଓ ପୁଷପୁନି କମିଟିର ଏହି ଚେଷ୍ଟାକୁ ବିଭିନ୍ନ ସଂସ୍କୃତ କମିଟି ସ୍ୱାଗତ କରିଛନ୍ତି। ଶନିବାର ଦିନତମାମ ଆଦିବାସୀ କଳା ନାଚ ଗୀତରେ ଲୋକେ ଝୁମିବା ସହ କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ପାରମ୍ପରିକ ବେଶଭୂଷାରେ କଳାକାରମାନେ ।

# ପୁଷ୍ ପୂନେଇଁ ଅବସରରେ ଦୁଲୁକିଲା ଜୟପୁର

## ଅଧିଷ୍ଠାତ୍ରୀ ଭଗବତୀଙ୍କ ପୂଜାର୍ଚ୍ଚନା ବାହାରିଲା ପୁଷପୁନି ପଟୁଆର

ଜୟପୁର,୨୧(ପବନ ପାଣିଗ୍ରାହୀ)



କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

ପୁଷ ପୁନି ଅବସରରେ ଜୟପୁର ସହର ଉତ୍ସବ ମୁଖର ହୋଇଛି। ପୁଷପୁନି ପରବକୁ ପୁନଃରୁଦ୍ଧାର କରିବା ପାଇଁ ସ୍ଥାନୀୟ କଳାକାରମାନେ ବିଭିନ୍ନ ନାଚଗୀତର ଆୟୋଜନ କରିଛନ୍ତି। ଜୟପୁର ଅଧିଷ୍ଠାତ୍ରୀ ମା'ଭଗବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ପୁଷପୁନି ପଟୁଆର ବାହାରିଥିଲା। ମୁଖ୍ୟ ଟ୍ରାଫିକ ଦେଇ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ପହଞ୍ଚିଥିଲା। ଆଦିବାସୀ ନାଚ, ବାଜା ସହ ପୌରାଣିକ, ଐତିହାସିକ ତଥା ବିଭିନ୍ନ ବେଶଭୁଷାରେ ସଜ୍ଜିତ କରି ବିଭିନ୍ନ ଆଦିବାସୀ ନୃତ୍ୟ ଦଳ ଆଦିବାସୀ ବାଦ୍ୟର ତାଳେ ତାଳେ ନାଚି ଶୋଭାଯାତ୍ରା କରିଥିଲେ। ତ୍ରିପତି ବାଲାଜି, ରାମ, ଲକ୍ଷ୍ମଣ, ସୀତା, ଗାନ୍ଧାରୀ, ଯମ, କୁନ୍ତି ଦ୍ରଣାଚାର୍ଯ୍ୟ, ସଞ୍ଜୟ, ମହିଷାସୁର ଆଦି ବେଶଧାରୀଙ୍କ ସମେତ ଆଦିବାସୀଙ୍କ ବେଣ୍ଟ ଯାତ୍ରା, ଦୁରୁଆ ନାଚ ଓ ଢେମସା ନାଚ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ୮ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପଲ୍ଲିଶ୍ରୀ ମେଳା, ମୀନା ବଜାର, ଖାଦ୍ୟମେଳା ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୁଷ ପରବ ଧୀରେ ଧୀରେ ଲୋପ ପାଉଥିବା ବେଳେ ଏହା ଦ୍ୱାରା ଆଦିବାସୀଙ୍କ ପରବର ପୁନଃଉଦ୍ଧାର ହୋଇପାରିବ। କୋରାପୁଟ ଜିଲାରେ ଆଦିବାସୀଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା ଦ୍ୱାରା ଆଦିବାସୀଙ୍କ ପରମ୍ପରା, ବେଶଭୁଶା, ଖାଦ୍ୟ, ଲୋକ କଥା ପୌରାଣିକ ପ୍ରଥା ବଜା ରହିବା ପାରିବ ବୋଲି ଆୟୋଜକମାନେ ଆଶା ପ୍ରକଟ କରିଛନ୍ତି। ଏହି କଳା ସଂସ୍କୃତିକୁ ରଖିବା ପାଇଁ ପୁଷପୁନି ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। କୋରାପୁଟ କଳାକାରଙ୍କ ଦ୍ୱାରା ପୁଷ ପୁନି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଜ୍ୟ ତଥା ବାହାରୁ କଳାକାର ଏଥିରେ ସାମିଲ ହୋଇଛନ୍ତି। ଶନିବାର କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ଏଥିରେ ଜୟପୁର ମହାରାଜା ଉପସ୍ଥିତ ରହିବେ। ୪ ତାରିଖରେ ଗାୟକ ସୁଙ୍କାନି ମହାପାତ୍ର ସହ ଟିମ୍ ସଙ୍ଗିତ ପରିବେଷଣ କରିବେ। ୫ ତାରିଖରେ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ କରିବେ। ୬ ତାରିଖରେ ଆଦିବାସୀ ବେଶ ପ୍ରତିଯୋଗିତା, ୭ ତାରିଖରେ ସ୍ଥାନୀୟ କୋରାପୁଟିଆ ଆଦିବାସୀ କ୍ୟାସେଟ ଗାୟିକଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ୮ ତାରିଖ ସଲମନ ଅଲି ଓ ୯ ତାରିଖରେ ସୁର ଘୁଙ୍ଗୁର ଅନୁଷ୍ଠାନ ଦ୍ୱାରା ସଙ୍ଗୀତ ପରିବେଷଣ ହେବା ପରେ କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ ବୋଲି ସୂଚନା ରହିଛି। କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଣ୍ଡ୍ଡୀ,କୋରାପୁଟିଆ କଳାକାର ଧିରେନ ମୋହନ ପଟ୍ଟନାୟକ ଓ ମନୋଜ ପାତ୍ର ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଟାଉନ ପୋଲିସ ମୂତୟନ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଳିଙ୍ଗନଗର ଗୁଳିକାଣ୍ଡକୁ ୨୦ ବର୍ଷ ପୂରିଲା

**ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨।୧**

ଯାଜପୁର ଜିଲା କଳିଙ୍ଗନଗର କାରଖାନା ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ବିରୋଧରେ ୨୦୦୬ ଜାନୁଆରୀ ୨ରେ ଆନ୍ଦୋଳନ ବେଳେ ପୋଲିସ ଚଳାଇଥିଲା ଗୁଳି। ଏଥିରେ ୧୩ ଜଣ ଆଦିବାସୀଙ୍କ ଜୀବନ ଯାଇଥିଲା। ଏହାପରେ ଜିଲାବାସୀ ଶିଳ୍ପାୟନ ପାଇଁ ଜମି ଅଧିଗ୍ରହଣକୁ ସାଦରେ ଗ୍ରହଣ କରିନେବାରୁ ସମ୍ପ୍ରତି କଳିଙ୍ଗନଗର ଦେଶର ଏକ ପ୍ରମୁଖ ଶିଳ୍ପ କାରଖାନାର ଅଞ୍ଚଳ ଭାବରେ ପ୍ରତିଷ୍ଠା ଲାଭ କରିଛି। କିନ୍ତୁ ଶିଳ୍ପାୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୬ରେ ପ୍ରଣିତ ପୁନର୍ବାସ ଥଇଥାନ ନୀତିରେ ୧୮ ବର୍ଷ ହେଉଥିବା ଯୁବତୀଯୁବକଙ୍କୁ ସ୍ୱତନ୍ତ୍ର ପରିବାର ମାନ୍ୟତା ଦାବି ପୂରଣ ହୋଇପାରୁନାହିଁ। ଏଥିପାଇଁ ପ୍ରାୟ ୨୦୦୦ ବିସ୍ଥାପିତ ପରିବାର ସିଧାସଳଖ ପ୍ରଭାବିତ ହେଉଛନ୍ତି। ଏହିକ୍ରମରେ ଗୁଳିକାଣ୍ଡ ଘଟଣାକୁ ୨୦ ବର୍ଷ ପୂରିଯାଇଥିଲେ ହେଁ ଆଦିବାସୀଙ୍କ ବଳିଦାନର ଫଳ ବିସ୍ଥାପିତଙ୍କ ଉତ୍ତରାଧିକାରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି।




## ସ୍ମୃତିସଭା, ଉତ୍ତରାଧିକାରୀଙ୍କ ନିଯୁକ୍ତି ଦାବି

ଶହୀଦ ଆଦିବାସୀଙ୍କୁ ମନେରଖିବା ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ୨କୁ ଶହୀଦ ଦିବସ ଭାବେ ବିସ୍ଥାପନ ଜନମଞ୍ଚ ପାଳନ କରୁଛି। ଶୁକ୍ରବାର ସକାଳୁ ଗୁଳିକାଣ୍ଡସ୍ଥଳ ଚମ୍ପାକୋଇଲି ଠାରେ ଆଦିବାସୀ ମହିଳା ଓ ପୁରୁଷମାନେ ପାରମ୍ପରିକ ବେଶ ପୋଷାକରେ ପହଞ୍ଚିଥିଲେ। ସେଠାରେ ପୂଜାକାର୍ଯ୍ୟ ଶେଷ କରିଏକ ବିଶାଳ ପଦ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ବାରଗଡ଼ିଆ ଗାଁ, ଡୁବୁରୀ ଛକ, ଟାଟା କାରଖାନା ଫାଟକ ଦେଇ ବୀରଭୂମି ଆମ୍ବଗାଡ଼ିଆଠାରେ ପହଞ୍ଚିଥିଲା। ସେଠାରେ ଥିବା ସ୍ମୃତିସ୍ତମ୍ଭ ନିକଟରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ମଞ୍ଚର ସଭାପତି ଅମର ସିଂ ବାନରାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ସମ୍ପାଦକ ରବୀନ୍ଦ୍ର ଜାରିକାଙ୍କ ପରିଚାଳନାରେ କାର୍ଯ୍ୟକାରୀ ସଭାପତି ସନିଆ ତିରିଆ, ବିସ୍ଥାପିତ ଉନ୍ନୟନ ପରିଷଦ ସମ୍ପାଦକ ବୀରେନ୍ଦ୍ର ଜାମୁଦା, ସଭାପତି ତ୍ରିଲୋଚନ ମହାନ୍ତ, ଜନମଞ୍ଚ ନେତ୍ରୀ ସିନି ସଏ, ସ୍ୱର୍ଣ୍ଣଲତା ବାନରା, ସାଧୁ ତିଉ, ଗୋବରଘାଟି ସମିତି ସଭ୍ୟା ରୀନା ହାଇବ୍ରୁ, ବାବୁଲି ହାଇବ୍ରୁ, ଲକ୍ଷ୍ମଣ ଜାମୁଦା, ସିପିଆଇଏମ୍ଏଲ୍ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ସିପିଆଇଏମ୍ଏଲ୍ ୱେଷ୍ଟ ବେଙ୍ଗଲ ନେତା ମାନସ ସରକାର, ଲୋଡ଼ ଶିକାକା, ଲେଲିନ ମହାନ୍ତି, ଅବଦୁଲ ୱାଲୀ, ପ୍ରହ୍ଲାଦ ପୃଷ୍ଟି, ଗିମିଲ ଗାମଏ ପ୍ରମୁଖ ଯୋଗଦେଇ ବିସ୍ଥାପିତମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

ଶିଳ୍ପାୟନ କାରଣରୁ ଶତାଧିକ ପରିବାର ଘରଦ୍ୱାର ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି। ୨୦ ବର୍ଷ ତଳର ବିସ୍ଥାପନ ନୀତିକୁ ବିରୋଧ କରି ଏହାର ସଂଶୋଧନ ଆଇନ ପ୍ରଣୟନ କରିବାକୁ ଦାବି ହେଉଥିଲେ ହେଁ କେହି କିଛି ଶୁଣୁନାହାନ୍ତି। ନିଯୁକ୍ତି ଓ ଥଇଥାନ ସୁବିଧା ପାଇବା ପାଇଁ ବିସ୍ଥାପିତ ଓ ବିସ୍ଥାପନ ଅପେକ୍ଷାରେ ଥିବା ଲୋକେ ଏବେ ବି ସଂଗ୍ରାମ କରି ଚାଲିଥିବାବେଳେ ଏହି ସମସ୍ୟାର ସମାଧାନ ଦିଗରେ ସରକାର ତଥା ପ୍ରଶାସନ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା ହେଉନାହିଁ। ଫଳସ୍ୱରୂପ ଅର୍ଥନୈତିକ ଅବରୋଧ, ଅନଶନ, ରାଲି, ଆନ୍ଦୋଳନ ଆଦି ଲାଗି ରହିଛି। ଆଗକୁ ପୁଣି କଳିଙ୍ଗନଗରରେ ୩୫ଟି ଛୋଟବଡ଼ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ରହିଥିବାରୁ ପ୍ରଶାସନର ତତ୍ପରତା ବଢ଼ିଛି, କିନ୍ତୁ ବିସ୍ଥାପନଙ୍କ ଦାବି ଉପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହି ପ୍ରକ୍ରିୟାରେ ବିସ୍ଥାପନ ନିୟମ-୨୦୦୬କୁ ପରିବର୍ତ୍ତନ କରାଯାଇ ନ ଥିବାରୁ କେତେକ ପରିବାରରେ କଳହ, ଅଶାନ୍ତି ଏବଂ ଭାଇ-ଭାଇ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବା ଆଶଙ୍କା ରହୁଛି। କିନ୍ତୁ ଏମାନଙ୍କ ଦାବିକୁ ନିକଟରେ ରାଜ୍ୟ ସରକାର ଅଗ୍ରାହ୍ୟ କରି ଦେଇଥିବାର ସୂଚନା ମିଳିଛି। ଯଦି ସରକାର ଏହାକୁ ମଞ୍ଜୁର ନ କରନ୍ତି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କଳିଙ୍ଗନଗର ବିସ୍ଥାପିତ ବିରୋଧୀ ଜନମଞ୍ଚ ପକ୍ଷରୁ ବିଜୟ କୁମାର ଦାସ ଚେତାବନୀ ଦେଇଛନ୍ତି।

# ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ପରଲୋକ

**ନୀଳଗିରି,୨।୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରୁ ଦୁଇ ଥର ବିଧାୟକ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ଅକ୍ଷୟ ଆଚାର୍ଯ୍ୟ(୭୮)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। କିଛି ମାସ ହେବ ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ସଂକଟାପନ୍ନ ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଜୟନ୍ତୀ ଆଚାର୍ଯ୍ୟ, ପୁଅ ଦିବ୍ୟଜ୍ୟୋତି, ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଅକ୍ଷୟ ନୀଳଗିରି ଆସନରୁ ୧୯୮୦-୮୫ ଏବଂ ୧୯୯୫-୨୦୦୦ ଯାଏ ଦୁଇ ଥର ବିଧାୟକ ହୋଇଥିଲେ। ନୀଳଗିରି ନିର୍ବାଚନମଣ୍ଡଳୀର ବିକାଶ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଶୁକ୍ରବାର ନୀଳଗିରିସ୍ଥିତ କାହାଲିଆ ବାସଭବନରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ କୁମାର ନାୟକ ଓ ସୁଦର୍ଶନ ଜେନା, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କଂଗ୍ରେସ ଯୁବନେତା ଆଶିଷ ପଟ୍ଟନାୟକ, ସମର ଦାସ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।



**ଦକ୍ଷ ରାଜନେତା, ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ**

ସେ ଜଣେ ଦକ୍ଷ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ନୂଆ ଓ ଉନ୍ନତ ନୀଳଗିରି ଗଢ଼ିବା ସ୍ୱପ୍ନ ଦେଖିଥିଲେ ଅକ୍ଷୟ ନନା। ହାତିଆଗଣ୍ଡ ପୋଲଠୁ ଆରମ୍ଭ କରି ନୀଳଗିରି ବସ୍‌ଷ୍ଟାଣ୍ଡ ତାଙ୍କ ସମୟରେ ହୋଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନୀଳଗିରି କଂଗ୍ରେସ ଭବନକୁ ଅଣାଯିବା ପରେ କଂଗ୍ରେସ ଦଳର ସଂଜୀବ ଗିରି, ଯୁବନେତା ତପନ ରାଉତ, ନିଶିତ କୁମାର ବାରିକ, ତୁଷାରିକାନ୍ତି ତପସ୍ୱୀ, ତରୁଣ ଦାସ, ନିରଞ୍ଜନ ବେହେରା, କୃଷ୍ଣଗୋପାଳ ପଣ୍ଡା, ଅମିତ ଦାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାଜ, ଅନାଦି ରାଉତଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶେଷରେ କାହାଲିଆ ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ।

# ବରପୁତ୍ରମାନଙ୍କୁ ସମ୍ମାନ ଦେବା ଆମର ନୈତିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ଡ. ହରେକୃଷ୍ଣ ମହତାବ ତାଙ୍କ ଜୀବନକାଳ ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାରେ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିସବୁ ଆନ୍ଦୋଳନ ପଛରେ ମହତାବଙ୍କ ଦୃଢ଼ ପ୍ରେରଣା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ତଥା ୩୯ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହତାବଙ୍କ ମହାପ୍ରୟାଣ ଦିବସରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରାଯିବା ଏକ ଅପୂର୍ବ ସଂଯୋଗ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଦେଶର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ମହତାବଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ମହତାବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କ ପାଇଁ କୁଟୁମ୍ବ ଯୋଜନା ପ୍ରକ୍ରିୟାରେ ରହିଛି। ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ବରପୁତ୍ରମାନଙ୍କୁ ସମ୍ମାନ ଦେବା ହେଉଛି ଆମର ନୈତିକ ଦାୟିତ୍ୱ ବୋଲି ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ରାଜ୍ୟର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ଜରୁରିକାଳୀନ ପରିସ୍ଥିତିରେ ଲଢ଼େଇ କରିଥିବା ସଂଗ୍ରାମୀମାନଙ୍କୁ ଯଥୋଚିତ ସମ୍ମାନ ଦେଉଛନ୍ତି। ବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନ୍‌ସନ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କା କରାଯାଇଛି। ସେମାନଙ୍କ ଅନ୍ତେ ତାଙ୍କ ପତ୍ନୀ ଓ ଅବିବାହିତା ଝିଅ ମଧ୍ୟ ଏହି ସୁବିଧା ପାଇବେ। ସେହିପରି ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ମାସିକ ପେନ୍‌ସନ ୯ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରତୀକ ଭତ୍ତା ଭାବେ ମାସିକ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିସହିତ ଜରୁରିକାଳୀନ ପରିସ୍ଥିତି ସମୟରେ ମିଶା ଆଇନରେ ଗିରଫ ହୋଇଥିବା ୧୫୨ ଜଣ ଲୋକତନ୍ତ୍ର ସେନାନୀଙ୍କ ପାଇଁ ମଧ୍ୟ ମାସିକ ୨୦ ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅଧିକ ଲୋକତନ୍ତ୍ର ସେନାନୀଙ୍କୁ ପେନ୍‌ସନ ଦିଆଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଆଉ ଏକ ସଂଗ୍ରାମର ଆବଶ୍ୟକତା ଅଛି। ତାହା ହେଉଛି ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସଂଗ୍ରାମ। ଏଥିରେ ସମସ୍ତେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଯଦି ଡକ୍ଟର ମହତାବ ଜନ୍ମ ନେଇ ନ ଥା'ନ୍ତେ, ତେବେ ଓଡ଼ିଶା ପ୍ରଦେଶର ଆମେ ଯେଉଁ ମାନଚିତ୍ର ପାଇଛୁ, ତାହା ଦେଖିବାକୁ ମିଳି ନ ଥା'ନ୍ତା। ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଏ ମାଟିରେ ଶହ ଶହ ସ୍ୱାଧୀନତା ସଂଗ୍ରାମୀ ଦେଶ ମାତୃକାର ସ୍ୱାଧୀନତା ପାଇଁ ଲୁହ ଓ ଲହୁ ଢାଳି ଆମକୁ ମୁକ୍ତିର ସ୍ୱାଦ ଚଖାଇଛନ୍ତି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିବସ ନାମିତ ହୋଇ ନ ଥିଲା। ୧୯୮୭ରୁ ଏହି ଦିବସଟିକୁ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରିବା ପାଇଁ ସ୍ଥିର କରାଯାଇଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଓଡ଼ିଶାକୁ ଭାରତ ବର୍ଷର ପ୍ରଥମ ରାଜ୍ୟ ଭାବେ ପରିଣତ କରିବାକୁ ଯେଉଁ କେତେଜଣ କାମ କରୁଥିଲେ, ସେମାନଙ୍କ ମଧ୍ୟରେ ମହତାବ ଅନ୍ୟତମ।

# ଏଟିଏମ୍ ତାଡ଼ି ନେଇଗଲେ ଦୁର୍ବୃତ୍ତ



ଦୁର୍ବୃତ୍ତ ଛାଡ଼ି ଯାଇଥିବା ଅଟୋ ଓ ଭଙ୍ଗା ଏଟିଏମ୍।

**ବିଞ୍ଝାରପୁର,୨।୧(ରାମକୃଷ୍ଣ ଦାସ)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ମଇଁନ୍ଦା ଛକରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ଏଟିଏମ୍‌କୁ ଗୁରୁବାର ରାତିରେ ଦୁର୍ବୃତ୍ତ ତାଡ଼ି ନେଇଛନ୍ତି। ଏହି ଘଟଣା ଶୁକ୍ରବାର ସକାଳୁ ଜଣାପଡ଼ିବା ପରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ସାମିଲ ହୋଇଥିଲେ।

**୫ ଲକ୍ଷ ୭୫ ହଜାର ଲୁଟ୍**

ସିସିଟିଭି ଫୁଟେଜରେ ଦେଖାଯାଇଛି ଯେ, ଦୁର୍ବୃତ୍ତ ଏଟିଏମ୍ ତାଡ଼ିବା ପରେ ଏକ ଡାଲା ଅଟୋ ସାହାଯ୍ୟରେ ତାହାକୁ ନିକଟ ଜଙ୍ଗଲକୁ ନେଇ ସେଠାରେ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ଏହାପରେ ସେଠାରେ ଭଙ୍ଗାଯାଇଥିବା ଏଟିଏମ୍ ଓ ଡାଲା ଅଟୋକୁ ଛାଡ଼ି ଫେରାର ହୋଇଯାଇଛନ୍ତି। ଏଟିଏମ୍‌ରେ ୫ଲକ୍ଷ ୭୫ ହଜାର ୫୦୦ ଟଙ୍କା ଥିଲା ବୋଲି ବ୍ୟାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ବୃତ୍ତଙ୍କ ସୁରାକ ମିଳି ପାରିନାହିଁ।

# ଆଦିବାସୀଙ୍କ ଜମି ଉପରେ ସରକାରଙ୍କ ଲୋଲୁପ ଦୃଷ୍ଟି: କଂଗ୍ରେସ

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ଯାଜପୁର ଜିଲା ବଡ଼ଚଣା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରିଠାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଉପଲକ୍ଷେ ମଝିପଡ଼ା ପାହାଡ଼ ଅଞ୍ଚଳରେ ଅସ୍ଥାୟୀ ଶିବିର ତିଆରି କରିବାକୁ ସେଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଘର ବୁଲ୍‌ଡୋଜର ଦ୍ୱାରା ଭଙ୍ଗାଯାଇଛି। ଏହି ଘଟଣାକୁ ବିରୋଧ କରି କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଯଶୋବନ୍ତ ସିଂ ଲାଗୁରି କହିଛନ୍ତି, ଗତ କିଛିମାସ ହେଲାଣି ଭାଜପା ସରକାର ଆଦିବାସୀଙ୍କ ଜମି ଉପରେ ଲୋଲୁପଦୃଷ୍ଟି ପକାଇଛନ୍ତି। ରାଜଗାଙ୍ଗପୁରର ଏୟାରଷ୍ଟ୍ରିପ, ସୁନ୍ଦରଗଡ଼ ଲାଞ୍ଜିବେର୍ଣ୍ଣା ଜମି ଅଧିଗ୍ରହଣ, କେନ୍ଦୁଝରରେ ପୋସ୍କୋ, ଟିକରପଡ଼ାରେ ଷ୍ଟାରାଲାଇଟ ପାଇଁ ଆଦିବାସୀଙ୍କ ଜମି ଅଧିଗ୍ରହଣ ବେନିୟମ ହିସାବରେ ସରକାର କରୁଛନ୍ତି। ଏବେ ଯାଜପୁର ଜିଲାର ଉଦୟଗିରିଠାରେ ହେବାକୁ ଥିବା ବୌଦ୍ଧ ସମ୍ମିଳନୀ ପାଇଁ ମଝିପଡ଼ା ଗ୍ରାମାଞ୍ଚଳରେ ପ୍ରଶାସନ ଆଦିବାସୀଙ୍କ ଘରଭଙ୍ଗା ସହିତ ଗଛ କାଟିଛନ୍ତି। ଯଦି ସମ୍ମିଳନୀର ଅସ୍ଥାୟୀ ଶିବିର ପାଇଁ ଜମି ଦରକାର ଥିଲା, ଅନ୍ୟ ସ୍ଥାନରେ ମଧ୍ୟ ସରକାରୀ ଜମି ରହିଛି; ସେଠାରେ ସରକାର କରନ୍ତୁ। କିନ୍ତୁ ଆଦିବାସୀ ବିରୋଧୀ ସରକାର ଆଦିବାସୀଙ୍କ ଘର ଭାଙ୍ଗି ଶିବିର ସ୍ଥାପନ କରିବା କେତେ ନ୍ୟାୟସଙ୍ଗତ ଚିନ୍ତା କରନ୍ତୁ। ନୂଆବର୍ଷ ଦିନ ସେମାନଙ୍କ ଘର ଭାଙ୍ଗି ଦିଆଗଲା। କିନ୍ତୁ ନିରୀହ ଗରିବ ଆଦିବାସୀ କେଉଁଠି ରହିବେ ସରକାର ଚିନ୍ତା କରୁନାହାନ୍ତି ବୋଲି ଲାଗୁରି କହିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ ଉପସ୍ଥିତ ଥିଲେ।

## ନାଳରେ ପଡ଼ି ହାତୀ ମୃତ

**ଟିଟିଲାଗଡ଼,୨।୧(ଶରତ ମିଶ୍ର):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ବିଜେପୁର ପଞ୍ଚାୟତର ଲିମପଡ଼ା ନାଳରେ ପଡି ଶୁକ୍ରବାର ଏକ ମାଈହାତୀର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଟିଟିଲାଗଡ଼ ବନାଞ୍ଚଳରେ ଦୀର୍ଘ ମାସ ହେଲା ହାତୀପଲ ବିଚରଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଗୋଠଛଡ଼ା ଏକ ମାଈହାତୀ ଅସୁସ୍ଥ ହୋଇ ଲିମପଡ଼ା ନାଳପାଣିରେ ପଡିଯିବାରୁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଟିଟିଲାଗଡ଼ ରେଞ୍ଜର, ବଲାଙ୍ଗୀର ଏସିଏଫ୍ ଏବଂ ଡିଏଫ୍‌ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶନିବାର ମୃତ ହାତୀର ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ ଜଣାପଡିଛି।



# ଟ୍ରକ୍‌ରେ ପିଟିହେଲା ବାଇକ୍: ୨ ଭାଇଙ୍କ ମୃତ୍ୟୁ

**ଭବାନୀପାଟଣା,୨।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଲମ ଗାଁରୁ ଶୁକ୍ରବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗାଁ ମଣ୍ଡି ପାଖରେ ଅଟକି ରହିଥିବା ଏକ ଟ୍ରକ୍ ପଛରେ ପିଟିହୋଇ ବାଇକ୍‌ରେ ଆସୁଥିବା ୨ ଭାଇଙ୍କ ମୃତ୍ୟୁ ହୋଇଛି। ମୃତ ୨ ଭାଇ ହେଲେ ଟଙ୍କଧର ଶବର (୪୨) ଓ ବୈକୁଣ୍ଠ ଶବର (୩୮)। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ୨ ଭାଇ ଏକ ବାଇକ୍‌ରେ ନିଜ ଘରକୁ ଆସୁଥିବାବେଳେ ବାଟରେ ଅଟକିଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟିଛି। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି।


# Classified Everyday

0674-2580101, 9692975378




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777




All types of physiotherapy and massage. Contact: 9556924059/ 7656969134. D-3013

Professional body massage & steam-bath. Please contact TRUPTI SPA CENTER, PH.-9861550765. D-3012

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated-03.11.2025, I, Biswambar Malik, Address: At-Panasaganda, P.O.-Barha Damodarpur, P.S.- Rajkanika, Dist.-Kendrapara, PIN- 755016, Odisha declare that I have changed my daughter's name from Priyanshu Priyadarsini Malik to Priyanshi Priyadarsini Malik. Henceforth, she shall be known as Priyanshi Priyadarsini Malik for all future purposes.
Biswambar Malik D-3014

By virtue of an affidavit sworn before the Executive Magistrate, Attabira, No.- 627, Dtd.-31.12.25, I, Kartika Miri, R/o.- Tangarpali, P.O.-B.Khamunda, P.S./Tah-Attabira, Dist.- Bargarh, Odisha- 768038 declare that I have changed the name of my son from Gopinatha Miri to Shashi Miri. Henceforth, he shall be known as Shashi Miri for all puposes.
Kartika Miri D-3015

I, Prashvitaben Pravinbhai Patel, W/o.- Jay Kumar Patel, Resident of At-Mahatab Road New Colony, P.O.- Buxi Bazar, P.S.- Badambadi, Dist.-Cuttack- 753001, Odisha declare by this affidavit No. 12, dated- 01.01.2026, that now onwords I shall be known as Prasvi Patel for all future purposes. D-3017

By virtue of an affidavit dtd.-23.12.2025 sworn before Executive Magistrate, Chandabali, I, Jnyana Ranjan Sahoo, S/o.- Maheswar Sahoo, Vill.- Nayahat, P.O.- Gopalpur, P.S.- Chandabali, Dist.-Bhadrak, Odisha, PIN-756133 declare that I have changed my name from Gyana Ranjan Sahu to Jnyana Ranjan Sahoo. Henceforth, I shall be known as Jnyana Ranjan Sahoo for all purposes. D-3016

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧରଣୀଧର ସାହୁ**
କନ୍ତିଓପୁଟସାହି, ଢେଙ୍କାନାଳ
ଆବିର୍ଭାବ- ୦୭।୦୨।୧୯୩୭
ତିରୋଧାନ- ୧୩।୦୧।୨୦୨୫(ପୌଷ ପୂର୍ଣ୍ଣିମା)
ଆପଣ ଆମକୁ ଛାଡି ଚାଲିଯିବା ଏକ ବର୍ଷ ବିତିଗଲାଣି। ଆପଣଙ୍କ ଅନାବିଳ ସ୍ନେହ,ଶ୍ରଦ୍ଧା ଓ ଆକଟ ସବୁବେଳେ ମନେ ପଡୁଛି। ଯେଉଁଠି ଥିଲେ ବି ଆପଣଙ୍କ ଆଶିର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ମଣ୍ଟୁ, ଟୁଟୁ, ବାପୁ, ବୁଲୁ, ରୁନୁ, ବନ୍ଧୁ ଓ ପରିବାରବର୍ଗ
ଧ-3009

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂ ସରଳା ଖଟୁଆ**
ଖଣ୍ଡହତା, ତିଗିରିଆ, କଟକ
ଆବିର୍ଭାବ: ୨୫।୧୧।୧୯୫୨
ତିରୋଧାନ: ୨୪।୧୨।୨୦୨୫
"ଦଶ ଦିନ ପୁରି ଏଗାର ହୋଇଲା ଚାଲିଗଲ ବହୁଦୂର, ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହଧାର। ଶୂନ୍ୟ ଘରଦ୍ୱାର ଶୂନ୍ୟ ଏ ଅଗଣା ସଭିଏଁ ହୁଅନ୍ତି ଝୁରି, ବୈକୁଣ୍ଠପୁରକୁ ଚାଲିଗଲ ତୁମେ ପ୍ରଭୁଙ୍କ ନାମକୁ ସ୍ମରି।"
ତୁମର ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଇତି: ତୁମର ହତଭାଗ୍ୟ ସ୍ୱାମୀ
ସଉରୀ ଚରଣ ଖଟୁଆ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଧ-3010

**ଏକାଦଶାହ ଉପଲକ୍ଷେ**




**ଂ ଶିଶିର କୁମାର ଦାସ**
ତୁଙ୍ଗା, ଆଳି, କେନ୍ଦ୍ରାପଡା
ଆବିର୍ଭାବ: ୧୯।୦୨।୧୯୭୦
ତିରୋଧାନ: ୨୪।୧୨।୨୦୨୫
ଚାହୁଁ ଚାହୁଁ ଏଗାର ଦିନ ହୋଇଗଲା। ତୁ କେଉଁ ଏକ ଅଫେରା ରାଜ୍ୟକୁ ଚାଲିଗଲୁ ଯେ ଆଉ ଫେରିଲୁ ନାହିଁ। ତୁ ଯେଉଁଠି ରହ ଶାନ୍ତିରେ ରହ।
-:ଶୋକସନ୍ତପ୍ତ:-
ଦାସ ପରିବାର ଓ ବନ୍ଧୁବର୍ଗ।
ଧ-3011

# ନରେନ୍ଦ୍ର କୋହଲୀ: ପୁରାଣ ଓ ଇତିହାସର ନବ ବ୍ୟାଖ୍ୟାତା

**ଭାରତ-ଭାରତୀ**

**ପଞ୍ଚାନନ ଅଗ୍ରୱାଲ**



ନରେନ୍ଦ୍ର କୋହଲୀ ହିନ୍ଦୀ ଭାଷାର ପ୍ରଖ୍ୟାତ ଲେଖକ। ଗଳ୍ପ, ଉପନ୍ୟାସ, ନାଟକ ଓ ବ୍ୟଙ୍ଗ ସାହିତ୍ୟ ରଚନାରେ ସମଭାବରେ ସ୍ୱଚ୍ଛନ୍ଦ ଓ ସଫଳ। ସର୍ଜନାତ୍ମକ ସାହିତ୍ୟ ସୃଷ୍ଟିରେ ସେ ମୌଳିକ। ମନୋଭାବନାରେ ଆଧୁନିକ, ଅଥଚ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣରେ ଅନାଗ୍ରହୀ। ଭାରତୀୟତାର ଉତ୍ସ ତାଙ୍କର ଧ୍ୟେୟ; କିନ୍ତୁ ପନ୍ଥାରେ ଅଭିନବ। ଯଶସ୍ୱୀ ଏଇ ଲେଖକଙ୍କର ଜନ୍ମ ୬ ଜାନୁଆରୀ ୧୯୪୦ରେ ଅବିଭକ୍ତ ସିଆଲ୍‌କୋଟ୍‌ରେ (ଏବେ ପାକିସ୍ତାନ) ଓ ପରଲୋକ ୧୭ ଏପ୍ରିଲ ୨୦୨୧ରେ ନୂଆଦିଲ୍ଲୀରେ। କୋହଲୀଙ୍କ ଜନ୍ମ ଦିନକୁ ହିନ୍ଦୀ ସାହିତ୍ୟରେ 'ଲେଖକ ଦିବସ' ଭାବେ ପାଳନ କରାଯାଏ।

୧୯୬୦ରେ କୋହଲୀଙ୍କ କାହାଣୀମାନ ପ୍ରକାଶ ପାଇବା ଆରମ୍ଭ ହୁଏ, ଯେଉଁଥିରେ ରେଖାଙ୍କିତ ଥାଏ ସାଧାରଣ ପରିବାରର ଚିତ୍ର ଓ ଘଟଣାକ୍ରମ ମାଧ୍ୟମରେ ସମାଜର ବିଡ଼ମ୍ବନା। ସାମାଜିକ ଓ ରାଜନୈତିକ ଜୀବନର ଅମାନବୀୟତା, କ୍ରୁରତା ତଥା ତର୍କଶୂନ୍ୟତାର ଜଟିଳ ରୂପାୟନ ଘଟେ ତାଙ୍କ ଲେଖାରେ। ୧୯୬୫ ପାଖାପାଖି ସମୟରେ ସେ ବ୍ୟଙ୍ଗ ଲେଖିବା ଆରମ୍ଭ କରନ୍ତି। ତାଙ୍କ ପ୍ରୟୋଗଶୀଳତା, ବିବିଧତା ତଥା ପ୍ରଖରତା ହିନ୍ଦୀ ବ୍ୟଙ୍ଗ ସାହିତ୍ୟରେ ପ୍ରାୟତଃ ବିରଳ। ରାମ କଥାକୁ ନେଇ ଚାରିଖଣ୍ଡରେ ପ୍ରକାଶିତ ତାଙ୍କର ୧୮୦୦ ପୃଷ୍ଠାର ବୃହଦାକାୟ ଉପନ୍ୟାସ ସମ୍ପୂର୍ଣ୍ଣ ରାମ କଥାକୁ ନେଇ ଭାରତୀୟ ଭାଷାରେ ଲେଖାଯାଇଥିବା ଏହା ପ୍ରଥମ ଉପନ୍ୟାସ। ଏହାର ଆଧାରଭୂତ ସାମଗ୍ରୀ ଭାରତର ସାଂସ୍କୃତିକ ପରମ୍ପରାରୁ ଆନୀତ। ତେଣୁ ଏଥିରେ ନିହିତ ଜୀବନର ଉଦାତ୍ତ ମୂଲ୍ୟବୋଧର ଚିତ୍ରଣ ଓ ମନୁଷ୍ୟର ମହାନତା। କୋହଲୀଙ୍କର ଏ ଉପନ୍ୟାସ ପଢ଼ି ହିନ୍ଦୀର ପାଠକେ ତନ୍ଦ୍ରା କାଟି ଚେଇଁ ଉଠିଛନ୍ତି। ପାଠକମାନଙ୍କୁ ମିଳିଛି ତାଙ୍କ ଅନୁତ୍ତରିତ ପ୍ରଶ୍ନଗୁଡ଼ିକର ଉତ୍ତର, ହୋଇଛି ଶଙ୍କାସମୂହର ସମାଧାନ।

କୋହଲୀଙ୍କ ଉପନ୍ୟାସ 'ଅଭିଜ୍ଞାନ' କୃଷ୍ଣକଥାକୁ ନେଇ ରଚିତ। ବିଷୟ ରାଜନୈତିକ। ନିର୍ଦ୍ଧନ ଆଉ ଅକିଞ୍ଚନ ସୁଦାମାଙ୍କୁ ସାମର୍ଥ୍ୟବାନ୍ ଶ୍ରୀକୃଷ୍ଣ ସାର୍ବଜନିକ ରୂପରେ ଆପଣା ମିତ୍ର ଭାବେ ସ୍ୱୀକାର କରିଛନ୍ତି। ତେଣୁ ସାମାଜିକ, ବ୍ୟାବସାୟିକ ଆଉ ରାଜନୈତିକ କ୍ଷେତ୍ରରେ ସୁଦାମାଙ୍କର ଆଦର ବୃଦ୍ଧିପାଇଛି। ଏହି କୃତିର ମେରୁଦଣ୍ଡ ଭଗବଦ୍ ଗୀତାର କର୍ମସିଦ୍ଧାନ୍ତ। କୃତିଟିରେ ନା ପରଲୋକ ଅଛି, ନା ସ୍ୱର୍ଗ, ନା ନର୍କ। କର୍ମ ସିଦ୍ଧାନ୍ତକୁ ଜ୍ଞାନ ଓ ବୁଦ୍ଧି ଆଧାରରେ ବୈଜ୍ଞାନିକ ସିଦ୍ଧାନ୍ତ ଅନୁରୂପ ବ୍ୟାଖ୍ୟା କରାଯାଇଛି। ମହାଭାରତ କଥା ଆଧାରରେ ପରିକଳ୍ପିତ ତାଙ୍କ ଉପନ୍ୟାସ, 'ମହାସମର'। ଏଥିରେ ଭାରତୀୟ ଦର୍ଶନ, ଚିନ୍ତନ ଓ ବ୍ୟବହାର ମୂର୍ତ୍ତିମନ୍ତ। ଉପନ୍ୟାସରେ ଜୀବନର ବିଶାଳତା ଅତ୍ୟନ୍ତ ମୌଳିକ ଢଙ୍ଗରେ ପ୍ରସ୍ତୁତ। ଜୀବନର ବାସ୍ତବ ରୂପ ସହିତ ସମ୍ବନ୍ଧିତ ପ୍ରଶ୍ନଗୁଡ଼ିକର ସମାଧାନ ତାଙ୍କ ଅନୁଭୂତି ତଥା ତର୍କ ଆଧାରରେ ପ୍ରସ୍ତୁତ। ଯୁଧିଷ୍ଠିର, କୃଷ୍ଣ, କୁନ୍ତୀ, ଦ୍ରୌପଦୀ, ବଳରାମ, ଅର୍ଜୁନ, ଭୀମ ତଥା କର୍ଣ୍ଣ ଆଦି ଚରିତ୍ର ଅତ୍ୟନ୍ତ ନବୀନ ରୂପରେ ପ୍ରତିଭାତ।

କୋହଲୀଙ୍କର ଆଉ ଏକ ଉପନ୍ୟାସ, ଯାହା ପାଠକମାନଙ୍କୁ ଚକିତ କରେ; ତାହା ହେଉଛି 'ତୋଡ଼ୋ କାରା ତୋଡ଼ୋ'। ଏହି ଶୀର୍ଷକ ରବୀନ୍ଦ୍ରନାଥ ଠାକୁରଙ୍କ ଗୀତର ଗୋଟିଏ ପଂକ୍ତିର ଅନୁବାଦ, ଉପନ୍ୟାସର ସମ୍ବନ୍ଧ କିନ୍ତୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ସହିତ। ଏଠାରେ ନାୟକଙ୍କ ବ୍ୟକ୍ତିତ୍ୱ ଆଉ ଚିନ୍ତନକୁ ପ୍ରାଧାନ୍ୟ ଦିଆଯାଇଛି। ସ୍ୱାମୀ ବିବେକାନନ୍ଦଙ୍କର ଜୀବନ ସଂସାରର ବନ୍ଧନ ତଥା ସୀମାଗୁଡ଼ିକର ଅତିକ୍ରମଣ ପ୍ରତି ଉନ୍ମୁଖ; ବନ୍ଧନ ପ୍ରକୃତିର ହେଉ କି ସମାଜର ହେଉ, ରାଜନୀତିର ହେଉ କି ଧର୍ମର ହେଉ। କୋହଲୀଙ୍କ ଭାଷାରେ: ''ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱର ଆକର୍ଷଣ ଆକର୍ଷଣ ନୁହେଁ ଯାଦୁ...। ତାଙ୍କ ନିକଟକୁ ଯାଇ ସମ୍ମୋହିତ ନ ହୋଇ କେହି ରହିପାରନ୍ତି ନାହିଁ, ଯୁବକମନ ଉତ୍ସାହରେ ପାଗଳ ହୋଇଉଠେ, ଏପରି ଗୁଣ ନାହିଁ, ଯାହା ସ୍ୱାମୀଜୀଙ୍କ ଠାରେ ନଥାଏ। ମାନବୀୟ ବିକାଶର ସାକ୍ଷାତ୍ ମୂର୍ତ୍ତି ସେ, ଭାରତର ଆତ୍ମା ସହ ଏକାକାର।''

କୋହଲୀଙ୍କ ପ୍ରମୁଖ ରଚନା ମଧ୍ୟରେ- ପ୍ରେମ ଚାନ୍ଦ କେ ସାହିତ୍ୟ ସିଦ୍ଧାନ୍ତ (ପ୍ରବନ୍ଧ, ୧୯୬୬), କୁଛ୍ ପ୍ରସିଦ୍ଧ କହାନୀୟାଁ କା ବିଷୟ ମେଁ (ସମୀକ୍ଷା, ୧୯୯୬), ନିଚଲେ ଫ୍ଲାଟ ମେଁ (କାହାଣୀ, ୧୯୮୪), ନରେନ୍ଦ୍ର କୋହଲୀ କି କହାନୀୟାଁ (୧୯୮୪), କିସେ ଜଗାଉଁ (୧୯୬୬), ମହାସମର-୧୯୯୭, ନରେନ୍ଦ୍ର କୋହଲୀ ନେ କହା (ଆତ୍ମକଥା), ଏକ ଔର ଲାଲ ତିକୋଣ (ବ୍ୟଙ୍ଗ)-୧୯୭୦, ୨୦୦୦, ପୁନରାରମ୍ଭ (ଉପନ୍ୟାସ)-୧୯୭୨, ୧୯୯୪, ଆତଙ୍କ (ଉପନ୍ୟାସ-୧୯୭୨), ପାଞ୍ଚ ଏବସର୍ଡ଼ ଉପନ୍ୟାସ (ବ୍ୟଙ୍ଗ ୧୯୭୨, ୧୯୯୪) ଆଶ୍ରିତୋଁ କା ବିଦ୍ରୋହ, ଜଗାନେ କା ଅପରାଧ, ସାଧ ସହ ଗୟା ଦୁଃଖ, ମେରା ଅପନା ସଂସାର, ଶଂବୁକ କି ହତ୍ୟା, ଦୀକ୍ଷା, ଅବସର, ପ୍ରେମଚାନ, ଜଙ୍ଗଲ କି କହାନୀ ଓ ମେରେଶ୍ରେଷ୍ଠ ବ୍ୟଙ୍ଗ ରଚନାୟେଁ ଅନ୍ତର୍ଭୁକ୍ତ।

ହିନ୍ଦୀ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ୧୯୭୫ରେ ତାଙ୍କୁ ମିଳେ 'ରାଜ୍ୟ ସାହିତ୍ୟ ପୁରସ୍କାର'; ୧୯୭୭-୭୮ରେ ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ପୁରସ୍କାର, (ମେରା ଅପନା ସଂସାର), ୧୯୭୮ରେ ଆଲାହାବାଦ ନାଟ୍ୟ ସଂଘ ପୁରସ୍କାର (ଶଂବୁକ କି ହତ୍ୟା), ୧୯୭୯-୮୦ରେ ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ପୁରସ୍କାର (ସଂଘର୍ଷ କି ଔର), ୧୯୮୫ରେ ସାହିତ୍ୟ ସମ୍ମାନ (ସମଗ୍ର ସାହିତ୍ୟ), ହିନ୍ଦୀ ଏକାଡେମୀ ଦିଲ୍ଲୀ, ୧୯୯୫-୯୬ରେ ଶାଲାକା ସମ୍ମାନ, ୧୯୯୮ରେ ସାହିତ୍ୟ ଭୂଷଣ ସମ୍ମାନ, ୨୦୦୪ରେ ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ସମ୍ମାନ, ୨୦୧୨ରେ ବ୍ୟାସ ସମ୍ମାନ ଓ ୨୦୧୭ରେ ପଦ୍ମ ଭୂଷଣ ସମ୍ମାନ।

୨୦୦୦ ମସିହା ଜାନୁଆରୀରେ ଏହି ମହାନ୍ ଲେଖକଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲି ତତ୍କାଳୀନ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ବାସଭବନରେ, ପାଞ୍ଚଜନ୍ୟ ନଚିକେତା ପୁରସ୍କାର ଉତ୍ସବରେ ଯୋଗ ଦେବା ପାଇଁ ଦିଲ୍ଲୀ ଯାଇଥିବା ଅବକାଶରେ। ସେତେବେଳେ ଉତ୍ତର ପ୍ରଦେଶର ମନ୍ତ୍ରୀ ରମେଶ ପଖରିୱାଲ ଆମକୁ ଗାଡ଼ିରେ ବସାଇ ଆଡ୍‌ଭାନୀଙ୍କ ଘରକୁ ନେଇ ଯାଇଥିଲେ। ନରେନ୍ଦ୍ର କୋହଲୀ ଜୀ ମୋତେ ଓଡ଼ିଶାର ମହାବାତ୍ୟା କ୍ଷୟକ୍ଷତି ସମ୍ବନ୍ଧରେ ଦୁଃଖ ପ୍ରକାଶ କରି ବହୁ ସମୟ କଥା ହୋଇଥିଲେ। ରାମ ସାହିତ୍ୟ ଉପରେ ମୁଁ କିଛି ଲେଖା ବିଷୟରେ ଚର୍ଚ୍ଚା କରିଥିଲି। ପାଖରେ ଥିଲେ ଅର୍ଗାନାଇଜର ପତ୍ରିକାର ପ୍ରତିଷ୍ଠାତା, ସମ୍ପାଦକ କେ.ଆର୍. ମାଲକାନୀ ଓ ପାଞ୍ଚଜନ୍ୟ ସମ୍ପାଦକ ବନ୍ଧୁ ତରୁଣ ବିଜୟ। ୧୭ ଅପ୍ରେଲ ୨୦୨୧ରେ ଦିଲ୍ଲୀଠାରେ କରୋନା ସଂକ୍ରମଣରେ ତାଙ୍କ ବିୟୋଗ ହୋଇଥିଲା। ସାହିତ୍ୟରେ ପୌରାଣିକ ଓ ଐତିହାସିକ ଚରିତ୍ରର ଜୀବନ୍ତ ଚିତ୍ରଣ ପାଇଁ ସବୁବେଳେ ସ୍ମୃତିରେ ରହିବେ ଏହି ମହାନୁଭବୀ ଲେଖକ।


- ରାଧିକା ଟାୱାର, ଟଙ୍କପାଣି ରୋଡ଼, ଭୁବନେଶ୍ୱର

ମୋ: ୯୭୭୭୭୪୦୭୧




## ପୁସ୍ତକ ପରିଚୟ

### ଗୁଣୁଗୁଣୁ ସୂର୍ଯ୍ୟାଣୁ




**କବି:** ସୂର୍ଯ୍ୟ ମିଶ୍ର
**ପ୍ରକାଶକ:** ସୃଜନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୯/-

ମୋଟ ୪୭ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ବେଶ୍ କେତେକ କବିତାରେ ଉହ୍ୟ ଆତ୍ମ-ବ୍ୟଙ୍ଗ। ଯଥା: ୧.''ଗୋଟିଏ ସାରାଂଶହୀନ ଶିକ୍ଷାକ୍ଷେତ୍ର ପାରହୋଇ/ ମୁଁ ପାଲଟିଲି ତଥାକଥିତ ଭଦ୍ରଲୋକ/ ପେଟପାଟଣାରେ ପଶିଲି ଦପ୍ତରରେ/ ହେଲି ବ୍ୟବସ୍ଥାର ବାବଦୂକ, ପ୍ରତିଷ୍ଠାର ପ୍ରଚାରକ/ ମିଛକୁ ସତ, ପ୍ରହେଳିକାକୁ କହିଲି ଶାଶ୍ୱତ।'' (ଆତ୍ମନେପଦୀ, ପୃ:୬୯)। ୨. ''ଖବରକାଗଜରେ ବାହାରିଥାଏ/ ମୋତେ ନେଇ ସ୍ମୃତିଲେଖ/ ସେଥିରେ ଭରି ଯାଇଥାଏ/ ପୁରୁଣା ବହି ଓ ପତ୍ରପତ୍ରିକାରୁ/ ନକଲ ହୋଇଥିବା ମୋର ଯାବତୀୟ କୃତିତ୍ୱ।'' (ତିଥି, ପୃ:୭୧)। ଚଉପାଶର ଦୃଶ୍ୟମାନ ଜଗତକୁ ତାଙ୍କ କବିତା ନିଘା ରଖେ। ଖଣ୍ଡିଏ ପଥର, ଅପନ୍ତରାର ଶୃଙ୍ଖଳା ଗଛତଳେ। ବୋଳା ମେଞ୍ଚାଏ ସିନ୍ଦୂର ଆଉ ଲମ୍ବମାନ ଶୃଙ୍ଖଳା ପତ୍ରର ଗୋଟେ ମାଳ- ଏହି ବର୍ଣ୍ଣନା ସହିତ କବିଙ୍କ ଆଖିରୁ ଖସିଯାଏନାହିଁ ପାଖାପାଖି 'ଉଡ଼ିଯାଉଥିବା ଯୋଡ଼େ ଖଲିଦାନା' (ତିଥି)। ସ୍ୱପ୍ନ ଓ ସ୍ମୃତି ମିଶି ରହନ୍ତି କବିଙ୍କ 'ଶବ୍ଦ'ରେ, ପ୍ରତ୍ୟୟର ପ୍ରଖରତା ଘେନି। ଚିତ୍ରେଇ କଥା କହିବାରେ ଦକ୍ଷ ନ ହେଲେ କ'ଣ କହିହୁଏ- 'ଓସାରିଆ ବାରଣ୍ଡାକୁ ଓଳେଇ ଦେଇଥିଲା ଜହ୍ନ ଆଲୁଅ', 'ଅସରନ୍ତି ଜହ୍ନଲିଆ ରାତି' (ଜୟା), 'ପ୍ରତି ନଈ/ ଜଣେ ଠାକୁରାଣୀ' (ନଈ- ଠାକୁରାଣୀ), 'ରାତିରେ ଗ୍ରାମରକ୍ଷୀ ବୁଲାଇବା ପରି/ ବସିଥାଏ ଭାରିଯା'(ଗରିବ), 'ସକାଳକୁ ଆକାଶରେ ତରାମାନେ ଦୁଶନ୍ତି/ ଅରୁଆ ଚାଉଳ ପରି' (ଗରିବ) ଭଳି ଧାଡ଼ିମାନ। ସୁଦାମ ସୋଇଁଙ୍କ ପରି କାମୁକ ଚରିତ୍ରକୁ ଅବିକଳ ଗଢ଼ିପାରନ୍ତି ସୂର୍ଯ୍ୟ ବିନା ପକ୍ଷପାତରେ! ଶାଳଗ୍ରାମ, ସାନ୍ଧ୍ୟଭ୍ରମଣରେ ଗୋପବନ୍ଧୁ, ଇସାବେଲା, ଅସ୍ତିତ୍ୱ, ଶତ୍ରୁ ବୋଲି କେହି ନାହିଁ, ଜୀବନ ସରିବାଯାଏଁ, ନିରୁଦ୍ଦିଷ୍ଟ, ଆଡ଼ବାୟାଣୀ ଓ ଗୁଣୁଗୁଣୁ ସୂର୍ଯ୍ୟାଣୁ ପରି କବିତା ସାମ୍ପ୍ରତିକ କାଳଖଣ୍ଡରେ ବିରଳ। ରମାକାନ୍ତ ସାମନ୍ତରାୟ ଆଙ୍କିଥିବା ପ୍ରଚ୍ଛଦ ଓ ଭିତିରି ଚିତ୍ର ବହିରେ ପାଠକଙ୍କ ଉପୁରି।

### ସୁବ୍ରତ ଏବେ କେଉଁଠି




**ଗାଳ୍ପିକ:** ବିଜୟ ନାୟକ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ମୋଟ ୨୧ଟି ଗଳ୍ପ ଆଲୋଚ୍ୟ ଗଳ୍ପ ସଂକଳନରେ ସ୍ଥାନିତ। ପ୍ରତ୍ୟେକଟି ଗଳ୍ପ ଏକୁ ଆରେକ ବଳି। ଗଳ୍ପଗୁଡ଼ିକ ପଢ଼ିଲେ ପାଠକର ମନେହୁଏ ଯେପରି ତା' ଆଖି ସାମ୍ନାରେ ଘଟଣା ଘଟୁଛି। ପାଠକଙ୍କୁ ଭାଗୀଦାରି କରି ଗଳ୍ପ ଲେଖିବା କ୍ୱଚିତ୍ ଗାଳ୍ପିକଙ୍କ ନସିବ୍‌ରେ ବାଗ୍‌ଦେବୀ ଲେଖିଥା'ନ୍ତି। ବହିର ପ୍ରଥମ ଗଳ୍ପ 'ଅଗଣା'ରେ ଆମ୍ବଗଛ ଓ ମାଙ୍କଡ଼ର ବର୍ଣ୍ଣନା ସାଙ୍ଗକୁ ଯେଉଁ ଗଭୀର ଜୀବନ ଦର୍ଶନର ପୁଟ ଲେଖକ ଦିଅନ୍ତି, ତାହା ଗଳ୍ପଟି ପଢ଼ି ସାରିବାର ଅନେକ ଦିନଯାଏ ପାସୋର ଯାଏ ନାହିଁ। ରମାଙ୍କୁ କହୁଛନ୍ତି ବିରୂପାକ୍ଷ- ''ଏ ପୃଥିବୀଯାକର ସବୁ ଫୁଲଫଳ ଉପରେ କ'ଣ ଖାଲି ମଣିଷର ଏକାଧିକାର? ମଣିଷ ପୃଥିବୀର ମାଲିକ ନୁହେଁ, ଜାଣିଛ ତ ରମା? ପ୍ରକୃତିର ସଂପଦରେ ସମସ୍ତଙ୍କର ଭାଗ, ସେ ବାଘ ଭାଲୁ ହୁଅନ୍ତୁ କି ହୁଅନ୍ତୁ କୀଟପତଙ୍ଗ?'' (ପୃ:୬)। ଗଭୀର କଥା କହୁକହୁ ଅଭିବ୍ୟକ୍ତିର ଚତୁରତା ବିଜୟଙ୍କ ଗଳ୍ପକୁ ସର୍ବତ୍ର ଗତିଦିଏ। ଯଥା: ''ହାଓଡ଼ାରୁ ଆସୁଥିବା ଗାଡ଼ିକୁ ଅପେକ୍ଷା। ଆସିବେ ଗାନ୍ଧୀ-ମହାତ୍ମା। ଅଭିଶପ୍ତା ଅହଲ୍ୟା ପରି ପାଷାଣୀ ପାଲଟିଥିଲା ଓଡ଼ିଶା ମୁଲକ। ତାରିବେ ବାରବେନିପୁର ସାର ମୋହନଫୁଂସ।'' ('ଗାନ୍ଧୀବଟ', ପୃ:୧୦୨)। ଅତୀତ ଓ ସମକାଳ ତାଙ୍କ ଗଳ୍ପରେ ସମନ୍ୱିତ ହୋଇ ଭବିଷ୍ୟତର ଇନ୍ଦ୍ରଧନୁ ଆଙ୍କିବସନ୍ତି। 'ଉହାଡ଼' ଏହିପରି ଏକ ଗଳ୍ପ- ଯହିଁରେ ମଜ୍ଜି ରହିଥାଏ ଇତିହାସ। ଗାନ୍ଧୀ, ବାଞ୍ଛାନିଧି ଓ ନୀଳମଣି (ରାଉତରାୟ)ଙ୍କ ସ୍ମୃତି ଉଜାଗର ହୋଇଉଠେ ଏଠି ଅକ୍ଳେଶରେ। ବିଜୟଙ୍କ କଥାର ଚଟାଣ ତଳେ ବହିଯାଉଥାଏ କବିତାର ଝରଝର ନଈ। ଯଥା: ''ଗାଁ ଦାଣ୍ଡରେ ଗାଡ଼ି ପହଞ୍ଚିଲା ବେଳକୁ ନଈକୂଳ ଆଡୁ ଧୀରେ ମାଡ଼ିମାଡ଼ି ଆସୁଥିଲା କଅଁଳ ଅନ୍ଧାର। ଚଢ଼େଇମାନଙ୍କ ଘରବାହୁଡ଼ା କିଚିରିମିଚିରି ଦାଣ୍ଡଘାଟକୁ କରିଥିଲା ସଂଗୀତମୁଖର। ତାଙ୍କ ସମ୍ଭ୍ରାନ୍ତ ମାଟିଘରର ତାଳଗଛ ପ୍ରାୟ ମଥାନ ଯେମିତି ସଞ୍ଜ ଆକାଶକୁ ଛୁଇଁବାର ଆସ୍ପର୍ଦ୍ଧାରେ ମଗ୍ନ। ଆକାଶରୁ ଝରିପଡୁଥିବା ବିନ୍ଦୁବିନ୍ଦୁ ଦାଣ୍ଡଧୂଳିକୁ ଅବିରରେ ପରିଣତ କରିଥିଲା ଅବା!'' (ଧୂଳିଫୁଲର ମହକ, ପୃ:୧୧୯-୧୨୦)। ବହିଟି ପାଠିକାପାଠକଙ୍କ ଅନ୍ତରରେ ଯେଉଁ ଗାର କାଟିବ, ତାହା ଅଲିଭା ରହିବ କାଳାନ୍ତରକୁ।

## କ ବି ତା

### ଧ୍ୱଂସ

**ଶତପଥୀ ରୋଜାଲିନ ବେହେରା**

ଧୂଆଁ ଉଠୁ ନ ଉଠୁ
ସକାଳର ସାଉଁଳାପଣରେ
ଏଠି ଧ୍ୱଂସ ହେଉଥାଏ ଆଖିରୁ ନିଦ,
ଭାଙ୍ଗୁଥାଏ ଗଲାରାତିର ସ୍ୱପ୍ନ
ପିଠିଏ ଖରାରେ ଧ୍ୱଂସ ହେଉଥାଏ
ଭାଗ୍ୟରୁ ଭାଗେ ଭାଗେ,
ଖସୁଥାଏ କାନ୍ଧରୁ କସରତ, ଦେହରୁ ଦମ୍ଭ
ଧ୍ୱଂସ ପରେ ଧୂଳିଉଡ଼ା ରାସ୍ତାରେ
ଜୀବନ ଭେଟୁଥାଏ
ବସନ୍ତରେ ବୈରାଗ୍ୟକୁ,
ସକାଳରେ ସୂର୍ଯ୍ୟାସ୍ତକୁ।

ଧ୍ୱଂସକୁ ଅଟକାଇବାକୁ ଯେବେ
ଅଣ୍ଟା ଭିଡ଼ନ୍ତି ଛଅ ଋତୁ
ନିଆଁଲାଗେ ଶ୍ରାବଣର ସାବନା ଛାତିରେ,
ବୈଶାଖର ବିରହ ରାତିରେ,
ନିଆଁଲାଗେ ପ୍ରେମରୁ ପ୍ରତାରଣା ଯାଏଁ,
ଫୁଲରୁ ଫରୁଆ ଯାଏଁ,
କୁହୁଳା ପଡ଼େ କରଛଡ଼ା କରମରେ
ଜଉମୁଦା ଜୀବନରେ।

ଅବଶ୍ୟ କେବେ କେମିତି
ଅସରାଏ ଅସରାଏ ମେଘ
ଧୋଇନିଏ ପାଦତଳୁ ପାଉଁଶ,
ଛାତି ତଳୁ ଅବସୋସ,
ତଥାପି ମନଟା ମରୁଭୂମି ପାଲଟେ
ଧ୍ୱଂସର ଧୂ ଧୂ ଖରାବେଳେ,
ଝାଇଁମାରି ଝାଉଁଳିଯାଏ ଜୀବନ...।

- ଚାନ୍ଦିନୀ ଚୌକ, କଟକ
ମୋ: ୭୩୭୭୯୩୧୩୮୦

### ଏକତାରା

**କୃଷ୍ଣା ମିଶ୍ର**

ଏକା ଏକତାରା, ବାଜେ ରାତିସାରା
କହେ କାହାଣୀ କାହାର କୋହଭରା
କେବେ ଭାବର ଭେଳାରେ ଭାସୁ ଭାସୁ
ତା'ର ସୁର ହୋଇଯାଏ ଛନ୍ଦହରା!

ବର୍ଷା ଭିଜାଏ ରାତିସାରା
ଉଦାସ ଆକାଶ ଚନ୍ଦ୍ରହରା,
ବଜ୍ର ବିଜୁଳି ବଳୟ ଡେଇଁ
ଖସିଆସେ ଏକ ଲଞ୍ଜାତାରା!

ଜଣେ ଲଞ୍ଜାତାରା, ଜଣେ ଏକତାରା
କିଏ ହଜିଯିବ ଶୂନ୍ୟ ଆକାଶରେ,
ଯିଏ ଗଜଲ ଗାଇବ ରାତିସାରା,
ସିଏ ଏକତାରା, ଆହା ଏକତାରା!

ମୋ: ୯୮୫୩୩୭୫୭୩୪

### ସିନ୍ଦୂର

**ନିର୍ମଳ ଚନ୍ଦ୍ର ଶୂରଦେଓ**

ସିନ୍ଦୂର!
ଏକ ପବିତ୍ର ବନ୍ଧନ
ବର୍ତ୍ତମାନ ଓ ଭବିଷ୍ୟତର;
ଏକ ସ୍ୱରଲିପି, ହୃଦୟ ଓ ମନର।

ସିନ୍ଦୂର!
ଏକ ଦର୍ପଣ ଆତ୍ମବିଶ୍ୱାସର
ବନ୍ଧନରେ ବନ୍ଧା ଏକ ଆତ୍ମଲିପି
ଆତ୍ମପ୍ରତ୍ୟୟ ଓ ଇଜ୍ଜତର
ଏକ ପ୍ରସ୍ଫୁଟିତ ଫୁଲ।

ସିନ୍ଦୂର!
ଦେଖାଯାଉ ନଥିବା ହୃଦୟର
ସଫେଦ ଆତ୍ମପ୍ରକାଶ
ବିଶ୍ୱାସ ଓ ସ୍ନେହର ମଧୁର ଲେପ।

ସିନ୍ଦୂର!
ନାଲି ରଙ୍ଗର ଜଳୁଥିବା ଦୀପ
ନିଜ ଉତ୍ତାପକୁ
ନିଜେ ରଖି ଅନ୍ୟକୁ ଶୀତଳତା
ଦେବାର ପ୍ରତିଶ୍ରୁତି।

ମୋ: ୯୯୩୮୩୦୯୬୫

ଗୀତି-କବିତା

### ତୁମ ଘର ତୁମ ଗାଁ

**ପୀୟୂଷ ପଟ୍ଟନାୟକ**

କୁହୁଡ଼ି ତ ଏଠି ଧୂଆଁଳିଆ ଦିଶେ କାଶତଣ୍ଡୀର ପଠା
ପର୍ଣ୍ଣବୀଥିରେ କାକର ଲେଖୁଛି ହେମାଳ ମନର କଥା
କାକର ଆଖିରେ ସ୍ୱପ୍ନ ଦେଖଇ ସଜଳ ଇନ୍ଦ୍ରଧନୁ
ସକାଳ ତ ଆଜି ପତ୍ର ଲେଖୁଛି ଅରୁଣ ରଙ୍ଗ ମନୁ।

ସକାଳର ଖରା ନିଃସର୍ଗ ଭରା ଛୁଇଁଛି ଆମ୍ରବନ
ଚପଳ ଛଇଳ କୋକିଳକଣ୍ଠ ପରଶେ ମଧୁର ସ୍ୱନ
ଘାସର ଗାଲିଚା ଫୁଲର ବଗିଚା ସୂର୍ଯ୍ୟକୁ ଦେଖେ ଫେରି
ଅଳସ ଦେହରେ ସ୍ନିଗ୍ଧ ଆଲୋକ ବର୍ଣ୍ଣର ଆଶାବରୀ।

ନଦୀର ଜଳ ତ ଉଷ୍ଣ ହେଲାଣି ତରଙ୍ଗ ଗାଏ ଗୀତ
ନାଆରୁ ଶୁଭୁଛି ବସନ୍ତ ରାଗ ନାଉରୀ ବସୁଛି ମିତ
ତୁମ ଗାଁ ପାଖ ଧାନ କିଆରିର ହଳଦୀ ବର୍ଣ୍ଣ ଶୋଭା
ହଳଦୀବସନ୍ତ ଆଖିରେ ଆଖିଏ ନବ ଦିଗନ୍ତ ଆଭା।

ପାଖ ଚାଳଘରୁ ଧୂଆଁର ପଟଳ ଆକାଶେ ଲୋଟଣି ମାରେ
ଗ୍ରାମ୍ୟ ବଧୂର ସ୍ୱପ୍ନ ଅଧୀର ମନର ଓଢ଼ଣି ତଳେ
ଅପେକ୍ଷା କରେ କାଳେ କି ଆସିବ ପ୍ରିୟର ଦରଦୀ ଚିଠି
ଆଗାମୀ ଲଗ୍ନ ମଧୁରେ ମଗ୍ନ ଫେରନ୍ତା ଦିନ ତିଥି।

ନିଦ କି ତୁମର ଭାଙ୍ଗିବ ନାହିଁ ଏତେ କି ଗହନ ନିଦ!
ପଡୁନି କି କାନେ ଉଦାସୀ ମନର ତରଳ ଭାଷାର ଶବ୍ଦ।

ମୋ: ୭୫୦୬୧୮୯୦୩୦

## କାଳକାଳକୁ



**''ଜହ୍ନରାତି କେବଳ ଉଜ୍ଜ୍ୱଳ ତାରାଙ୍କୁ ହିଁ ଦେଖାଏ।''**
**- ଜେ.ଆର୍.ଆର୍. ଟୋଲକିଏନ୍**

**ଜେ.ଆର୍.ଆର୍. ଟୋଲକିଏନ୍‌ଙ୍କ** ଜନ୍ମ ଇଂଲଣ୍ଡରେ ୩ ଜାନୁଆରୀ ୧୮୯୨ରେ ଓ ପରଲୋକ ୨ ସେପ୍ଟେମ୍ବର ୧୯୭୩ରେ। ସେ ସୁବିଖ୍ୟାତ କଳ୍ପ-ସାହିତ୍ୟର ଲେଖକ, ଅନୁବାଦକ ଓ ସାହିତ୍ୟ-ସମୀକ୍ଷକ। ତାଙ୍କର ପ୍ରଖ୍ୟାତ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ "The Hobbit" (୧୯୩୭) ଓ "The Lord of the Rings" (୧୯୫୪)। ବୃତ୍ତିରେ ସେ ଇଂଲିଶ୍ ଭାଷା-ସାହିତ୍ୟର ପ୍ରଫେସର। ବିଖ୍ୟାତ ଲେଖକ ସି.ଏସ୍. ଲୁଇସ୍‌ଙ୍କର ସେ ଥିଲେ ଘନିଷ୍ଠ ବନ୍ଧୁ। ମୃତ୍ୟୁପରେ ତାଙ୍କର ଅପ୍ରକାଶିତ ପାଣ୍ଡୁଲିପି ଓ ଟିପ୍ପଣୀ ଆଧାରରେ ତାଙ୍କ ପୁଅଙ୍କ ଦ୍ୱାରା ପ୍ରସ୍ତୁତ କେତେକ ପୁସ୍ତକ ପ୍ରକାଶ ପାଇଛି। ସେ କହନ୍ତି: ''ଯେଉଁ କାମ ଏଯାଏଁ ଆରମ୍ଭ ହୋଇନି, ସରିବାକୁ ବେଶୀ ସମୟ ନେବ'' ଓ କହନ୍ତି: ''ନିରାଶ ହୁଅନାହିଁ, ଗଳିମୋଡ଼ରେ ତମକୁ ଅପେକ୍ଷା କରିଥାଇପାରେ ନିଷ୍କ୍ରମଣର ରାସ୍ତାଟିଏ।''

## ଶେଷ ଡାକ

**କ୍ଷୁଦ୍ରଗଳ୍ପ**

**ଭବାନୀ ଶଙ୍କର ଦାଶ**

ଶେଷ ଡାକରେ ବୋଧେ ତା' ନିଦ ଭାଙ୍ଗିଗଲା। ଜୀବନରେ ଶେଷ ଡାକ ବୋଲି କିଛି ନ ଥାଏ। ଶେଷ ଡାକ ପରେ ପୁଣି ଆଉକିଛି ରହିଥାଏ ବାକି। ଡାକିବା ପାଇଁକି। ହୁଏତ ଡାକି ହୁଏନା। ଶେଷ ଟୋପାକ ଲୁହ ପରି କଥାଗୁଡ଼ାକ ଟଳମଳ ହୁଅନ୍ତି ଅଜାଡ଼ି ହୋଇଯିବା ପାଇଁ। ଢାଳି ହୋଇଯିବା ପାଇଁ। ମାତ୍ର ସେମିତି କିଛି ହେଲାନି। ରାତିରେ ନିଦରେ ଶୋଇଥିବା ସୁସ୍ଥ ଲୋକଟା ଜୋର୍‌ରେ ଗୋଟେ ଡାକ ମାରିଲା। ସକାଳୁ ଆଉ ଉଠିଲା ନାହିଁ। ରାତିଏ ନିଦ ଭିତରେ ତମାମ ଜୀବନ ଓ ଜୀବନଜାତ କଥା, ବ୍ୟଥା ଓ ଲୁହ ସବୁ ଚାପି ହୋଇ ନୀରବିଗଲେ ସବୁଦିନ ପାଇଁ। ପାଖ ଶେଯରୁ ଶୁଭୁଥିଲା କ୍ୟାନ୍‌ସରର ଶେଷ ପର୍ଯ୍ୟାୟରେ ଥିବା ବାପର ଯନ୍ତ୍ରଣାକାତର ଚିତ୍କାର। ନିଦରୁ ଉଠି ମୃତ ମାଆକୁ ନିଦରୁ ଉଠେଇବାର ନିଷ୍ଫଳ ପ୍ରୟାସ କରୁଥିବା ଚାରିପାଞ୍ଚ ବର୍ଷର ଝିଅର ଅଝଟ କାନ୍ଦଣା ରାତିର ଛାତିକୁ ଚିରି ଦେଉଥିଲା। ଅଥଚ ରାତିରୁ ବନ୍ଦ ଥିବା କବାଟ ଆଉ ଖୋଲୁ ନଥିଲା।

ସେତେବେଳକୁ ଖରା ଟାଣ ହେଲାଣି। ଫାଳିକିଆ ଆଜ୍‌ବେଷ୍ଟସ ଘର। ଝରକା ନଥିଲା। ବୋଉ ତ ଯେତେ ଡାକିଲେ ବି ଉଠୁନଥିଲା। ବାପା ବି ସକ୍ଷମ ନଥିଲେ ଉଠି କବାଟ ଖୋଲିବା ପାଇଁ। ଝିଅର ହାତ ପାଇବ ନାହିଁ କବାଟର ହୁକ ଖୋଲିବାକୁ। ବାପର ଯନ୍ତ୍ରଣାକ୍ତ କରୁଣ ଚାହାଣିରୁ ଝିଅ ବୁଝିପାରୁଥିଲା ମାଆକୁ ଡାକିବା ପାଇଁ। ଯେତେ ଡାକିଲେ ବି ମାଆ ଶୁଣୁ ନ ଥିଲା। କବାଟ ଖୋଲା ନହେଲେ ନଚଳେ। କୌଣସିମତେ ମାଆ ବାନ୍ଧି ରଖିଥିବା ଲୁଗାପୁଟୁଳାଟାକୁ ଟାଣି ଟାଣି କବାଟ ପାଖକୁ ନେଇଗଲା। ତା' ଉପରେ ଛିଡ଼ା ହୋଇ ବହୁ କଷ୍ଟରେ କବାଟ ଖୋଲି ଦେଲା। କବାଟ ଖୋଲୁଖୋଲୁ ମାଛିଗୁଡ଼ାକ ଘରେ ପଶିଗଲେ। ବାପା ଶେଯରେ ଝାଡ଼ା କରିଦେଇଥିଲେ ବୋଉ ସବୁଦିନେ ପୋଛିଦିଏ। ଆଜି ତ ବୋଉ ଉଠୁନି। ବାପାଙ୍କ ଝାଡ଼ା ପୋଛିବ କିଏ? ମଝିରେ ମଝିରେ ବାପାଙ୍କ ବିକଟାଳ ଚିତ୍କାର ଶୁଣି ଝିଅଟା ଡରିଯାଇ ଜୋର୍‌ରେ କାନ୍ଦିଉଠେ। ତା'ପରେ କାନ୍ଦ ବନ୍ଦ କରି ବାପ ମୁହଁକୁ ଚାହୁଁଥାଏ।

ଭୋକରେ ପେଟ ଜଳିଲାଣି। କାଲିଠୁ କିଛି ଖାଇନି। ଘରେ କିଛିନାହିଁ ଖାଇବାକୁ। ବୋଉ ତ ଉଠୁନି। ବାପାଙ୍କ ଚିତ୍କାର କ୍ରମେ ଅସ୍ପଷ୍ଟ ହୋଇଆସିଲା। ଦ୍ୱାରବନ୍ଧ ଉପରେ ଛୋଟ ଝିଅଟା ବସି ଶୂନ୍ୟକୁ ଅନେଇଥିଲା। କେହି ଆସିବାର ନାହିଁ। ଅଲରା ଚୁଟିକୁ କୁଣ୍ଡେଇ କୁଣ୍ଡେଇ ପାଖ ନଳକୂଅ ପାଖକୁ ଗଲା। ମୁହଁ ଲଗାଇ ମୁନ୍ଦେ ପାଣି ପିଇଦେଲା। ଏତିକିବେଳେ ବାପା ଡାକମାରିଲେ ଜୋର୍‌ରେ। ଆସି ଦେଖିଲା ବାପା ଶୋଇପଡ଼ିଛନ୍ତି। ହଲ୍‌ଚଲ୍ ନାହିଁ। ଏପଟେ ବୋଉ, ସେପଟେ ବାପା। ମଝିରେ ଯାଇ ଝିଅଟା ଶୋଇପଡ଼ିଲା। ଗନ୍ଧରେ ଘରଟା ଭରି ରହିଥିଲା। ସେଥିପ୍ରତି ତା'ର ଭ୍ରୂକ୍ଷେପ ନଥିଲା। ଏମିତି ଗନ୍ଧ ଭିତରେ ବଞ୍ଚିବା ସିଏ ଶିଖିଗଲାଣି।

ପାଖ ଗାଁରୁ କେତେଜଣ ଆସି ଡାକିଲେ। ଝିଅଟା ବାହାରକୁ ଗଲା। ସେମାନେ ତାକୁ ଖାଇବାକୁ ଦେଲେ। ଖାଇସାରି ମାଗିଲା ବାପା ବୋଉ ପାଇଁ। କହିଲା ସେମାନେ ଶୋଇଛନ୍ତି ଉଠିଲେ ଖାଇବେ। ଜଣେ କିଏ ତା' ଛିଣ୍ଡା ପୁରୁଣା ଜାମାପେଣ୍ଟ ବଦଳେଇ ନୂଆ ପିନ୍ଧେଇ ଦେଲେ। ତା' ମନ ଖୁସି। ଆସିଥିବା ଲୋକମାନେ ତା' ବାପା ବୋଉକୁ ଶେଯ ସହ ଗୁଡ଼ାଇ ବାନ୍ଧିଦେଲେ। ଝିଅ କିଛି ବୁଝିପାରୁ ନଥାଏ। ତାଙ୍କୁ ନେଇ ସାମ୍ନାରେ ଥିବା ମଶାଣିରେ ପୋଡ଼ିଦେଲେ। ପୋଡ଼ିଗଲାବେଳେ ଝିଅଟା ଉଚ୍ଚ ସ୍ୱରରେ କାନ୍ଦିଉଠିଲା। ତାକୁ ଭୁଲେଇବା ପାଇଁ କିଛି ଚକୋଲେଟ ଧରେଇ ଦିଆଗଲା। ସିଏ ଖାଇଲା। ଖାଇଲାବେଳେ କାନ୍ଦୁ ନ ଥିଲା। ମାତ୍ର ଖାଇସାରିବା ପରେ ଅତି କରୁଣ କଣ୍ଠରେ ବୋଉ... ବୋଉ... ଡାକି କାନ୍ଦୁଥିଲା।



ଏକାଲୟରେ ସେ ଜୁଇକୁ ଚାହିଁ ମୋ' ବୋଉ କାହିଁ ବୋଲି ପଚାରି ଚାଲିଥିଲା। ଶ୍ରାବଣର ବର୍ଷା ପରି ଆଖିରୁ ତା'ର ଲୁହ ଝରିପଡୁଥିଲା। ଲୋକମାନେ ତାକୁ ତା' ଘରକୁ ନ ନେଇ ନେଇଗଲେ ଶ୍ମଶାନ ଆରପଟେ ଥିବା ଅନାଥାଶ୍ରମକୁ।

ଆଜକୁ ଦୁଇମାସ ହେଲାଣି। ତା' ମନକୁ ଭୁଲେଇବା ପାଇଁ ସକଳ ଚେଷ୍ଟା ବ୍ୟର୍ଥ। ସେଦିନଠୁ ଆଜିଯାଏ ସଞ୍ଜ ହେଲେ ଝିଅଟା ବାହାରକୁ ବାହାରିଯାଇ ତା' ଘରଆଡ଼କୁ ଚାହେଁ। ଅନ୍ଧାରକୁ ଚାହିଁ ଡାକମାରେ ବୋଉଲୋ... ହେ ବୋଉ...। ତା' ଡାକ କେବଳ ଶୂନ୍ୟରେ ପ୍ରତିଧ୍ୱନି ତୋଳେ ସିନା, ବୋଉର ଉତ୍ତର ମିଳେନାହିଁ। କିନ୍ତୁ ସେମିତି ଡାକିବାରୁ ଆଜି ବି ସେ ବିରତ ନୁହେଁ। ଦିନେ ସମସ୍ତଙ୍କ ଆଖିରେ ଧୂଳି ଦେଇ ଝିଅଟା ଅନ୍ଧାର ଭିତରେ କୁଆଡ଼େ ହଜିଗଲା। ଯେତେ ଖୋଜିଲେ ବି ମିଳିଲାନି। ସକାଳୁ ଲୋକମାନେ ତାକୁ ତା' ଘର ଭିତରେ ଶୋଇଥିବା ଅବସ୍ଥାରେ ପାଇଲେ। ତା' ପାଟିରୁ ଫେଣ ବାହାରି ଶୁଖିଯାଇଥିଲା।

ମୋ: ୮୯୧୭୬୨୪୩୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୩/୨୦୨୬ Bhubaneswar, Saturday, January 3/ 2026




# ଆଜିଠୁ ପୁରୁଷ ହକି ଇଣ୍ଡିଆ ଲିଗ୍



ହକି ଇଣ୍ଡିଆ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ୮ ଦଳର ଅଧିନାୟକ।

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ଚେନ୍ନାଇର ମେୟର ରାଧାକ୍ରିଶନ ହକି ଷ୍ଟାଡିୟମରେ ଶନିବାରଠାରୁ ପୁରୁଷ ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେବାକୁ ଯାଉଛି। ତାମିଲନାଡୁ ଡ୍ରାଗନ୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଅନ୍ୟ ୬ ଦଳ ହେଲେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ, ରାଞ୍ଚି ରୟାଲ୍ସ, ରର୍ ବେଙ୍ଗଲ ଟାଇଗର୍ସ ଓ ସୁର୍ମା ହକି କ୍ଲବ। ପୁନରୁଦ୍ଧାର ହେବାପରେ ଏହା ହେଉଛି ଏଚ୍‌ଆଇଏଲ୍‌ର ଦ୍ୱିତୀୟ ସଂସ୍କରଣ। ଚେନ୍ନାଇରେ ଏହି ଲିଗ୍ ଚଳିତ ମାସ ୩ରୁ ୯ ପର୍ଯ୍ୟନ୍ତ ହେବାପରେ ରାଞ୍ଚିରେ ୧୧ରୁ ୧୬ ପର୍ଯ୍ୟନ୍ତ ଖେଳାଯିବ। ଲିଗ୍‌ର ଶେଷ ପର୍ଯ୍ୟାୟ ଭୁବନେଶ୍ୱରରେ ୧୭ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ୯ଟି ଲିଗ୍ ମ୍ୟାଚ ସହ ସମସ୍ତ ନକ୍‌ଆଉଟ ଗେମ୍ ଆୟୋଜନ ହେବ। ଫାଇନାଲ ଜାନୁଆରୀ ୨୬ରେ ଅନୁଷ୍ଠିତ ହେବ। ଅଧିକରୁ ଅଧିକ ହକି ପ୍ରଶଂସକଙ୍କ ସହ ଯୋଡ଼ି ହେବାଲାଗି ଏଚ୍‌ଆଇଏଲ୍‌କୁ ଏଥର ୩ ସହରରେ ଆୟୋଜନ କରାଯାଉଛି। ଗତ ସଂସ୍କରଣରେ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ଚାମ୍ପିୟନ ଓ ହାଇଦ୍ରାବାଦ ତୋଫାନ୍ସ ରନରଅପ୍ ହୋଇଥିଲା।

ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଭିତ୍ତିରେ ଖେଳାଯିବ। ଟପ୍-୪ ଦଳ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିବେ। ଲିଗ୍ ପର୍ଯ୍ୟାୟ ଶେଷରେ ଶୀର୍ଷରେ ଥିବା ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ ଜାନୁଆରୀ ୨୩ରେ ଅନୁଷ୍ଠିତ ହେବ। ଏହାର ବିଜେତା ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ୩ ଓ ୪ ନମ୍ବର ସ୍ଥାନ ମଧ୍ୟରେ ଥିବା ଦଳ ମଧ୍ୟରେ ଏଲିମିନେଟର ମଧ୍ୟ ସେହିଦିନ ଖେଳାଯିବ। ଏହାର ବିଜେତା ଓ କ୍ୱାଲିଫାୟର-୧ର ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ୨୫ ତାରିଖରେ ଅନୁଷ୍ଠିତ ହେବ। ଦୁଇ କ୍ୱାଲିଫାୟରର ବିଜେତା ମଧ୍ୟରେ ଫାଇନାଲ ୨୬ ତାରିଖରେ ଖେଳାଯିବ। ଏଲିମିନେଟର ଓ କ୍ୱାଲିଫାୟର-୨ର ପରାଜିତ ଦଳ ମଧ୍ୟରେ ୩ୟ ସ୍ଥାନ ପାଇଁ ମ୍ୟାଚ ସେହି ୨୬ ତାରିଖରେ ଅନୁଷ୍ଠିତ ହେବ।


ଲିଗ୍‌ରେ ଭାରତର ଅନେକ ଅଭିଜ୍ଞ ଏବଂ ଯୁବ ଖେଳାଳିଙ୍କୁ ଦେଖିବାକୁ ମିଳିବ। ସେହିପରି ଅନେକ ବିଦେଶୀ ତାରକା ଖେଳାଳି ଆକର୍ଷଣରେ ରହିବେ।

## କେଉଁଠି କେବେ

- ଚେନ୍ନାଇ: ଜାନୁଆରୀ ୩ରୁ ୯
- ରାଞ୍ଚି: ଜାନୁଆରୀ ୧୧ରୁ ୧୬
- ଭୁବନେଶ୍ୱର: ଜାନୁଆରୀ ୧୭ରୁ ୨୬

ଭାରତୀୟ ତାରକା ଖେଳାଳିଙ୍କ ମଧ୍ୟରେ ଅଧିନାୟକ ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ରୂପିନ୍ଦର ପାଲ୍ ସିଂ ଏବଂ ଯୁବ ଖେଳାଳିଙ୍କ ମଧ୍ୟରେ ରୋହିତ, ଧୀରଜ ସିଂ, ଅମିର ଅଲୀ, ମନମିତ, ସୁନୀଲ ପି.ଆର., ପ୍ରିନ୍ସଦୀପ ସିଂ ସାମିଲ ଅଛନ୍ତି। ସେହିପରି ବିଦେଶୀ ଖେଳାଳିଙ୍କ ମଧ୍ୟରେ ଟମ୍ ବୁନ୍, ଖ୍ରିଷ୍ଟୋଫର ରୁହର, ଭିନସେଣ୍ଟ ଭାନାଶ୍ଚ, ଭିକ୍ଟର ୱେଗ୍‌ନେଜ, ଆର୍ଥର ଭାନ୍ ଡୋରେନ, ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ, ସାମ୍ ୱାର୍ଡ ପ୍ରଭୃତିଙ୍କ ଉପରେ ନଜର ରହିବ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କଳିଙ୍ଗ ଲାନ୍ସର୍ସ ଦଳ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ସଂସ୍କରଣ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଚଳାଇଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳର ଖେଳାଳି, ସପୋର୍ଟ ଷ୍ଟାଫ୍ ଓ କର୍ମକର୍ତ୍ତାମାନେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଖେଳାଳିମାନେ ଚଳିତ ସିଜନ ଲାଗି ସେମାନଙ୍କର ଅଫିସିଆଲ ଜର୍ସି ଉପ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଖେଳାଳି ଓ ଅଫିସିଆଲଙ୍କ ସହ ବେଦାନ୍ତ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ ଓ ଆଲୁମିନିୟମ ମାଇନ୍ସର ସିଏଫ୍‌ଓ ଏସ୍. ସୁରେଶ ଉପସ୍ଥିତ ଥିଲେ। ''ଆମକୁ ସମୟ ଦେଇଥିବାରୁ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିଥିବାରୁ ଆମେ କନକ ବର୍ଦ୍ଧନ ସିଂଦେଓଙ୍କ ନିକଟରେ କୃତଜ୍ଞ। ଭାରତୀୟ ହକି ଯାତ୍ରାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମାଧ୍ୟମରେ ଆମେ ହକିକୁ ସମର୍ଥନ ଲାଗି ପ୍ରତିଶ୍ରୁତିବଦ୍ଧ। ନୂଆ ସିଜନ ଲାଗି ପ୍ରସ୍ତୁତ ହେଉଥିବା ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଆମର ଶୁଭେଚ୍ଛା। ଏହି ଦଳ ରାଜ୍ୟକୁ ଗର୍ବିତ କରିବାନେଇ ଆମେ ଆଶାବାଦୀ'' ବୋଲି ସିଇଓ ଚନ୍ଦ୍ରୁ ପ୍ରକାଶ କରିଛନ୍ତି। ଆଗାମୀ ଲିଗ୍‌ରେ କଳିଙ୍ଗ ଲାନ୍ସର୍ସ ଭଲ ପ୍ରଦର୍ଶନ କରିବାନେଇ ମୁଖ୍ୟ କୋଚ୍ ଜେ. ଷ୍ଟାସି ଆଶାପ୍ରକାଶ କରିଛନ୍ତି। ଚେନ୍ନାଇରେ ଲିଗ୍‌ର ପ୍ରଥମ ଚରଣ ଆରମ୍ଭ ହେବାକୁ ଯାଉଥିବାବେଳେ ଆସନ୍ତା ୪ରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ ଆରମ୍ଭ ହେବ।



କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ପ୍ରସ୍ତୁତି ତଦାରଖ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ବାଂଲାଦେଶରେ କ୍ରିକେଟ ସିରିଜ ଖେଳିବ ଭାରତ

**ଢାକା, ୨।୧ (ପି.ଟି.):** ଭାରତ ଚଳିତବର୍ଷ ସେପ୍ଟେମ୍ବରରେ ବାଂଲାଦେଶରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ କ୍ରିକେଟ ସିରିଜ ଖେଳିବ। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ବାଂଲାଦେଶରେ ବର୍ତ୍ତମାନ ଅସ୍ଥିରତା ଓ ଅରାଜକତା ଦେଖାଦେଇଛି। ଏହି ପରିସ୍ଥିତିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ବାଂଲାଦେଶକୁ ଏହାର ଦଳ ପଠାଇବ କି ନା ସେ ସମ୍ପର୍କରେ ତାହା ସ୍ପଷ୍ଟ କରିନାହିଁ। ବିସିବି ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ, ତିନୋଟି ଦିନିକିଆ ମ୍ୟାଚ ସେପ୍ଟେମ୍ବର ୧, ୨ ଓ ୩ ତାରିଖରେ ଖେଳାଯିବାକୁ ଥିବାବେଳେ ଟି୨୦ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୯, ୧୨ ଓ ୧୩ରେ ଖେଳାଯିବ।

# ଜାତୀୟ ଜୁନିୟର ଫେନ୍‌ସିଂ ୫ରୁ




ପ୍ରତିଯୋଗିତା ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୩ତମ ଜାତୀୟ ଜୁନିୟର (ବାଳିକା/ବାଳକ) ଫେନ୍‌ସିଂ ଚାମ୍ପିୟନଶିପ୍ ଚଳିତ ମାସ ୫ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ ସହଯୋଗରେ ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରିବ। ପ୍ରତିଯୋଗିତା ଲାଗି ୫୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଶୁକ୍ରବାର ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ସକାଳ ୮ଟାରୁ ଅପରାହ୍ନ ୧ଟା ଏବଂ ୩ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ସୁପରିଚାଳନାଲାଗି ଏକ ଆୟୋଜକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ତଥା ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂଦେଓ ମୁଖ୍ୟ ପରାମର୍ଶଦାତା, କାର୍ଯ୍ୟକାରୀ ସଭାପତି ହରି ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷ, ଯୁଗ୍ମ ସମ୍ପାଦକ ସୁମିତ କୁମାର ପୁରୋହିତ ସମ୍ପାଦକ ଏବଂ ୧୧ ଜଣ ସଦସ୍ୟ ରହିଛନ୍ତି।

## ଆଜିଠାରୁ ଡାକାର ରାଲି

# ୭ମ ଥର ଭାଗ ନେବେ ଭାରତୀୟ ହରିଥ୍

**ୟାନ୍‌ବୁ, ୨।୧ (ପି.ଟି.):** ବିଶ୍ୱର ସବୁଠାରୁ କଠିନ ମୋଟର ସ୍ପୋର୍ଟ୍ସ ଇଭେଣ୍ଟ ଡାକାର ରାଲିର ୪୮ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା କ୍ରମାଗତ ୬ଥର ପାଇଁ ସାଉଦି ଆରବରେ ଆୟୋଜିତ ହୋଇଛି। ଭାରତର ଅଗ୍ରଣୀ ରାଲି ରେଡ୍-ରାଇଡର ୩୨ବର୍ଷୀୟ କେରଳର ହରିଥ ନୋଆ ୭ମ ଥର ପାଇଁ ଏହି ରେସ୍‌ରେ ଭାଗନେବାକୁ ଯାଉଛନ୍ତି। ହରିଥ ତାଙ୍କ ୭ମ ଡାକାର ରେସ୍‌ରେ ଟିଭିଏସ୍ ଶେର୍‌କୋ ଆର୍‌ଟିଆର୍ ୪୫୦ ବାଇକ୍ ବ୍ୟବହାର କରିବେ।

# ରାମେଶ୍ୱର-ମୁକ୍ତେଶ୍ୱର ଫାଇନାଲ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍ ଦି ରେଡ୍ ଷ୍ଟାରକୁ ହରାଇ ମୁକ୍ତେଶ୍ୱର ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କ୍ଲବ ଦି ରେଡ୍ ଷ୍ଟାର ଦଳ ୩୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ମୁଦୁଲି ସର୍ବାଧିକ ୩୯ ଓ କ୍ଷୀରୋଦ ଭଞ୍ଜ ୩୬ ରନ କରିଥିଲେ। ବିପକ୍ଷ ଦଳର ଅଭିଷେକ ଓ ଶ୍ଳୋକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୨୫.୫ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭୁବନେଶ ସାମଲ ସର୍ବାଧିକ ୪୦ ଓ ଅଂଶୁମାନ ଦାସ ୩୩ ରନ କରିଥିବାବେଳେ ଆୟନ ନାୟକ ୩୩ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ୨୧.୫ ଓଭର ବେଳକୁ ୧୦୮ ରନରେ ୬ ଉଇକେଟ ହରାଇ ସାରିଥିବା ମୁକ୍ତେଶ୍ୱରକୁ ଧୈର୍ଯ୍ୟପୂର୍ଣ୍ଣ ୩୩ ରନର ଇନିଂସ ଖେଳି ଜିତାଇଥିବା ଆୟନ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପସଭାପତି ଅଜିତ କୁମାର ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ।

# ମାରିଜନେ ପୁଣି ମହିଳା ହକି କୋଚ୍



**ନୂଆଦିଲ୍ଲୀ, ୨।୧ (ପି.ଟି.)**

ନେଦରଲାଣ୍ଡ୍‌ସର ଜୋର୍ଡ ମାରିଜନେ ପୁନର୍ବାର ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭାରତ ଟୋକିଓ ଅଲିମ୍ପିକ ଗେମ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ୫୧ ବର୍ଷୀୟ ମାରିଜନେ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଭାରତୀୟ ମହିଳା ଦଳ ସହିତ ସମ୍ପୃକ୍ତ ଥିଲେ। ମାଟିଆସ୍ ଭିଲା ତାଙ୍କୁ ଆନାଲିଟିକାଲ କୋଚ୍ ଭାବେ ସହାୟତା କରିବେ। ଭିଲା ହେଉଛନ୍ତି ଜଣେ ପୂର୍ବତନ ଆର୍ଜେଣ୍ଟିନା ମିଡ୍‌ଫିଲ୍ଡର। ୧୯୯୭ରେ ସେ ତାଙ୍କର ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସ ଓ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସେ ତାଙ୍କ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ କୋଚିଂ ପେସାରେ ନିଜକୁ ନିୟୋଜିତ କରିଛନ୍ତି। ଭାରତୀୟ ହକି ସେଟ୍‌ଅପ୍‌କୁ ଫେରିବା ପରେ ୱେନ୍ ଲୋମ୍ବାର୍ଡ ବୈଜ୍ଞାନିକ ପରାମର୍ଶଦାତା ଏବଂ ଆଥଲେଟିକ୍ ପ୍ରଦର୍ଶନର ମୁଖ୍ୟଭାବରେ କାର୍ଯ୍ୟ କରିବେ। ତାଙ୍କୁ ବୈଜ୍ଞାନିକ ପରାମର୍ଶଦାତା ଭାବେ ସହାୟତା କରିବେ ରୋଡେଟ୍ ୟିଲା ଓ ସିଆରା ୟିଲା। ମାରିଜନେଙ୍କ କାର୍ଯ୍ୟକାଳ ସମୟରେ ଭାରତ ବିଶ୍ୱ ଟପ୍ ୧୦ ର୍‍ୟାଙ୍କିଙ୍ଗରେ ପ୍ରବେଶ କରିଥିଲା। ମାର୍ଚ୍ଚ ୮ରୁ ୧୪ ତେଲଙ୍ଗାନାର ହାଇଦ୍ରାବାଦଠାରେ ହେବାକୁଥିବା ମହିଳା ବିଶ୍ୱକପ୍ କ୍ୱାଲିଫାୟର୍ସ ମୁଖ୍ୟ କୋଚ୍ ଭାବେ ମାରିଜନେଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ମାରିଜନେ ଜାନୁଆରୀ ୧୪ରେ ଭାରତରେ ପହଞ୍ଚିବେ।

# ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଟିମ୍ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଆନ୍ଧ୍ର ପ୍ରଦେଶ ସ୍ୱର୍ଣ୍ଣ, ଛତିଶଗଡ଼ ରୌପ୍ୟ ଓ ବିହାର ଅନ୍ୟତମ ଦଳଭାବେ ବ୍ରୋଞ୍ଜ ପଦକ ଜିତିଛି। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ଆଇନଜୀବୀ ପ୍ରଶାନ୍ତ ବର୍ମା, ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ଉପସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଏମ୍‌ଡି ଆଜମ, ଆମେଚର ସଫ୍ଟ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ସିଇଓ ଅନିକେତ ଖୋଦାଧାରା, ସିଓଓ ହସମୁକ ବେଗଡ଼ା, ସ୍ୱତନ୍ତ୍ର ପରାମର୍ଶଦାତା ହରସଙ୍ଗ ଖୋଦାଧାରା, ସାମାଜିକକର୍ମୀ ବସନ୍ତ କୁମାର ବାଡୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କଠାରୁ ପଦକ ଓ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ସବ୍‌ଜୁନିୟର ସଫ୍ଟ ଟେନିସ ଦଳ।

# ଅଭିଷେକ ରାଉତଙ୍କ ଅବସର

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ଓଡ଼ିଶାର ସିନିୟର କ୍ରିକେଟର ଅଭିଷେକ ସନ୍ତୋଷ କୁମାର ରାଉତ କ୍ରିକେଟ୍‌ର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଜଣେ ଅଲ୍‌ରାଉଣ୍ଡରଭାବେ ପରିଚିତ ଅଭିଷେକ ଜଣେ ଡାହାଣହାତୀ ବ୍ୟାଟର ଓ ଲେଗ୍ ବ୍ରେକ୍ ବୋଲର ଥିଲେ। ଘରୋଇ କ୍ରିକେଟରେ ସେ ମହାରାଷ୍ଟ୍ର, ମୁମ୍ବାଇ, ଗୋଆ ଏବଂ ଓଡ଼ିଶା ଆଦି ଏକାଧିକ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୯ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୬ ମ୍ୟାଚରୁ ୧୧୩୧ ରନ ଓ ୨୪ ଉଇକେଟ, ଲିଷ୍ଟ-ଏ କ୍ରିକେଟରେ ୪୭ ମ୍ୟାଚରୁ ୯୧୩ ରନ ଓ ୩୫ ଉଇକେଟ ଏବଂ ଟି୨୦ କ୍ରିକେଟରେ ୬୬ ମ୍ୟାଚରୁ ୭୨୧ ରନ କରିବା ସହ ୨୬ ଉଇକେଟ ନେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଅଭିଷେକଙ୍କୁ ଭବିଷ୍ୟତର ଲକ୍ଷ୍ୟପନ୍ଥା ନେଇ ଶୁଭେଚ୍ଛା ଜଣାଇଛନ୍ତି।



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ